

ଅଭିନେତ୍ରୀରୁ ଫିଲ୍ମ ନିର୍ମାତା
▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-57 ◆THURSDAY ◆21 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୫୭ ◆ଗୁରୁବାର ◆୨୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଫଗାନିସ୍ତାନରେ ଜଳିଗଲା ବସ୍; ୭୯ ଦଗ୍ଧ

■ **କାବୁଲ, ୨୦।୮ (ଏଜେନ୍ସି):** ଆଫଗାନିସ୍ତାନର ପଶ୍ଚିମରେ ଥିବା ହେରାତ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅତିକମ୍‌ରେ ୭୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଇରାନରୁ ନିର୍ବାସିତ ପ୍ରବାସୀଙ୍କୁ ନେଇ ଆସୁଥିବା ଏହି ବସ କାବୁଲ ଯାଉଥିଲା ବେଳେ ଟ୍ରକ୍ ଓ ମୋଟର ସାଇକଲକୁ ଧକ୍କା ଦେଇଥିଲା । ଏହାପରେ ବସ୍ ଓଲଟି ପଡ଼ିବାରୁ ଏଥିରେ ନିଆଁ ଲାଗିଯାଇଥିଲା । ନିଆଁ ଏତ ଭୟଙ୍କର ଥିଲା ଯେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ୭୯ ଜଣ ଯାତ୍ରୀଙ୍କ ମଧ୍ୟରେ ୧୭ ଜଣ ଛୋଟ ପିଲା ଅଛନ୍ତି । ବସ ଦ୍ରୁତଗତିରେ ଆସୁଥିଲା ଓ ଡ୍ରାଇଭର ବେପରୁଆ ଢ଼ଙ୍ଗରେ ବସ ଚଳାଉଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଲୋକ ତଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଯାଞ୍ଚ ଶେଷ ହେବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ସରକାରୀ ମୁଖପାତ୍ର ଅହମ୍ମତୁଲ୍ଲା ମୁତାକି ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ।



ଇରାନ୍ ଏହି ପ୍ରବାସୀମାନଙ୍କୁ ବିଦା କରିବା ପରେ ବସ୍ ସେମାନଙ୍କୁ ଆଫଗାନିସ୍ତାନ ଫେରାଇ ଆଣୁଥିଲା ।

## ଏକତରଫା ପ୍ରେମ: ଶିକ୍ଷୟିତ୍ରୀଙ୍କୁ ଜାଳିଦେଲା ଛାତ୍ର

■ **ଭୋପାଳ, ୨୦।୮ (ଏଜେନ୍ସି):** ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର କୋଟୱାଲି ଥାନ ଅଞ୍ଚଳରେ ଚକିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ୧୮ ବର୍ଷୀୟ ଛାତ୍ର ଗତ ସୋମବାର ୨୬ ବର୍ଷୀୟା ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି । ଅଭିଯୁକ୍ତ ହେଉଛି ସୂର୍ଯ୍ୟାଂଶ କୋଚର । ସେ ଏକ୍ସିଲେନ୍ସ ସ୍କୁଲ (ଉତ୍କୃଷ୍ଟ ବିଦ୍ୟାଳୟ)ର ପୂର୍ବତନ ଛାତ୍ର । ନିଆଁରେ ଶିକ୍ଷୟିତ୍ରୀଙ୍କ ଶରୀରର ୨୫ ପ୍ରତିଶତ ଅଂଶ ଜଳିଯାଇଛି । ଦୁଇବର୍ଷ ହେବ ଦୁହେଁ ପରସ୍ପରକୁ ଜାଣିଥିଲେ ବୋଲି ଅଭିଯୁକ୍ତର ପିତା ବିରେନ୍ଦ୍ର କୋଚର କହିଛନ୍ତି ।

ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ ବେଳେ ଶିକ୍ଷୟିତ୍ରୀ ଜଣକ ଏକ ସାଢ଼ି ପିନ୍ଧିଥିଲେ । ଏହାଉପରେ ଅଭିଯୁକ୍ତ ଜଣକ ଆପତ୍ତିଜନକ ଟିପ୍ପଣୀ ଦେଇଥିଲା । ଏଥିପାଇଁ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ । ଏଥିରେ ସୂର୍ଯ୍ୟାଂଶ ରାଗିଯାଇ ଏହି କାଣ୍ଡ ଘଟାଇଛି ବୋଲି କୁହାଯାଉଛି । ଘଟଣା ଦିନ ଅପରାହ୍ନ ୩.୩୦ରେ ଶିକ୍ଷୟିତ୍ରୀଙ୍କ ଘରକୁ ଯାଇ ଅଭିଯୁକ୍ତ ଏକ ବୋତଲରେ ପେଟ୍ରୋଲ ନେଇ ତାଙ୍କ ଉପରେ ଢାଳି ନିଆଁ ଲଗାଇବା ପରେ ସେଠାରୁ ଫେରାର ହୋଇଯାଇଥିଲା ।

ପୀଡିତାଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ନଆଯାଇଥିଲା ଓ ତାଙ୍କର ଚିକିତ୍ସା କରାଯାଇଥିଲା । ଶିକ୍ଷୟିତ୍ରୀଙ୍କ ଅବସ୍ଥା ଗୁରୁତର ଅଛି । କିନ୍ତୁ ତାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ଡାକ୍ତର କହିଛନ୍ତି । ଶିକ୍ଷୟିତ୍ରୀଙ୍କୁ ଅଭିଯୁକ୍ତ ଛାତ୍ର ଏକତରଫା ପ୍ରେମ କରୁଥିଲା ବୋଲି ଏସ୍‌ଡିପିଓ ମନୋଜ ଗୁପ୍ତା କହିଛନ୍ତି । ଏକାଧିକ ଅଭିଯୋଗ ଆସିବାରୁ ତାକୁ ସ୍କୁଲରୁ ବାହାର କରି ଦିଆଯାଇଥିଲା ଓ ସେ ଅନ୍ୟ ସ୍କୁଲ୍‌ରେ ପଢ଼ୁଥିଲା । ତାକୁ ପୁଲିସ ଗିରଫ କରିଛି ।

## ଜେଲ୍‌ରେ ୩୦ ଦିନ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ

**ସଂସଦରେ ହଙ୍ଗାମା**

# ବିଲ୍ ଚିରି ଫିଙ୍ଗିଲେ ବିରୋଧୀ

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କୌଣସି ଦୁର୍ନୀତି ବା ଗୁରୁତର ଅପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ସେମାନେ ମନ୍ତ୍ରୀପଦ ହରାଇବେ । ଏଭଳି ବ୍ୟବସ୍ଥା କରିବା ଲାଗି ସମ୍ବିଧାନରେ ସଂଶୋଧନ କରିବାକୁ ଯାଇ ସରକାର ଏକ ବିଲ୍ ଆଜି ଲୋକସଭାରେ ଆଗତ କରିଛନ୍ତି । ଏହାକୁ ନେଇ ଲୋକସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ଏହାକୁ ଗଣତନ୍ତ୍ରର ହତ୍ୟା ବର୍ଣ୍ଣନା କରି ବିରୋଧୀ ଦଳ ଆଜି ଲୋକସଭାରେ ଜବରଦସ୍ତ ହଙ୍ଗାମା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ବିଲ୍ ଆଗତ କରୁଥିବା ବେଳେ ଏହାର ବିରୋଧ କରି ବିରୋଧୀ ସାଂସଦ ବିଲ୍ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ଶାହଙ୍କ ଆଡ଼କୁ ଫୋପାଡ଼ିଥିଲେ । ପରିସ୍ଥିତି ଏମିତି ହୋଇଥିଲା ଯେ ଗୃହ ମଧ୍ୟଭାଗରେ ତୃଣମୂଳ କଂଗ୍ରେସ ଓ ବିଜେପି ସାଂସଦ ମୁହାଁମୁହିଁ ହୋଇଥିଲେ । ଟିଏମସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପିର କେତେକ ସାଂସଦ ଏହାର ଦୁଇ ମହିଳା ସାଂସଦଙ୍କୁ



ଲୋକସଭାରେ ଟିଏମ୍‌ସି-ବିଜେପି ସାଂସଦ ମୁହାଁମୁହିଁ

ଠେଲାପେଲା କରିଛନ୍ତି । ପ୍ରବଳ ହଟ୍ଟଗୋଳ ଯୋଗୁଁ ବିଲକୁ ଅନୁଧ୍ୟାନ ପାଇଁ ସଂସଦର ଯୁଗ୍ମ କମିଟିକୁ ପଠାଇ ଦିଆଯିବା ସହିତ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଛି ।

ସରକାର ଆଜି ଏଭଳି ବିଲ୍ ଆଗତ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିବା ପରେ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଲ୍ ଆଗତ କରିବାକୁ ଠିଆ ହେବା ମାତ୍ରେ ହଙ୍ଗାମା ଆରମ୍ଭ ହୋଇଯାଇଥିଲା । ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଅଣ-ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଟାର୍ଗେଟ କରି ସରକାର ଏଭଳି ବିଲ୍ ଆଗତ କରିଛନ୍ତି । ସରକାର ଚାହିଁଲେ ଯେକୌଣସି ଅଣବିଜେପି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ମିଥ୍ୟା କେସରେ ଫସାଇ ଜେଲରେ ପୂରାଇଦେବେ । ୩୦ ଦିନ ଜେଲରେ ରହିବା ପରେ ସେମାନେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇଦେବେ । ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ କେନ୍ଦ୍ର ସରକାର କିପରି ମିଥ୍ୟା ମାମଲାରେ ଫସାଇ ଜେଲରେ ରଖିଥିଲେ, ତାହାର ସେମାନେ ଉଦାହରଣ ଦେଇଥିଲେ । ରାଜନୀତି ଓ ପ୍ରଶାସନରେ ସ୍ୱଚ୍ଛତା ଓ ସଚ୍ଚୋଟତା ଆଣିବା ଲାଗି ଏଭଳି ପଦକ୍ଷେପ ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଯୁକ୍ତିକୁ ବିରୋଧୀ ସାଂସଦ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ସେମାନେ କହିଥିଲେ ଯେ କେବଳ ଅଣବିଜେପି ସରକାରରେ ଅସ୍ଥିରତା ସୃଷ୍ଟି କରିବା ଲାଗି ସରକାର ଏଭଳି ବଡ଼ ଧରଣର ଷଡ଼ଯନ୍ତ୍ର ଚଳାଇଛନ୍ତି । ଏହାକୁ ସମସ୍ତ ଶକ୍ତି ଖଟାଇ ବିରୋଧ କରାଯିବ ବୋଲି ସେମାନେ କହିଥିଲେ । ସମ୍ବିଧାନର ମୌଳିକ ଢାଞ୍ଚା ଓ ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରିବା ଲାଗି ସରକାର ପ୍ରୟାସ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ଅନ୍ୟ କେତେକ ବିରୋଧୀ ସାଂସଦ କହିଥିଲେ ଯେ ସରକାର ଦେଶକୁ ▸ପୃଷ୍ଠା-୭

# ନବୀନଙ୍କୁ ମୋଦୀଙ୍କ ଫୋନ୍

## ଶୀଘ୍ର ଆରୋଗ୍ୟ କାମନା ସହ ଦିଲ୍ଲୀ ଡାକିଲେ

■ **ଭୁବନେଶ୍ୱର, ୨୦।୮ (ସମିସ):** ଡିହାଇଡ୍ରେସନ ଜନିତ ଅସୁସ୍ଥତା ପାଇଁ ଚିକିତ୍ସାଧୀନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବୁଧବାର ନବୀନ ପଟ୍ଟନାୟକଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୀର୍ଘ ସମୟ ବାର୍ତ୍ତାଳାପ କରିବା ସହ ତାଙ୍କର ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି । ଡାକ୍ତରଖାନାରୁ ବାହାରିବା ପରେ କିଛିଦିନ ବିଶ୍ରାମ ନେଇ ଦିଲ୍ଲୀ ଯିବା ନିମନ୍ତେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫୋନ୍ ଯୋଗେ ନବୀନଙ୍କୁ ନିମନ୍ତ୍ରଣ କରିଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଶୁଭକାମନା ନିମନ୍ତେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ "ମୋର ସ୍ୱାସ୍ଥ୍ୟାବସ୍ଥା ପଚାରିବା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଉଛି" ବୋଲି ନବୀନ କହିଛନ୍ତି ।



**କଥାହୋଇ ଆଶୁ ଆରୋଗ୍ୟ କାମନା କଲେ ଖଡ଼୍‌ଗେ**

**ଭକ୍ତ, ପୃଥ୍ୱୀରାଜ ଓ ମୁକେଶଙ୍କୁ ଫୋନ୍ କରି ଧନ୍ୟବାଦ ଦେଲେ ନବୀନ**

ଗତ ଜୁନ ମାସରେ ମଧ୍ୟ ଯେତେବେଳେ ନବୀନ ନିଜର ସର୍ଭିକାଲ ଆର୍ଥ୍ରାଇଟିସ ଚିକିତ୍ସା ପାଇଁ ମୁମ୍ବାଇସ୍ଥିତ କୋକିଲାବେନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ, ସେତେବେଳେ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ନବୀନଙ୍କ ଉତ୍ତମ ଯତ୍ନ ନେବାକୁ ସେତେବେଳେ ପରାମର୍ଶ ଦେଇଥିଲେ । ସେହିପରି ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ନବୀନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ▸ପୃଷ୍ଠା-୭

## ୨୪ରେ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର, ୨୦।୮ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ମୌସୁମୀ ଜନିତ ବର୍ଷା ଜାରି ରହିଛି । ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରାଜ୍ୟରେ ପ୍ରବଳ ବର୍ଷା କରାଇବା ପରେ ଏବେ ଓଡ଼ିଶାଠାରୁ ଦୂରକୁ ଯାଇଛି । ମାତ୍ର ମୌସୁମୀ ସକ୍ରିୟ ଥିବାରୁ ଏହା ପ୍ରଭାବରେ କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି । ଆଗକୁ ଅର୍ଥାତ ୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିଲେ ମଧ୍ୟ ପ୍ରାୟ ସେ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ଏହି ସମୟରେ ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଜାରି ରହିଛି । ଆଗାମୀ ୭ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ଜାରି ରହିବ । ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର ଓ ବରଗଡ଼ ଜିଲ୍ଲାକୁ ସତର୍କତା ଜାରି ହୋଇଛି ।

## ସିବିଆଇ ଜାଲରେ ଲାଞ୍ଚୁଆ ଅଫିସର

■ **ଭୁବନେଶ୍ୱର, ୨୦।୮ (ସମିସ):** ସିବିଆଇ ଜାଲରେ ପଡ଼ିଛନ୍ତି ଲାଞ୍ଚୁଆ ଅଫିସର । ଲାଞ୍ଚ ନେବା ବେଳେ ମାଡ଼ି ବସିଛି ସିବିଆଇ । ଲାଞ୍ଚୁଆ ଅଫିସର ହେଉଛନ୍ତି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଏମସିଏଲ୍ କୋଇଲା ଖଣିର ରାମପୁର ସବ୍-ଏରିଆ ମ୍ୟାନେଜର ଅସିତ୍ କୁମାର । ଆଜି ସନ୍ଧ୍ୟାରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାବୁଡ଼ରେ ପଡ଼ିଛନ୍ତି । ମିଳିଥିବା ସୂଚନା ଅନୁସାରେ, ବ୍ରଜରାଜନଗର କୋଇଲା ଖଣିର ରାମପୁର ଅଞ୍ଚଳର ଜଣେ ବିସ୍ଥାପିତ ବକେୟା ଟଙ୍କା ପାଇଁ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ । ବକେୟା ଟଙ୍କା ପାଇବା ଲାଗି ଅସିତ୍ ତାଙ୍କୁ ଲାଞ୍ଚ ମାଗିଥିଲେ । ଶେଷରେ ୨୦ ହଜାର ଟଙ୍କାରେ କଥା ଛିଡ଼ି ଥିଲା । ଆଜି ସନ୍ଧ୍ୟାରେ ବିସ୍ଥାପିତଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭୁବନେଶ୍ୱର ସିବିଆଇର ଏକ ଟିମ୍ ତାଙ୍କୁ କାବୁ କରିଥିଲା । ସିବିଆଇ ତାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି ।

## କୋଦଳା ଜେଲ୍‌ରେ କଏଦୀଙ୍କ ମୃତ୍ୟୁ

■ **ଖଲ୍ଲିକୋଟ/କୋଦଳା, ୨୦।୮ (ସମିସ):** ଖଲ୍ଲିକୋଟ ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବେଗୁନିଆପଡ଼ା ସାନସାହିର ବି.ଲିଙ୍ଗରାଜ ପାତ୍ର (୬୦) । ଅଫିମ ଚାଲାଣ ମାମଲାରେ ଅବକାରୀ ବିଭାଗ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ବୁଧବାର ପୂର୍ବାହ୍ନ ସାଢେ ଗୋଟାଏ ବେଳେ ଜେଲ୍ ଭିତରେ ହଠାତ୍ ଲିଙ୍ଗରାଜଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ତାଙ୍କୁ ତୁରନ୍ତ କୋଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳବାର ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱୀନି ପ୍ରଧାନଙ୍କ ନେତୃତ୍ୱରେ ଥାନା ▸ପୃଷ୍ଠା-୭

## 'ଅଗ୍ନି-୫'ର ସଫଳ ପରୀକ୍ଷଣ



■ **ବାଲେଶ୍ୱର, ୨୦।୮ (ସମିସ):** ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ସହଯୋଗରେ ଭାରତୀୟ ସେନା ବାହିନୀର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ପକ୍ଷରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିସାଇଲ ଅଗ୍ନି-୫ ସଫଳ ପରୀକ୍ଷଣ ହୋଇଯାଇଛି । ଧାମରାସ୍ଥିତ ଅବଦୁଲ କାଲାମ ଦୀପର ଏକୀକୃତ ପରୀକ୍ଷଣ କେନ୍ଦ୍ର ଲଞ୍ଚ କମ୍ପ୍ଲେକ୍ସରୁ ଏହି ପରୀକ୍ଷଣ ହୋଇଥିଲା । ତେବେ ଅଗ୍ନି-୫ ବାଲାଷ୍ଟିକ ମିସାଇଲର ଏହା ଥିଲା ୨୬ତମ ପରୀକ୍ଷଣ । ଅଗ୍ନି-୫ରେ ୧୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇ ପାରିବ । ଉତ୍କ୍ଷେପଣ ସ୍ଥାନ ଠାରୁ ଏହା ୫ ହଜାର କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ । ଏହାର ଓଜନ ୫୬୦୦ କିଲୋଗ୍ରାମ ଥିବାବେଳେ ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ରହିଛି । ଅଗ୍ନି-୫ କ୍ଷେପଣାସ୍ତ୍ର ଘଂଟା ପ୍ରତି ୩୦,୬୦୦ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର ଦକ୍ଷତା ରହିଛି । ଅଗ୍ନି-୫ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ▸ପୃଷ୍ଠା-୭

# ନିଷିଦ୍ଧ ହେବ ଅନ୍‌ଲାଇନ୍ ଗେମ୍

## କଟକଣା ଲଂଘିଲେ ୩ ବର୍ଷ ଜେଲ, ୧ କୋଟି ଟଙ୍କା ଜରିମାନା

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ଦେଶରେ ଆର୍ଥିକ ଓ ମାନସିକ ଅସ୍ଥିରତା ସୃଷ୍ଟି କରୁଥିବା ଅନଲାଇନ୍ ମନି ଗେମ୍‌କୁ ନିଷିଦ୍ଧ କରାଯିବ । ଆଜି ଲୋକସଭାରେ ଏସଂକ୍ରାନ୍ତ ବିଲ୍ ଗୃହୀତ ହୋଇଛି । ଏଭଳି ଅନଲାଇନ ଗେମ୍ ଯୋଗୁଁ ପ୍ରତିବର୍ଷ ୪୫ କୋଟି ଲୋକ ଠକାମିର ଶିକାର ହେବା ସହିତ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି । ଅନଲାଇନ ଗେମ୍ ଯୋଗୁଁ ଟଙ୍କା ହେରଫେର ସହିତ ଆର୍ଥିକ ଜାଲିଆତି ବି ହେଉଛି ଏବଂ ଲୋକ ଏତେ ନିଶାସକ୍ତ ହୋଇଯାଉଛନ୍ତି ଯେ ସେମାନେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି । ଏହି ଗେମରୁ ସରକାରଙ୍କୁ ବିପୁଳ ପରିମାଣରେ ରାଜସ୍ୱ ମିଳୁଥିଲେ ମଧ୍ୟ ଲୋକମାନଙ୍କ କଲ୍ୟାଣ ଦୃଷ୍ଟିରୁ ଏଭଳି କଟକଣା ଜରୁରି ବୋଲି ସରକାର କହିଛନ୍ତି ।



**ପ୍ରତିବର୍ଷ ୪୫ କୋଟି ଲୋକ ହରାଉଛନ୍ତି ୨୦ ହଜାର କୋଟି**

ଅନ୍‌ଲାଇନ୍ ମନି ଗେମ୍ ହେଉଛି ଏପରି ଖେଳ ଯେଉଁଥିରେ କି ଲୋକମାନେ ବିପୁଳ ଅର୍ଥ ଓ ଅନ୍ୟ ସୁବିଧା ପାଇବା ଆଶାରେ ବିପୁଳ ଅର୍ଥ ଖଟାଉଛନ୍ତି । ଅନେକ ସଂସ୍ଥା ଏଭଳି ଏକାଧିକ ଗେମ୍ ବାହାର କରିଛନ୍ତି ଏବଂ ଏହାକୁ ଖେଳିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି । ସେମାନେ ଏଭଳି ବିଜ୍ଞାପନ ଦେଉଛନ୍ତି, ଯେଉଁଥିରେ କି ଫିଲ୍ମ ତାରକା ଓ କ୍ରୀଡ଼ାବିତମାନେ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏଥିରେ ପ୍ରଭାବିତ ହୋଇ ଲୋକେ କୋଟି କୋଟି ଟଙ୍କା ଖଟାଉଛନ୍ତି । ତେବେ ଏହା ଏବେ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଥିବାରୁ ଏହାକୁ ନିଷିଦ୍ଧ କରିବା ଲାଗି ସରକାର ଆଇନ ପ୍ରଣୟନ କରିବାକୁ ବାଧ୍ୟ ହୋଇଛନ୍ତି ।

ଲୋକସଭାରେ ଗୃହୀତ ବିଲ୍ ରାଜ୍ୟସଭାରେ ପାସ୍ ହୋଇଗଲେ ଏହା ଆଇନରେ ପରିଣତ ହୋଇଯିବ । ଏହାସହିତ ସବୁ ପ୍ରକାର ସଟ୍ଟା ଓ ଜୁଆ କାର୍ଯ୍ୟକଳାପ ନିଷିଦ୍ଧ ହୋଇଯିବ । ଫାନଟାସି ସ୍ପୋର୍ଟ୍ସ ▸ପୃଷ୍ଠା-୭

**ବିପର୍ଯ୍ୟୟ ମୁକାବିଲା**

# ନବୀନଙ୍କ ଦାବି ଦୋହରାଇଲେ ସୁରେଶ

**୧୦୫୦୦ କୋଟିର ଆର୍ଥିକ ସହାୟତା ଦାବିକଲା ଓଡ଼ିଶା**

**ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ମିଳୁ ସହାୟତା**



■ **ଭୁବନେଶ୍ୱର, ୨୦।୮ (ସମିସ):** ବିପର୍ଯ୍ୟୟ ମୁକାବିଲା ଓ ରାଜ୍ୟବାସୀଙ୍କ ଧନଜୀବନ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ୧୦ ହଜାର ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ମାଗିଛନ୍ତି ରାଜ୍ୟ ସରକାର । ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାର ଉପକୂଳର ସୁରକ୍ଷା, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ସହାୟତା ଦେବାକୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

ରାଜସ୍ୱ ମନ୍ତ୍ରୀ ନିଜ ଚିଠିରେ ପ୍ରମୁଖ ୫ ଟି ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଲୋକଙ୍କ ସୁରକ୍ଷା ପାଇଁ ୨ ବର୍ଷ ମଧ୍ୟରେ ୫୦୦ ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣର ଆବଶ୍ୟକତା ରହିଛି । ଏଥିପାଇଁ ସେ ୨୦୦୦ କୋଟି ଟଙ୍କା ଆବଶ୍ୟକ । ସେହିପରି ବର୍ତ୍ତମାନ ରହିଥିବା ପୂର୍ବ ସତର୍କ ସୂଚନା ଜାରି ବ୍ୟବସ୍ଥାର ଉନ୍ନତିକରଣ କରି ସାରା ରାଜ୍ୟରେ ଏହାର ବିସ୍ତାର ପାଇଁ ୨୦୦ କୋଟି ଟଙ୍କା ଦାବି କରିଛନ୍ତି । ସେହିପରି ଦୀର୍ଘଦିନ ହେଲା ରାଜ୍ୟ ଦାବି କରିଆସୁଥିବା ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା ନିମନ୍ତେ ରାଜ୍ୟର ଆବଶ୍ୟକତାକୁ ରାଜସ୍ୱମନ୍ତ୍ରୀ ପୁନର୍ବାର ଦୋହରାଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧୀ ଶକ୍ତି ପରିବହନ ଏବଂ ବଣ୍ଟନ ଭିତ୍ତିଭୂମି ବିକଶିତ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ୮୩୬୩ କୋଟି ଟଙ୍କା ଆବଶ୍ୟକ । ସେହିପରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଉପକୂଳ କ୍ଷୟ ଘଟୁଥିବାରୁ ଏହାର ନିରାକରଣ ପାଇଁ ଉପକୂଳ ଜୀବିକା, ଇକୋସିଷ୍ଟମର ସୁରକ୍ଷା ଏବଂ ସମୁଦ୍ର କୂଳ ଖାଉଥିବା ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ପ୍ରଦାନ ସହ ଏହାର ବୈଜ୍ଞାନିକ ସର୍ଭେ ପାଇଁ କେନ୍ଦ୍ରୀୟ ସଂସ୍ଥାକୁ ଦାୟିତ୍ୱ ଦେଇ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି । ଏହାବ୍ୟତୀତ ବିପର୍ଯ୍ୟୟ ପରିଚାଳନା ପାଇଁ ଉତ୍ତମ ସମନ୍ୱୟ ସହ ଜାତୀୟ, ଆନ୍ତର୍ଜାତୀୟ ସଂସ୍ଥାର ସେ ସହଯୋଗ ଲୋଡ଼ିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବହୁ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ମଧ୍ୟ ଅନୁରୂପ ଦାବି କେନ୍ଦ୍ର ▸ପୃଷ୍ଠା-୭

## ଦୁଇ ବାଇକ୍ ମୁହାଁମୁହିଁ; ୨ ମୃତ

■ **କୋଟଗଡ଼/ବାଲିଗୁଡା, ୨୦।୮ (ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଲାସେରି ଗାଁ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବ୍ୟବସାୟୀ ସନ୍ତୋଷ ସାହୁ ଓ ବାଇକ ଚଳାଉଥିବା କଲେଜ ଛାତ୍ର ଅନନ୍ଦ ପ୍ରଧାନୀ । ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ ତୁମୁଡିବନ୍ଧ ସ୍ଥିତ ନେତାଜୀ ସୁଭାଷ ବୋଷ ଡିଗ୍ରୀ କଲେଜରେ ପଢୁଥିବା କୋଟଗଡ଼ ଥାନା ଅନ୍ତର୍ଗତ ଗେଟାବାଲି ଗ୍ରାମର ୨ ଜଣ ଛାତ୍ର ଓ ସନ୍ଥ ଶ୍ରୀ ଆଶାରାମ ବାପୁ କଲେଜର ଜଣେ ଛାତ୍ର ଗୋଟିଏ ବାଇକ୍‌ରେ କଲେଜ ସାରି ଘରକୁ ଫେରୁଥିଲେ । ବିପରୀତ ଦିଗରୁ ବଣ୍ଡାପିପିଲି ଗ୍ରାମର ବ୍ୟବସାୟୀ ସନ୍ତୋଷ ସାହୁ ପ୍ରତିଦିନ ଭଳି କୋଟଗଡ଼ ବଜାର ଅଭିମୁଖେ ଆସୁଥିଲେ । ଏହି ▸ପୃଷ୍ଠା-୭

## ଆଜି ବାହୁଡ଼ିଥିଲେ

# ଜନତାର କବି ସଚ୍ଚିଦାନନ୍ଦ ରାଉତରାୟ



ଗାଁ ମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ। ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ବରେଣ୍ୟ କବି ଭାବେ ସେ ଥିଲେ ପରିଚିତ। ଅଳଙ୍କାର, ଶ୍ଳେଷ, ଛନ୍ଦ ପ୍ରଭୃତିରେ କାବ୍ୟକୁ ସଜ୍ଜିତ ନ କରି ସେ ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଥିଲେ ଅସୁମାରି କାବ୍ୟ କବିତା। ସେ ସାହିତ୍ୟର ବିଭିନ୍ନ ଦିଗକୁ ପରୀକ୍ଷା ନିରୀକ୍ଷା କରି ଏଥିରେ ସଫଳ ହୋଇଥିଲେ। ତାଙ୍କ କବିତାରେ ବିପ୍ଳବାତ୍ମକ ପ୍ରଗତିବାଦୀ ଚିନ୍ତାଧାରା ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ। କବିତାର ବିଷୟବସ୍ତୁ ଓ ଆତ୍ମିକ ସ୍ୱରଦୃଷ୍ଟିରୁ ମଧ୍ୟ ସମାଜ ସଚେତନତା, ମାନବବାଦ, ବୈପ୍ଳବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସେ ଦେଇଥିଲେ ଏକ ନୂତନ ଉତ୍ତାପ। ସ୍ୱାଧୀନତା ପରବର୍ତ୍ତୀ ବହୁ ଓଡ଼ିଆ କବିଙ୍କ ଲାଗି ସେ ଥିଲେ କାବ୍ୟ-ଗୁରୁ, ମାଟିର ଦ୍ରୋଣ। ଛୋଟ ମୋର ଗାଁ'ଟି ଗୀତଟି ପ୍ରଖ୍ୟାତ କବି ସଚ୍ଚି ରାଉତରାୟଙ୍କର ଏକ ଅନବଦ୍ୟ ଏବଂ ଅଭୁଲା ସୃଷ୍ଟି। ଦେଶବିଦେଶରେ ଥିବା ଓଡ଼ିଆଙ୍କ ପ୍ରାଣରେ ଆଜିବି ଏହା ବେଶ୍ ଆବେଗ ଆଣିଦିଏ। ସେହିଭଳି ପରାଧୀନ ଭାରତବର୍ଷରେ ଗରିବଙ୍କ ଦୁଃଖ ଦର୍ଶାଇଥିଲା ତାଙ୍କର ଚିର ସ୍ମରଣୀୟ କବିତା 'ରେଙ୍ଗୁନ ଯାତ୍ରୀ'। ଦୀର୍ଘ ସାତ ଦଶନ୍ଧି ଧରି ତାଙ୍କ କଲମ ନିରବଚ୍ଛିନ୍ନ ଭାବେ ସକ୍ରିୟ ଥିଲା। ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଯାଇଥାଏ। ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ମେ ୧୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ। ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ସେ ଇଂରେଜ ସରକାରଙ୍କ ବିରୋଧରେ ଲଢ଼ି ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ। ସଚ୍ଚିଦାନନ୍ଦଙ୍କ କବି ଜୀବନ ୧୫ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ୧୯୨୮ ରେ 'ପଞ୍ଚାମୃତ' ପତ୍ରିକାରେ ପ୍ରକାଶିତ ହୋଇଥିଲା, ତାଙ୍କର ପ୍ରଥମ କବିତା। ସେ ଓଡ଼ିଆ ଓ ଇଂରାଜୀ ଭାଷାରେ ଶତାଧିକ କବିତା, କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ ଆଦି ଲେଖିଯାଇଛନ୍ତି। 'କବିତା-୧୯୬୨' ଶୀର୍ଷକ କବିତା ସଂକଳନ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୬୨ରେ ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ତାଙ୍କୁ ଜ୍ଞାନପୀଠ ପୁରସ୍କାର ମିଳିଥିଲା। 'ପଲ୍ଲିଶ୍ରୀ' ଓ 'ବାଜିରାଉତ' କବିଙ୍କର ସ୍ମରଣୀୟ କୃତି। କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ 'ମଶାଣିର ଫୁଲ', 'ମାଟିର ତେଜ' 'ଛାଇ' ଆଦି ପ୍ରସିଦ୍ଧ। ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ'। ସଚ୍ଚି ରାଉତରାୟଙ୍କୁ 'ଜନତାର କବି' ମଧ୍ୟ କୁହାଯାଏ। ସେ ତାଙ୍କ କବିତାଗୁଡ଼ିକରେ ମାନବିକତାବୋଧକୁ ଗୁରୁତ୍ୱ ଦେଉଥିଲେ। ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ। ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା। ଏହି ଯୋଗଜନ୍ମା କାବ୍ୟପୁରୁଷଙ୍କର ୨୦୦୪ ମସିହାରେ ଆଜିର ଦିନରେ ଦେହାବସାନ ହୋଇଥିଲା।

## ଆଜିର ଇତିହାସ

- ୧୯୧୫-ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୭୨- ବନ୍ୟ ଜୀବ ସଂରକ୍ଷଣ ଆଇନ ସଂସଦରେ ପାରିତ ହେଲା।
- ୧୯୮୮- ଭାରତ-ନେପାଳ ସୀମାରେ ଆସିଥିବା ଭୂମିକମ୍ପରେ ପାଖାପାଖି ହଜାରେ ଲୋକଙ୍କ ପ୍ରାଣହାନି।
- ୧୯୯୧- ଲାଟଭିଆ ସୋଭିଏତ୍ ସଂଘରୁ ଅଲଗା ହେବାକୁ ଘୋଷଣା କଲା।
- ୧୯୯୭- ପୂର୍ବ ଚୀନ୍‌ରେ ଆସିଥିବା ଝଡ଼ବାତ୍ୟାରେ ୧୪୦ ଜଣଙ୍କ ମୃତ୍ୟୁ ଓ ୩ ହଜାର ଲୋକ ଆହତ।
- ୨୦୦୬- ପ୍ରଖ୍ୟାତ ସେହନାଇ ବାଦକ ଉସ୍ତାଦ ବିସ୍‌ମିଲ୍ଲା ଖାନ୍‌ଙ୍କ ପରଲୋକ।
- ୨୦୦୮- 'ମୁନ୍ ମିଶନ୍'ରେ ଭାରତ 'ନାସା' ସହିତ ହାତ ମିଳାଇଲା।

# ଗୋରୁଗାଈଙ୍କ ପାଇଁ ସାପ୍ତାହିକ ଛୁଟି


ସରକାରୀ ଚାକିରି ହେଉ ବା ବେସରକାରୀ, ସବୁଠି କର୍ମଚାରୀମାନେ ସପ୍ତାହରେ ଗୋଟିଏ ଦିନ ଛୁଟି ନେଇଥାନ୍ତି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି କୃଷକମାନେ ଗୋରୁଗାଈଙ୍କୁ ଆରାମ ଦେବାକୁ ଯାଇ ସେମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ଛୁଟି ଦେଇଥାନ୍ତି। ଝାଡ଼ଖଣ୍ଡ, ଲାତେହାର ଜିଲ୍ଲାର ପାଖାପାଖି ୨୦ଟି ଗାଁରେ ବର୍ଷ ବର୍ଷ ଧରି ଏଭଳି ଏକ ନିଆରା ପରମ୍ପରା ପାଳନ ହୋଇଆସୁଛି। ଏଠାରେ ଗାଈ, ବଳଦ, ମଇଁଷି ଆଦିଙ୍କୁ ରବିବାର ଦିନ ଛୁଟି ଦିଆଯାଏ। ଏହି ପରମ୍ପରାକୁ ସବୁ ଧର୍ମର ଲୋକେ ପାଳନ କରନ୍ତି। ସେହିପରି ରବିବାର ଦିନ ଗାଈ, ମଇଁଷିଙ୍କଠାରୁ କ୍ଷୀର ମଧ୍ୟ ଦୁଆଁ ହୋଇ ନ ଥାଏ। ଏହି ଦିନ ଯେତେ ଜରୁରୀ କାର୍ଯ୍ୟ ଥିଲେ ବି କେହି ଗାଈ, କିମ୍ବା ବଳଦଙ୍କ ଦ୍ୱାରା କୌଣସି କାର୍ଯ୍ୟ କରନ୍ତାନି; ବରଂ ନିଜେ ସେ କାମ କରି ଦିଅନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ରାଜକୁମାରଙ୍କ କହିବା କଥା, 'ଶତାଧିକ ବର୍ଷ ଧରି ଏହି ପରମ୍ପରା ପାଳନ ହୋଇ ଆସୁଛି। ଲଗାତାର କାମ କରିବା ଦ୍ୱାରା ଗାଈ, ବଳଦ, ମଇଁଷି ଆଦି ରୋଗଗ୍ରସ୍ତ ହେବା ଆଶଙ୍କା ଥାଏ। ଗୋଟିଏ ଦିନ ବିଶ୍ରାମ ନେବା ଦ୍ୱାରା ସେମାନେ ସୁସ୍ଥ ଅନୁଭବ କରନ୍ତି। ତେବେ ଏଭଳି ପରମ୍ପରାର ଆରମ୍ଭ ଏକ ଦୁଃଖଦ ଘଟଣାରୁ ହୋଇଥିଲା। ପାଖାପାଖି ୧୦୦ ବର୍ଷ ପୂର୍ବରୁ ଜଣେ କୃଷକ ଜମିରେ ବଳଦ ଦ୍ୱାରା ହଳ କରୁଥିଲେ। ଏହି ସମୟରେ ବଳଦଟିଏ ବେହୋସ ହୋଇଗଲା। ପରେ ତାର ମୃତ୍ୟୁ ହୋଇ ଯାଇଥିଲା। ଏହି ଘଟଣା ସେତେବେଳେ ଗ୍ରାମବାସୀମାନଙ୍କୁ ବହୁତ ଦୁଃଖ ଦେଇଥିଲା। ଉକ୍ତ ଘଟଣା ପରେ ଗ୍ରାମବାସୀମାନେ ଗାଈ ମଇଁଷିମାନଙ୍କୁ ଗୋଟିଏ ଦିନ ଛୁଟି ଦେବା ପାଇଁ ଭାବିଥିଲେ। ସେବେଠାରୁ ଏହି ପରମ୍ପରା ଚାଲି ଆସୁଛି।' ରବିବାର ଦିନ ଗାଈ, ମଇଁଷିମାନଙ୍କୁ ଭଲ ଭାବେ ଗାଧୋଇ ଦିଆଯାଇ ସେମାନଙ୍କର ପୂଜାର୍ଚ୍ଚନା କରାଯାଏ। ସେମାନଙ୍କୁ ସ୍ୱାଦିଷ୍ଟ ଭୋଜନ ପରଷା ଯାଏ। ଏହାପରେ ସେମାନଙ୍କୁ ବୁଲିବା ପାଇଁ ଗୋଟିଏ ସ୍ଥାନରେ ନେଇ ଛାଡ଼ି ଦିଆଯାଏ।



# ୩୦ ବର୍ଷ ପରେ ଯଶରାଜ ଷ୍ଟୁଡିଓରେ ସନ୍ନି

ବଲିଉଡ୍‌ର ଆକ୍ସନ୍ କିଙ୍ଗ୍ ସନ୍ନି ଦେଓ୍ୱଲ ଏବେ 'ବର୍ଡର-୨' ଫିଲ୍ମକୁ ନେଇ ବ୍ୟସ୍ତ ଅଛନ୍ତି। ନିକଟରେ ଫିଲ୍ମର ପୋଷ୍ଟର୍ ରିଲିଜ୍ ହୋଇଛି, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ନିକଟରେ ସନ୍ନିଙ୍କୁ ଯଶରାଜ ଷ୍ଟୁଡିଓରେ ଦେଖାଯାଇଥିଲା। ତେବେ ୩୦ ବର୍ଷର ବିବାଦକୁ ଭୁଲି କ'ଣ ସନ୍ନି ଯଶରାଜ ବ୍ୟାନର୍‌ର ଫିଲ୍ମ ସାଇନ୍ କରୁଛନ୍ତି କି ବୋଲି ଚର୍ଚ୍ଚା ହେବାକୁ ଲାଗିଲା। କିନ୍ତୁ ଏହା ପଛର କାରଣ ଅଲଗା ରହିଛି। ସନ୍ନି ଗାୟକ ତଥା ମ୍ୟୁଜିକ୍ କମ୍ପୋଜର ମିଥୁନଙ୍କୁ ଦେଖା କରିବାକୁ ଯଶରାଜ ଷ୍ଟୁଡିଓ ଯାଇଥିଲେ। ସନ୍ନି ଏହା ପୂର୍ବରୁ ମିଥୁନ୍‌ଙ୍କୁ ତାଙ୍କ ଷ୍ଟୁଡିଓକୁ ଡାକି ଥିଲେ। ମିଥୁନ୍ ୮୦ ଜଣ ଗାୟକଙ୍କ ସହ ଏକ ରେକର୍ଡିଂରେ ବ୍ୟସ୍ତ ଥିବାରୁ ସେ ଯାଇ ପାରି ନ ଥିଲେ। ଏହାପରେ ସନ୍ନି ଯଶରାଜ ଷ୍ଟୁଡିଓରେ ପହଞ୍ଚି ଯାଇଥିଲେ। ମିଥୁନ ସନ୍ନିଙ୍କ ଫିଲ୍ମ 'ଗଦ୍ଦର-୨' ଓ 'ବର୍ଡର-୨' ପାଇଁ ଗୀତ ସଂଯୋଜନା କରିଛନ୍ତି। ଯାହା ସନ୍ନିଙ୍କ ହୃଦୟକୁ ଛୁଇଁ ଯାଇଛି। ତାଙ୍କର ଆଗାମୀ ଫିଲ୍ମ 'ଗବରୁ'ରେ ମଧ୍ୟ ମିଥୁନ ସଙ୍ଗୀତ ସଂଯୋଜନା କରନ୍ତୁ ବୋଲି ସନ୍ନି ଚାହୁଁଛନ୍ତି। ଖାସ୍ ଏଥିପାଇଁ ସନ୍ନି ୩୦ ବର୍ଷର ବିବାଦକୁ ଭୁଲି ଯଶରାଜ ଷ୍ଟୁଡିଓରେ ପହଞ୍ଚିଥିଲେ।


ଏଠାରେ ପ୍ରକାଶ ଥାଉ କି, ୩୦ ବର୍ଷ ପୂର୍ବରୁ ଯଶରାଜ ଷ୍ଟୁଡିଓ ଓ ସନ୍ନିଙ୍କ ମଧ୍ୟରେ 'ଡର୍' ଫିଲ୍ମକୁ ନେଇ ବିବାଦ ଦେଖାଦେଇଥିଲା। ଏଥିରେ ଶାହାରୁଖ୍ ଖାନ୍ ଓ ଜୁହି ଚାଓ୍ୱଲା ଲିଡ୍ ରୋଲରେ ନଜର ଆସିଥିଲେ। ସନ୍ନି ଦେଓ୍ୱଲ ଏହି ଫିଲ୍ମର ହିରୋ ଥିଲେ। ଏହି ଫିଲ୍ମରେ ଶାହାରୁଖ୍ ନେଗେଟିଭ ଚରିତ୍ରରେ ଅଭିନୟ କରି ସୁଦ୍ଧା ସ୍ପଟ୍‌ଲାଇଟ୍‌ରେ ରହିଥିଲେ। ଏହାକୁ ନେଇ ସନ୍ନି, ଯଶରାଜ ଫିଲ୍ମସ୍ ଓ ଯଶ୍ ଚୋପ୍ରାଙ୍କ ଉପରେ ରାଗି ଯାଇଥିଲେ। ଏହାପରେ ସନ୍ନି ଯଶରାଜ ଫିଲ୍ମସ୍ ସହ କୌଣସି ଫିଲ୍ମ ଦୀର୍ଘ ୩୦ ବର୍ଷ ହେଲା କରିନାହାନ୍ତି। ସେହିଭଳି ଏହି ଫିଲ୍ମକୁ ନେଇ ଶାହାରୁଖ୍ ଓ ସନ୍ନିଙ୍କ ମଧ୍ୟରେ ସେତେବେଳେ ବିବାଦ ଦେଖା ହୋଇଥିଲା। ପରେ ଆଉ ଦୁଇଜଣ କେବେ ବି କୌଣସି ଫିଲ୍ମରେ ଏକାଠି ଆସି ନଥିଲେ। ଅବଶ୍ୟ 'ଗଦ୍ଦର-୨' ଫିଲ୍ମର ସକ୍‌ସେସ୍ ପାର୍ଟିରେ ସନ୍ନି ଓ ଶାହାରୁଖ୍‌ଙ୍କୁ ଏକାଠି ଦେଖିବାକୁ ମିଳିଥିଲା।



# ଏଠାରେ ହନୁମାନଙ୍କ ପୂଜା ମନା

ରାମ ଭକ୍ତ ହନୁମାନଙ୍କୁ କଳିଯୁଗର ପ୍ରତ୍ୟକ୍ଷ ଦେବତା ବୋଲି କୁହାଯାଏ। ଭାରତର କୋଣ ଅନୁକୋଣରେ ହନୁମାନଙ୍କର ଅନେକ ମନ୍ଦିର ରହିଛି। ହେଲେ ଉତ୍ତରାଖଣ୍ଡର ଏକ ଗାଁରେ ହନୁମାନଙ୍କ ପୂଜା ତ ଦୂରର କଥା ତାଙ୍କ ନାମ ମଧ୍ୟ ଉଚ୍ଚାରଣ କରିବାକୁ ଗ୍ରାମବାସୀ ପସନ୍ଦ କରନ୍ତି ନାହିଁ। ଚମୋଲି ଜିଲ୍ଲାର ପାହାଡ଼ ମଝିରେ ଦ୍ରୋଣାଗିରି ନାଁରେ ଗାଁଟିଏ ଅଛି। ଦ୍ରୋଣାଗିରିରେ ଭଗବାନ ହନୁମାନଙ୍କୁ ପୂଜା କରାଯାଏ ନାହିଁ। ଏପରିକି ଗାଁରେ ହନୁମାନ ମନ୍ଦିର ମଧ୍ୟ ନାହିଁ। କୁହାଯାଏ ଯେ, ଏହି ଗାଁର ଲୋକମାନେ ହନୁମାନଙ୍କ ଉପରେ ଏବେ ବି ରାଗିଛନ୍ତି। ତେବେ ଗ୍ରାମବାସୀ ବଜରଙ୍ଗବାଲୀଙ୍କୁ ପୂଜା ନ କରିବା ପଛରେ ଏକ ପୌରାଣିକ କାହାଣୀ ଥିବା କୁହାଯାଏ। ଲକ୍ଷ୍ମଣଙ୍କ ପାଇଁ ସଞ୍ଜୀବନୀ ବୁଟି ନେବା ପାଇଁ ହନୁମାନ ଯେଉଁ ପର୍ବତ ଉଠାଇ ନେଇଥିଲେ, ତାହା ଏହି ଗ୍ରାମରେ ଅବସ୍ଥିତ ଥିଲା ବୋଲି କୁହାଯାଏ। ଏହି ପର୍ବତକୁ ଦ୍ରୋଣାଗିରି ଗ୍ରାମର ଲୋକ ପୂଜାର୍ଚ୍ଚନା କରୁଥିଲେ। ଦ୍ରୋଣାଗିରି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯେତେବେଳେ ହନୁମାନ ସଞ୍ଜୀବନୀ ବୁଟି ସଂଗ୍ରହ କରିବାକୁ ଆସିଥିଲେ, ସେତେବେଳେ ପର୍ବତା ଦେବତା ଧ୍ୟାନରେ ଥିଲେ। ସଞ୍ଜୀବନୀ ନେବା ସମୟରେ ହନୁମାନ ପର୍ବତ ଦେବତାଙ୍କ ଠାରୁ ଅନୁମତି ନେଇ ନ ଥିଲେ କିମ୍ବା ତାଙ୍କର ଧ୍ୟାନ ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ନଥିଲେ। ସଞ୍ଜୀବନୀ ବୁଟି ପାଇଁ ହନୁମାନ ପର୍ବତକୁ ଉଠାଇ ନେଇଥିଲେ। ଯାହା ପରେ ଆଜି ପର୍ଯ୍ୟନ୍ତ ଏଠାକାର ଲୋକ ହନୁମାନଙ୍କ ଉପରେ ରାଗିଛନ୍ତି। ଗ୍ରାମବାସୀ ବିଶ୍ୱାସ କରନ୍ତି ଯେ, ହନୁମାନ ପର୍ବତ ଦେବତାଙ୍କ ସାଧନା ଭଙ୍ଗ କରିଥିଲେ। କେବଳ ସେତିକି ନୁହେଁ, ଦ୍ରୋଣାଗିରି ପର୍ବତ ନେବାବେଳେ ହନୁମାନ ମଧ୍ୟ ପର୍ବତ୍ୟ ଦେବତାଙ୍କ ଡାହାଣ ବାହୁକୁ ଉପାଡ଼ି ଦେଇଥିଲେ। ବିଶ୍ୱାସ କରାଯାଏ ଯେ, ଆଜି ମଧ୍ୟ ଏହି ପର୍ବତରୁ ଲାଲ ରଙ୍ଗର ରକ୍ତ ପ୍ରବାହିତ ହେଉଛି। ଏହି କାରଣରୁ ଦ୍ରୋଣାଗିରି ଗ୍ରାମର ଲୋକେ ହନୁମାନଙ୍କୁ ପୂଜା କରନ୍ତି ନାହିଁ।





# ବୟସ୍କ ବ୍ୟବହାର କରୁଛନ୍ତି ପାସିଫାୟାର୍

ସାଧାରଣତଃ ଛୋଟ ପିଲାଙ୍କୁ ଶାନ୍ତ କରିବା, ଶୁଆଇବା ଉଦ୍ଦେଶ୍ୟରେ ମୁହଁରେ ପାସିଫାୟାର୍ କ୍ଲିପ୍ ଲଗାଯାଏ। ପିଲାଟି ବଡ଼ ହେବା ପରେ ଧୀରେ ଧୀରେ ଏହି ଅଭ୍ୟାସ ଛାଡ଼ିଯାଏ। ଏବେ ଚୀନ୍‌ରେ ଏକ ନିଆରା ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏଠାରେ ବୟସ୍କ ଲୋକେ ମଧ୍ୟ କୁନି କୁନି ପିଲାଙ୍କ ଭଳି ପାସିଫାୟାର୍ ବ୍ୟବହାର କରୁଥିବା ଦେଖାଯାଇଛି। ଏହି ଉତ୍ପାଦ ବ୍ୟବହାର କରିବା ଦ୍ୱାରା, ଚିନ୍ତା ଦୂର ହେବା ସହ ଭଲ ନିଦ ହୋଇଥାଏ ବୋଲି ବୟସ୍କ ଲୋକେ କହୁଛନ୍ତି। ସେହିଭଳି ଏହାର ଚାହିଦା ମଧ୍ୟ ଏଠାରେ ବଢ଼ିବାରେ ଲାଗିଛି। ଏକ ଅନ୍‌ଲାଇନ୍ ବିକ୍ରେତାଙ୍କ କହିବାନୁଯାୟୀ, ସେ ମାସରେ ପାଖାପାଖି ୨୦୦୦ ବୟସ୍କ ପାସିଫାୟାର୍ ବିକ୍ରି କରୁଛନ୍ତି। ତେବେ ବୟସ୍କ ପାଇଁ ଉଦ୍ଦିଷ୍ଟ ପାସିଫାୟାରଗୁଡ଼ିକ ପିଲାଙ୍କଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ। ଏହାର ଦାମ୍ ୧୨୧ ଟଙ୍କାରୁ ୬୦୭୦ ଟଙ୍କା ମଧ୍ୟରେ ହୋଇଥାଏ। ଭିନ୍ନ ଭିନ୍ନ ରଙ୍ଗରେ ମଧ୍ୟ ଏଗୁଡ଼ିକ ଉପଲବ୍ଧ ହେଉଛି। ଏହା ଚିନ୍ତା ହ୍ରାସ କରିବା ସହ ଧୂମପାନ ଛାଡ଼ିବାରେ ସହାୟକ ହେବ ବୋଲି କହି ବିକ୍ରେତାମାନେ ବିକ୍ରି କରୁଛନ୍ତି। ସେହିପରି ଏହା ଠିକ୍‌ସେ ଶ୍ୱାସକ୍ରିୟା କରିବାରେ ମଧ୍ୟ ସହାୟକ ହୋଇପାରିଛି। ଚୀନ୍‌ର ବୟସ୍କ ଲୋକମାନଙ୍କର ଏପରି ଅଭ୍ୟାସ ଦେଖି ସାମାଜିକ ଗଣମାଧ୍ୟମରେ ଲୋକେ ଖୁବ୍ ସମାଲୋଚନା କରୁଛନ୍ତି। ଇତିମଧ୍ୟରେ କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନେଇ ଲୋକଙ୍କୁ ସଚେତନ ମଧ୍ୟ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଦୀର୍ଘ ସମୟ ଧରି ଏଭଳି ପାସିଫାୟାର ବ୍ୟବହାର କରିବା ଦ୍ୱାରା ମୁହଁର ଆକାର ସଙ୍କୁଚିତ ହୋଇଯାଏ। ସେହିଭଳି ଦୈନିକ ତିନି ଘଣ୍ଟାରୁ ଅଧିକ ସମୟ ପାସିଫାୟାର ବ୍ୟବହାର କରିବା ଦ୍ୱାରା ବର୍ଷେ ପରେ ଦାନ୍ତର ଆକାର ମଧ୍ୟ ପରିବର୍ତ୍ତନ ହେବାର ଆଶଙ୍କା ଥାଏ।

## ବିରଳ ବନ୍ଧୁତ୍ୱ

# ଏକାଠି ରହୁଛନ୍ତି ଚାରିପିଢ଼ି

ଆଧୁନିକ ଜୀବନଶୈଳୀରେ ବନ୍ଧୁତାର ପରିଭାଷା ବଦଳି ଯାଇଥିଲେ ମଧ୍ୟ ଏହାର ମହତ୍ତ୍ୱ ଆଜି ବି ଅତୁଟ ରହିଛି। ଏହାର ଏକ ଜ୍ୱଳନ୍ତ ଗୁଜରାଟର ସୁରଟ ସହରରେ ଦେଖିବାକୁ ମିଳିଛି। ଦୁଇ ବନ୍ଧୁଙ୍କ ପରିବାର ଗୋଟିଏ ଛାତତଳେ ଦୀର୍ଘ ୮୦ ବର୍ଷ ଏକାଠି ବିତାଇ ପ୍ରକୃତ ବନ୍ଧୁତ୍ୱର ପ୍ରମାଣ ଦେଇଛନ୍ତି। ଏହି ବନ୍ଧୁତା ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିଲା, ଆଜିବି ଏହି ଦୁଇ ପରିବାରର ଚତୁର୍ଥ ପିଢ଼ି ଏହାକୁ ଯୋଡ଼ି ରଖିଛନ୍ତି। ୧୯୪୦ ମସିହାରେ ସୁରଟର ସାଗରମପୁରା ଅଞ୍ଚଳରେ ରହୁଥିଲେ ଗୁଣବନ୍ତ ଦେଶାଇ ଏବଂ ବିପିନ ଦେଶାଇ। ସ୍କୁଲରେ ପଢୁଥିବା ସମୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଆରମ୍ଭ ହୋଇଥିଲା। ଉଭୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରି ଜେଲ ମଧ୍ୟ ଯାଇଥିଲେ। ପୁଣେର ଏକ କୃଷି ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ା ସାରି ଉଭୟ ସୁରଟ ଆସି ଏକାଠି କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବସାୟ ଆରମ୍ଭ କଲେ। ଯେତେ ବାଧାବିଘ୍ନ ଆସିଲେ ବି ଉଭୟଙ୍କ ମନରେ କେବେ ବି ଅଲଗା ହେବା ଚିନ୍ତାଧାରା ଆସି ନ ଥିଲା। ତେବେ ଉଭୟଙ୍କ ପରିବାର ବଢ଼ିବାରୁ ସେମାନେ ଏକ ବଡ଼ ଘରେ ରହିବା ପାଇଁ ସ୍ଥିର କରିଥିଲେ। ଏହାପରେ ଦୁହେଁ ମିଶି 'ମୈତ୍ରୀ' ନାମକ ଡୁପ୍ଲେକ୍ସ ଘର ନିର୍ମାଣ କରିଥିଲେ। ଏଥିରେ ଅଲଗା ଅଲଗା ରୋଷେଇଘର, ଶୟନ କକ୍ଷ ଥିଲା। ହେଲେ ଉଭୟଙ୍କର ଗୋଟିଏ ଡ୍ରଇଂରୁମ୍ ଥିଲା। ଏଇଠି ହିଁ ଦୁଇପରିବାର ସଦସ୍ୟ ଏକତ୍ରିତ ହୋଇ ମିଳିମିଶି ସମୟ ଅତିବାହିତ କରନ୍ତି। ବିପିନଙ୍କ ପୁଅ ଗୌତମ ଦେଶାଇ (୭୦) କୁହନ୍ତି, ଆମ ବାପା ଓ ତାଙ୍କ ସାଙ୍ଗଙ୍କ ମଧ୍ୟରେ ସମ୍ପର୍କ ଏତେ ମଜଭୁତ ଥିଲା ଯେ, ଲୋକେ ତାଙ୍କୁ ଭାଇ-ଭାଇ ବୋଲି ଭାବନ୍ତି। ତେବେ ବିପିନ ଓ ଗୁଣବନ୍ତଙ୍କ ଏହି ବନ୍ଧୁତାକୁ ତାଙ୍କ ଅଣନାତି ନାତୁଣୀମାନେ ଏବେ ବି ଅତୁଟ ରଖିଛନ୍ତି। କେବଳ ସେତିକି ନୁହେଁ, ଏହି ଦୁଇ ପରିବାର ମିଳିତ ଭାବେ 'ମୈତ୍ରୀ ଟ୍ରଷ୍ଟ' ସଞ୍ଚାଳନ କରୁଛନ୍ତି। ଗୁଣବନ୍ତ ଏବଂ ବିପିନ ୧୯୯୦ ମସିହାରେ ଗାନ୍ଧୀବାଦୀ ଆଦର୍ଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ସ୍ଥାପନା କରିଥିଲେ। ବିପିନ୍ ୨୦୧୨ ମସିହାରେ ୮୭ ବର୍ଷ ବୟସରେ ଦୁନିଆରୁ ବିଦାୟ ନେଇଥିବାବେଳେ ଗୁଣବନ୍ତଙ୍କର ୨୦୧୩ ମସିହାରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ଉଭୟ ବନ୍ଧୁ ମୃତ୍ୟୁ ପୂର୍ବରୁ ଚିକିତ୍ସା ଗବେଷଣା ପାଇଁ ସେମାନଙ୍କ ଶରୀରକୁ ଦାନ କରିବାକୁ ଏକାଠି ପ୍ରତିଜ୍ଞା କରିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ

ସମ୍ବଲପୁର,୨୦।୮ (ସମିସ): ବିଶିଷ୍ଟ ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଆଜି ପୂର୍ବାହ୍ଣରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ଥିଲେ। ଗତ କିଛିଦିନ ହେବ ଅସୁସ୍ଥ ଥିବାବେଳେ ସେନପାର୍କ ନିକଟସ୍ଥ ତାଙ୍କ ବାସଭବନରେ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପରିବାରଲୋକେ ନେଇଥିଲେ। ସେଠାରେ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ଶ୍ରୀ ପଶାୟତଙ୍କ ଦେହାନ୍ତ ହୋଇଥିଲା। ଏହି ଖବର ପ୍ରସାରିତ ହେବାପରେ ସମ୍ବଲପୁର ତଥା ସମଗ୍ର ପଶ୍ଚିମାଞ୍ଚଳରେ ଶୋକର ଲହରୀ ଖେଳିଯାଇଛି। ଆଜି ଅପରାହ୍ଣରେ ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସମ୍ବଲପୁର ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ପୁଅ ବିଶ୍ୱଜିତ ପଶାୟତ ମୁଖାଗ୍ନି ଦେଇଥିଲେ। ତାଙ୍କ ପଛରେ ପୁଅ ବିଶ୍ୱଜିତ, ପୁତ୍ରବଧୂ ସଦ୍ୟାରାଣୀ ଓ ମୋହିନୀ, ଝିଅ ସଙ୍ଗୀତା ଓ ଆରତୀ, ଜ୍ୱାଇଁ ଏବଂ ନାତିନାତୁଣୀ ଅଛନ୍ତି। ୨୦୨୪ ମସିହା ଜାନୁଆରୀ ୨୫ ତାରିଖ ବିଶିଷ୍ଟ ସମ୍ବଲପୁରୀ ଗୀତିକାର ଓ ନାଟ୍ୟକାର ବିନୋଦ କୁମାର ପଶାୟତଙ୍କ ସହ ଓଡ଼ିଶାରୁ ବିନୋଦ ମହାରଣା, ଭାଗବତ ପ୍ରଧାନ ଓ ଗୋପୀନାଥ ସ୍ୱାଇଁଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ସେହିବର୍ଷ ଏପ୍ରିଲ ୨୪ ତାରିଖ ଶ୍ରୀ ପଶାୟତଙ୍କୁ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ।



୧୯୩୫ ମସିହା ଡିସେମ୍ବର ୩ ତାରିଖରେ ବଲାଙ୍ଗିରରେ ଜନ୍ମିତ ଶ୍ରୀ ପଶାୟତ ୧୯ ବର୍ଷ ବୟସରେ ସମ୍ବଲପୁରକୁ ଚାଲି ଆସିଥିଲେ। ସମ୍ବଲପୁର ସହର ତାଙ୍କ କର୍ମଭୂମି ସହିତ ସାହିତ୍ୟ ସାଧନାର ପୀଠ ସାଜିଥିଲା। ଜୀବିକା ନିର୍ବାହ ପାଇଁ କୌଳିକ ବୃତ୍ତି ସହ ସେ ସାହିତ୍ୟ ସାଧନା ଜାରି ରଖିଥିଲେ। ୧୯୫୯ ମସିହାରୁ ସେ ଆକାଶବାଣୀର ମାନ୍ୟତାପ୍ରାପ୍ତ ସମ୍ବଲପୁରୀ ଗୀତିକାର ରହିଛନ୍ତି। ଗୀତିକାର ଶ୍ରୀ ପଶାୟତ 'ଲିଟି ଉଡ଼େ ପୁରୁପୁରୁ', 'ହାଏ କୃଷ୍ଣ ହାଏ କୃଷ୍ଣ ବଲି', ଏ ନନି ସୁଲୋଚନା' ସମେତ ଶତାଧିକ ସମ୍ବଲପୁରୀ ଗୀତର ସ୍ରଷ୍ଟା ତଥା "ଉଖୀ', 'ମୁଇଁ ନାଇଁ ମରେ', "ଅଲାର' ଭଳି ବହୁ ସଫଳ ନାଟକର ସଫଳ ନାଟ୍ୟକାର ଭାବେ ଜଣାଶୁଣା। ଗୀତ ଓ ନାଟକ ସହ ରାମ ରାଏଜର୍ କଥା, ଚୁଟ୍‌କୁଚୁଟା ଭଳି କେତେକ ଉପନ୍ୟାସ ମଧ୍ୟ ଶ୍ରୀ ପଶାୟତଙ୍କ ସୃଷ୍ଟି ସମ୍ଭାରକୁ ରୁଦ୍ଧିମନ୍ତ କରିଛି। ଶ୍ରୀ ପଶାୟତ ବହୁ ରାଜ୍ୟ ତଥା ଜାତୀୟସ୍ତରର ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି।

ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ରାଜ୍ୟପାଳ ହରିବାବୁ କମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ପୋଲାଭରମ୍ ପ୍ରକଳ୍ପ ବିବାଦ

### କେନ୍ଦ୍ରୀୟ ଜଳ ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧିମଣ୍ଡଳୀ

# ଦାବି ବିଚାର ନ ହେବା ଯାଏ ଜାରିହେଉ କାର୍ଯ୍ୟବନ୍ଦ ଆଦେଶ

ଭୁବନେଶ୍ୱର,୨୦।୮ (ସମିସ): ଆନ୍ଧ୍ର ପ୍ରଦେଶରେ ପୋଲାଭରମ୍ ପ୍ରକଳ୍ପ ଓଡିଶା ପାଇଁ ବିପଦ ଆଣିବ। ଏକତରଫା ଭାବେ ପ୍ରକଳ୍ପ କ୍ଷମତା ବୃଦ୍ଧି କରାଯାଇଛି। ଓଡ଼ିଶାର ମାଲକାନଗିରି ଜିଲ୍ଲାର କେତେ ଅଞ୍ଚଳ ଜଳାର୍ଣ୍ଣବ ହେବ ତାହାର ଆକଳନ ମଧ୍ୟ କରାଯାଇ ନାହିଁ। ଅପରପକ୍ଷେ କେନ୍ଦ୍ର ସରକାର ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରସଙ୍ଗରେ ବୁଧବାର କେନ୍ଦ୍ରୀୟ ଜଳ ଆୟୋଗ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲଙ୍କୁ ଭେଟି ଉଦବେଗ ଜଣାଇଛି ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ। ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ସହ ପ୍ରତିନିଧି ମଣ୍ଡଳୀ୧୦ ସୂତ୍ରୀ ଦାବି ପତ୍ର ମଧ୍ୟ ପ୍ରଦାନ କରିଛି। ପ୍ରକଳ୍ପ କାରଣରୁ ଓଡ଼ିଶାର ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳ ଜଳମଗ୍ନ ହେବ। ତେଣୁ ସ୍ଥାନୀ ଅଞ୍ଚଳର ଆଦିବାସୀ ତଥା ଦୁର୍ବଳ ବର୍ଗଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ତୁରନ୍ତ ଏବଂ ପ୍ରତିକାରମୂଳକ ପଦକ୍ଷେପ ଦାବି କରିଛି ବିଜେଡି।

ପ୍ରତିନିଧି ମଣ୍ଡଳୀର ଯୁକ୍ତି ଅନୁଯାୟୀ ଗତ ଡିସେମ୍ବର ୫ ତାରିଖରେ ବିଜେଡିର ଏକ ଦଳ ସିଡବ୍ଲ୍ୟୁସିଙ୍କୁ ଭେଟି ଏସଂକ୍ରାନ୍ତରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ମାତ୍ର ଏଯାବତ୍ ଆୟୋଗଙ୍କ ପକ୍ଷରୁ ଏହାକୁ ବିଚାରକୁ ନିଆଗଲା ନାହିଁ। ସୁପ୍ରିମକୋର୍ଟ ୨୦୨୨ ମସିହା ସେପ୍ଟେମ୍ବର ୬ ତାରିଖରେ ନିଜ ରାୟରେ ନର୍ଦ୍ଦିଷ୍ଟ ଭାବେ କହିଥିଲେ ଯେ ପ୍ରକଳ୍ପ ସମ୍ବନ୍ଧୀୟ କେତେକ ବୈଷୟିକ ରିପୋର୍ଟ ଆମ ପାଖରେ ଉପଲବ୍ଧ ଅଛି। ପ୍ରକଳ୍ପର ସମ୍ପ୍ରସାରଣ ଆଧାରରେ ଆଉ କିଛି ରିପୋର୍ଟର ଆବଶ୍ୟକତା ପଡ଼ିପାରେ। ସେହିପରି ପ୍ରକଳ୍ପକୁ ନେଇ ଥିବା ପରୀବେଶ ମଞ୍ଜୁରୀ ଜନିତ ପ୍ରସଙ୍ଗ ଉପରେ ମଧ୍ୟ ଧ୍ୟାନ ଦେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ। ଅତଏବ ଆୟୋଗ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ଡକାଇ ଏକ ବୈଠକ କରିବାର ଆବଶ୍ୟକତା ରହିଛି ବୋଲି ପ୍ରତିନିଧି ଦଳ ଦାବି କରିଛି। ପ୍ରକଳ୍ପର ପଛୁଆ ପାଣି ଯୋଗୁଁ ଏହା



ମାଲକାନଗିରି ଜିଲ୍ଲା ଉପରେ କଣ ପ୍ରଭାବ ପକାଇବ ସେନେଇ ବିଶେଷ ରୂପେ ଅଧ୍ୟୟନ କରିବାକୁ ସିଡବ୍ଲ୍ୟୁସି ଆଶ୍ୱାସନା ଦେଇଥିଲେ ହେଁ କୌଣସି ସକ୍ରିୟ ପଦକ୍ଷେପ କରିନାହିଁ। ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ନିକଟରେ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି, ଯାହା ଓଡ଼ିଶାର ଚିନ୍ତାକୁ ବୃଦ୍ଧି କରିଛି। ଏହା ଆମର ସ୍ଥାନୀୟ ଲୋକଙ୍କ ଜମି, ଜୀବିକା ଓ ସୁରକ୍ଷାକୁ ପ୍ରଭାବିତ କରୁଛି, ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ

■ ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳ ଜଳମଗ୍ନ କରିବ ପୋଲାଭରମ୍
■ ୧୦ଦାବି ରଖିଲେ ପ୍ରତିନିଧି ମଣ୍ଡଳୀ, ଆକଳନ ହେଉ ପଛୁଆ ଜଳର ପ୍ରଭାବ

ଆଦିବାସୀ ଅଟନ୍ତି। ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା। ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା। ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ,. ତାହା ବିଚାରକୁ ନିଆନଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଟି ବୋଲି ଅଭିଯୋଗ କରିଛି ପ୍ରତିନିଧି ମଣ୍ଡଳୀ।

ଏହି ସମସ୍ୟାର ସମାଧାନ ପାଇଁ ବିଜେଡି ପକ୍ଷରୁ ଉଭୟକେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଓ ଜଳ ଆୟୋଗଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରାଯାଇଛି। ସୁପ୍ରିମକୋର୍ଟ ୨୦୨୨ ମସିହାରେ ଦେଇଥିବା ଦୁଇଟି ରାୟକୁ ଦୃଷ୍ଟିରେ ରଖି କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ସଂପୃକ୍ତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପରାମର୍ଶ ପ୍ରକ୍ରିୟା ଆରମ୍ଭ କରାଯାଉ। ଓଡ଼ିଶାର ଦାବି ପୂରଣ ନହେବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ। ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହାସହ ପ୍ରକଳ୍ପ ଯୋଗୁଁ ପଛୁଆ ଜଳର ପ୍ରଭାବ ସମ୍ପର୍କରେ ଅଧ୍ୟୟନ ସହ ମାଲକାନଗିରି ଜିଲ୍ଲାର ଜଳମଗ୍ନ ହେବାକୁ ଥିବା ଅଞ୍ଚଳର ସବିଶେଷ ଅଧ୍ୟୟନ କରାଯାଉ। ଅଧ୍ୟୟନ ବେଳେ ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ସର୍ଭେକୁ ମଧ୍ୟ ବିଚାରକୁ ନିଆଯାଉ।

ଯାହଦ୍ୱାରା ସେଠାକାର ଜନଜାତିଙ୍କ ଜୀବନ, ଜୀବିକାର ସୁରକ୍ଷା କରାଯାଇପାରିବ। ସେହିପରି ଓଡ଼ିଶା ସରକାରଙ୍କ ସହ ଆଲୋଚନା କରାଯାଇ ସ୍ଥାନୀୟ ଅଞ୍ଚଳରେ ପୁନଃର୍ବାସ ଏବଂ ଥଇଥାନ ନୀତି କାର୍ଯ୍ୟକାରୀ କରିବାକୁ ଦାବି କରିଛି ପ୍ରତିନିଧି ମଣ୍ଡଳୀ। ଏତଦ୍‌ବ୍ୟତୀତ ଜଳମଗ୍ନସ୍ତରର ପୁନଃମୂଲ୍ୟାୟନ କରି ସେହି ଅନୁଯାୟୀ ପୋଲାଭରମ ପ୍ରକଳ୍ପକୁ ସଂଶୋଧନ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁଜିବୁଲ୍ଲା ଖାନ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶିଙ୍କ ସହ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ମାଝୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ୩ ସ୍ଥାନରେ ନିର୍ମାଣ ହେବ ଓଡ଼ିଶା ଭବନ

ଭୁବନେଶ୍ୱର,୨୦।୮ (ସମିସ): ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମୀକ୍ଷା



■ ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ହେବ ଓଡ଼ିଶା ଭବନ
■ ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ବେଳେ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ନିଜେ ମୁଖ୍ୟମନ୍ତ୍ରୀ ଏନେଇ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଯାଉଥିବାରୁ ଏବଂ ହାଇଦରାବାଦ ଓ ସୁରଟରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ନୂଆଦିଲ୍ଲୀର ଚାଣକ୍ୟପୁରୀରେ ବର୍ତ୍ତମାନ ଓଡ଼ିଶା ଭବନରୁ ପୁନଃନିର୍ମାଣ କରାଯାଉଛି। ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ଜଣାଯାଇଛି ଯେ ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏହି ଏ+୬ ଭବନ ନିର୍ମାଣ କରାଯିବ ଏବଂ ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କର୍କଟ ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି। ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରି ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ନବୀନଙ୍କ ବିରୋଧରେ ଅପମାନଜନକ, ଅଶାଳୀନ, ମିଥ୍ୟା ଭିଡିଓ ପ୍ରସାରଣ

# ଡିଜିଙ୍କୁ ଚିଠି ଲେଖିଲେ ଅମର

ଭୁବନେଶ୍ୱର,୨୦।୮ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଘୃଣ୍ୟ, ମିଥ୍ୟା, ଅପମାନଜନକ ତଥା ମନଗଢ଼ା ଭିଡିଓ ପ୍ରସାରଣ ବିରୋଧରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ ଆବାହକ ଡ. ଅମର ପଟ୍ଟନାୟକ। ଏନେଇ ସେ ଡିଜିଙ୍କୁ ଚିଠି ଲେଖି ଦୁଇଟି ଭିଡିଓ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ ସହ ଦୋଷୀଙ୍କୁ ଚିହ୍ନଟ ସହ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଲେଖିଥିବା ଚିଠିରେ ଡ. ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ଦେଶର ଜଣେ ପ୍ରତିଷ୍ଠିତ ଅନନ୍ୟ ରାଜନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ଓଡ଼ିଆଙ୍କ ଛତା ନାମରେ ଏକ ଫେସବୁକ ଆକାଉଣ୍ଟରେ ଏହି ଆପତ୍ତିଜନକ ଓ ଦୁର୍ଭାବନାପୂର୍ଣ୍ଣ ଭିଡିଓ ପ୍ରସାରିତ କରାଯାଉଛି। ଏହି ଭିଡିଓର ବିଷୟବସ୍ତୁ ଗୁଡ଼ିକ କେବଳ ଅତ୍ୟନ୍ତ ମାନହାନୀକାରକ ତଥା ନିନ୍ଦନୀୟ ନୁହେଁ; ବରଂ ଏହା ସ୍ପଷ୍ଟ ଭାବେ ନବୀନ ପଟ୍ଟନାୟକ, ଭି. କେ ପାଣ୍ଡିଆନ ଏବଂ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କ ସାମାଜିକ ପ୍ରତିଷ୍ଠାକୁ ଖରାପ କରିବା ସାଧୁତାକୁ ପ୍ରଶ୍ନ କରିବା ଏବଂ ମାନସିକ ଯନ୍ତ୍ରଣା ଦେବା

■ ତୁରନ୍ତ ଦୋଷୀଙ୍କ ବିରୋଧରେ ମାମଲା ସହ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଦାବି
■ କ୍ୟାପିଟାଲ ଥାନାରେ ଏତଲା ଦେଲା ବିଜେଡି ଆଇଟି ସେଲ୍

ସହ ସାମାଜିକ ବିଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଡ. ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

ତେଣୁ ଡିଜି ଏହି ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରିଫେସବୁକ ଆକାଉଣ୍ଟ 'ଓଡ଼ିଆ ଛାଟ' ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ମେଟା ତୁରନ୍ତ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ପାଇଁ ପଦକ୍ଷେପ ନେବାକୁ ଡ. ପଟ୍ଟନାୟକ ଦାବି କରିଛନ୍ତି। ଏପରି ଅପମାନଜନକ ଭିଡିଓକୁ ତୁରନ୍ତ ସାମାଜିକ ଗଣମାଧ୍ୟମରୁ ହଟାଇବା ସହ ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଡ. ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ଆଇଟି ସେଲ୍ ମଧ୍ୟ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ର ବିଜେଡି ନେତା ରକି ଦାସଙ୍କ ସମେତ ଅନ୍ୟ ନେତାମାନେ ଥାନାରେ ଏତଲା ଦେଇଛନ୍ତି। ବିରୋଧୀ ଦଳ ନେତା, ଭିକେ ପାଣ୍ଡିଆନ ଓ ସୁଜାତା ରାଉତଙ୍କ ମାନହାନି କରିବା ଏଆଇ ମାଧ୍ୟମରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଉଛି। ସଂପୃକ୍ତ ଫେସବୁକ ଆଇଡି ପରିଚାଳକଙ୍କ ବିରୋଧ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

### ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷା

# ଏସ୍‌ସିବି ଛାତ୍ର ପୁଶନ୍ ଟପ୍ପର

କଟକ,୨୦।୮ (ସମିସ): ସର୍ବଭାରତୀୟ ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଏସ୍‌ସିବି ମେଡିକାଲ କଲେଜ ଛାତ୍ର ଡାକ୍ତର ପୁଶନ ମହାପାତ୍ର ଟପ୍ପର ହୋଇଛନ୍ତି। ପିଜି ନାମଲେଖା ନିମନ୍ତେ ପ୍ରକ୍ରିୟା ଆଗାମୀ ଦିନରେ ହେବାକୁ ଥିବା ବେଳେ ଦିଲ୍ଲୀ ଯାଇ ଡାକ୍ତରୀ ପାଠପଢ଼ାରେ ଉଚ୍ଚଶିକ୍ଷା ହାସଲ କରିବା ପୁଶନଙ୍କ ଲକ୍ଷ୍ୟ ରହିଛି। କଟକ କାଳିଗଳି ଅଞ୍ଚଳର ଜୟକୃଷ୍ଣ ମହାପାତ୍ର ଏବଂ ରଚିତା ମହାପାତ୍ରଙ୍କ ପୁଅ ପୁଶନ ଷ୍ଟିୱାର୍ଟ ସ୍କୁଲରୁ ଦଶମ ଏବଂ ଏଲଆର ଡିଏଭିରୁ ଯୁକ୍ତ ଦୁଇ ପଢ଼ା ଶେଷ କରିବା ପରେ ଏସ୍‌ସିବି ମେଡିକାଲ କଲେଜରେ ଏମବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ।

# ଲିଜ୍‌ଧାରୀଙ୍କ ନିର୍ମାଣ ଉପରେ ଲିଜ୍‌ଦାତା ଦାବିଦାର ନୁହନ୍ତି: ହାଇକୋର୍ଟ

କଟକ,୨୦।୮ (ସମିସ): ଲିଜ୍ ସୂତ୍ରରେ ନେଇଥିବା ଜମି ଉପରେ ଲିଜ୍‌ଧାରୀ କରିଥିବା ନିର୍ମାଣର ସେ ହିଁ ପ୍ରକୃତ ମାଲିକ ଅଟନ୍ତି। ଏହାଉପରେ ଲିଜ୍‌ଦାତା କିନ୍ତୁ ନିଜର ମାଲିକାନା ଦାବି କରିପାରିବେ ନାହିଁ ବୋଲି ଓଡିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଲିଜ୍ ଜମି ଉପରେ ନିର୍ମିତ ଏକ ମୋବାଇଲ୍ ଟାୱାର ସମ୍ପର୍କିତ ବିବାଦକୁ ନେଇ ନିର୍ମଳା ସାହୁଙ୍କ ପକ୍ଷରୁ ରୁଜୁ ଆବେଦନର ବିଚାର କରି ଜଷ୍ଟିସ୍ ଦୀକ୍ଷିତ କୃଷ୍ଣା ଶ୍ରୀପାଦ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୧୪ ମେ ୫ ତାରିଖରେ ହୋଇଥିବା ଏକ ଲିଜ୍ ଡିଡ୍ ଅନୁସାରେ ଆବେଦନକାରୀ ମାଲିକ ହୋଇଥିବାରୁ ସମ୍ପୃକ୍ତ ଜମିକୁ ୫ନମ୍ବର ପ୍ରତିପକ୍ଷ ତଥା ଲିଜଧାରୀଙ୍କୁ ଦେଇଥିଲେ। ଲିଜଧାରୀ ଜମି ଉପରେ ଏକ ମୋବାଇଲ୍ ଟାୱାର ନିର୍ମାଣ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଅକାମୀ ହୋଇଗଲା। ୨୦୧୫ଜୁଲାଇ୧ରେ କେନ୍ଦ୍ରାପଡା ଜିଲ୍ଲାପାଳ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ଲିଜ୍ ଦାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଜିଲ୍ଲାପାଳଙ୍କ ଉକ୍ତ ବିବାଦିତ ଆଦେଶ ଆବେଦନକାରୀଙ୍କ ସ୍ୱାର୍ଥ ଉପରେ ନକାରାତ୍ମକ ପ୍ରଭାବ ପକାଇଛି, ଯାହା ଆଇନଗତ ଭାବରେ ସ୍ଥାୟୀ ନୁହେଁ। ହେଲେ ଲିଜଧାରୀ ସମେତ ବିପରୀତ ପକ୍ଷମାନେ ଜିଲ୍ଲାପାଳଙ୍କ ଆଦେଶକୁ ଯଥାର୍ଥ ଦର୍ଶାଇ ଉକ୍ତ ଆବେଦନକୁ ବିରୋଧ କରିଥିଲେ। ଲିଜ ଅନୁସାରେ ହୋଇଥିବା ନିର୍ମାଣ ଉପରେ ସେ ହିଁ ପ୍ରକୃତ ମାଲିକ ବୋଲି ଅଦାଲତ ବିଭିନ୍ନ ଆଇନର ତର୍ଜମା କରି ମତ ଦେଇଛନ୍ତି। କେନ୍ଦ୍ରାପଡ଼ାର ସିଭିଲ୍ ଜଜ୍ ଅଦାଲତରେ ଏକ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ଏକ ବର୍ଷ ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ନ କରିବାକୁ ଚାଲିଛି ସରକାରୀ ଷଡ଼ଯନ୍ତ୍ର

# ଛାତ୍ର କଂଗ୍ରେସର 'କ୍ୟାମ୍ପସ୍ ଚଲୋ' ଅଭିଯାନ ଆରମ୍ଭ



ଭୁବନେଶ୍ୱର,୨୦।୮ (ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ପଛରେ ଏବିଭିପିର ସଂପୂର୍ଣ୍ଣ ହାତ ରହିଥିବାର ଜଣାପଡ଼ିବା ପରେ ସାରା ଓଡ଼ିଶାର ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ ଏବିଭିପି ବଦନାମ ହୋଇଯାଇଛି। କ୍ୟାମ୍ପସ ଭିତରେ ହିଂସା ଏବଂ ଅପରାଧିକ କାର୍ଯ୍ୟ କରିବାପାଇଁ ଏବିଭିପିର ଷଡ଼ଯନ୍ତ୍ରକୁ ଓଡ଼ିଶାର ଛାତ୍ର ସମାଜ, ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନେ ଅନୁଭବ

**କ୍ୟାମ୍ପସରେ ଜୋରଦାର ହେବ ଲଢ଼େଇ**

କରିସାରିଛନ୍ତି। ତେଣୁ ଛାତ୍ରଛାତ୍ରୀ ମାନଙ୍କର ସମର୍ଥନ ନ ପାଇବାର ଆଭାସ ପାଇ ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନ ନ କରାଇ ଦେବାପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଛି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

ମଙ୍ଗଳବାର କଂଗ୍ରେସ ଭବନଠାରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ କରଣ ତାମସେତୱାର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଛାତ୍ର କଂଗ୍ରେସ ଲଢ଼େଇ ଜୋରଦାର କରିବ। ଏହି ଅବସରରେ ଆଜି ଛାତ୍ର କଂଗ୍ରେସର 'କ୍ୟାମ୍ପସ ଚଲୋ ଅଭିଯାନ' ର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ଏନଏସୟୁଆଇ (ଛାତ୍ର କଂଗ୍ରେସ)ର କର୍ମକର୍ତ୍ତା ଓ ସଭ୍ୟମାନେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କ୍ୟାମ୍ପସକୁ ଯିବେ। ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ ହେବ। କ୍ୟାମ୍ପସ ଭିତରେ ଅଶାନ୍ତି ଏବଂ ଅପରାଧିକ କାର୍ଯ୍ୟକୁ ପ୍ରତିବାଦ କରାଯିବ। ବିଶେଷକରି ଛାତ୍ରୀମାନଙ୍କର ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ। ସରକାରୀ ଶିକ୍ଷାନୁଷ୍ଠାନରେ ହେଉଥିବା ଦୁର୍ନୀତିର ଦୃଢ଼ ପ୍ରତିବାଦ କରାଯିବ।

ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥା ବର୍ତ୍ତମାନ ସମ୍ପୂର୍ଣ୍ଣ ଭୁଷୁଡ଼ି ପଡୁଛି। ସରକାରୀ ମହା ବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ପଦବୀର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଉତ୍କଟ ଶିକ୍ଷକ ଅଭାବ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ହତାଦର କରାଯାଇ ବେସରକାରୀ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହନ ଦିଆଯାଉଛି। ଅନ୍ୟପକ୍ଷରେ 'ଭୋଟ ଚୋରୀ' ବିରୋଧରେ ଛାତ୍ର ଛାତ୍ରୀମାନଙ୍କ ସହ ଆଲୋଚନା ହେବ ଏବଂ ନୂଆ ଭୋଟର ମାନଙ୍କୁ ଭୋଟ ଚୋରି ବିଷୟରେ ସଚେତନ କରାଯିବ ବୋଲି ଛାତ୍ର କଂଗ୍ରେସ ସୂଚନା ଦେଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ସୟଦ ୟାସିର ନୱାଜ, ମନୋଜ ବିଶ୍ୱାଳ, ବିଭୁତି ଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଗୋରୁଙ୍କ ଜୀବନ ନେଉଛି ଲମ୍ପି ସ୍କିନ୍

ଭୁବନେଶ୍ୱର, ୨୦।୮ (ସମିସ): ସମ୍ପ୍ରତି ରାଜ୍ୟର ଗୋସମ୍ପଦ ପାଇଁ ଏବେ ଘାତକ ହୋଇଛି ଲମ୍ପି ସ୍କିନ୍(ଚର୍ମ ବିଣ୍ଡି) ରୋଗ। ଏପର୍ଯ୍ୟନ୍ତ ଏହି ରୋଗ ପାଇଁ କୌଣସି ଟିକା ଉପଲବ୍ଧ ହୋଇ ନ ଥିବାରୁ ଗାଇ ଗୋରୁମାନଙ୍କ ନିରାକରଣ କରାଯାଇପାରୁନି। କିଛି ଗୋରୀଙ୍କୁ ଛେଳିଙ୍କ ପାଇଁ ଉଦ୍ଦିଷ୍ଟ ଗୋଟ୍ ପକ୍ସ ଦେଇ ଚିକିତ୍ସିତ କରାଯାଉଥିବାବେଳେ ଆଉ କିଛିଙ୍କୁ କେବଳ ଭିଟାମିନ୍ ଔଷଧ ଦିଆଯାଉଛି। କେତେକାଂଶରେ ଏହା ଫଳପ୍ରଦ ହେଉଥିବାବେଳେ ଅଧିକାଂଶ ଗୋରୁଙ୍କ କ୍ଷେତ୍ରରେ ଏହା କାମ କରୁନଥିବା ଅଭିଯୋଗ ହେଉଛି। ଏହି ରୋଗ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବ୍ୟାପିଛି। ଏବେ ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାରେ ଗାଇ ଓ ବଳଦମାନଙ୍କ କ୍ଷେତ୍ରରେ ମାତ୍ରାଧିକ ଦେଖାଯାଉଛି। ଗାଁ ଗହଳିରେ ଏବେ ଏହି ରୋଗ ମାତ୍ରାଧିକ ଭାବେ ବ୍ୟାପିବା ଯୋଗୁଁ ଗୋପାଳକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି। ରାଜ୍ୟରେ ଏବେ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ଅଛନ୍ତି। ଏମାନଙ୍କ ମଧ୍ୟରେ ଗାଇ ଓ ବଳଦଙ୍କ ସଂଖ୍ୟା ସର୍ବାଧିକ। ତା'ତଳକୁ ଛେଳି, ମେଣ୍ଢା ଆଦି ରହିଛନ୍ତି। ମାତ୍ର ଗାଈଙ୍କ କ୍ଷେତ୍ରରେ ଏବେ ଚର୍ମ ବିଣ୍ଡି ରୋଗ ବହୁ ପରିମାଣରେ ଦେଖାଯାଉଛି। ଏହି ରୋଗ ହେଲେ ପ୍ରଥମେ ଗାଈଙ୍କୁ ଜ୍ୱର ହେବାସହ ଶରୀରରେ ଫୋଟକା ଭଳି ଫୁଲି ଯାଉଛି। ପରେ ଏସବୁ ଫୋଟକା ଫାଟି ଘା' ହେଉଛି। ଛେଳିମାନଙ୍କ ପାଇଁ ବ୍ୟବହାର ହେଉଥିବା ଗୋଟ୍ ପକ୍ସ୍ ଟିକାକୁ ପରୀକ୍ଷାମୂଳକ ଭାବେ ଦିଆଯାଉଥିବାବେଳେ ଏହା ସଠିକ୍ ଭାବେ କାମ କରୁନଥିବା ଗୋପାଳକମାନେ ଅଭିଯୋଗ କରିଛନ୍ତି। ଏହା ଏକ ବାୟୁବାହିତ ଓ ଭୁତାଣୁ ଜନିତ ରୋଗ ଏବଂ ମଶା, ମାଛି, ଡାଆଁସ



ଦ୍ୱାରା ବ୍ୟାପୁଥିବାରୁ କ୍ରମଶଃ ଗୋଟିଏ ଗୁହାଳରୁ ଅନ୍ୟ ଜାଗାକୁ ସହଜରେ ବ୍ୟାପୁଛି। ଯେଉଁ ଗୋରୁମାନଙ୍କଠାରେ ରୋଗ ପ୍ରତିଶୋଧକ ଶକ୍ତି କମ୍ ରହୁଛି, ସେହି ଗୋରୁମାନଙ୍କୁ ଏହି ରୋଗ ବିଶେଷ ଭାବେ ଆକ୍ରାନ୍ତ କରୁଛି। ଏହି ରୋଗ ସାଧାରଣତଃ ବାଛୁରୀ ଓ ଗର୍ଭବତୀ ଗାଈମାନଙ୍କୁ ପ୍ରଭାବିତ କରୁଛି। ରୋଗରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଚର୍ମରେ ବିଣ୍ଡି ଭଳି ଗଣ୍ଠି ସୃଷ୍ଟି ହେଉଛି। ସେହି ଗଣ୍ଠି ଫାଟି ରକ୍ତ ଝରୁଥିବା ଲକ୍ଷ୍ୟ କରାଯାଉଛି। ଏହି ରୋଗରେ ଆକ୍ରାନ୍ତ ପଶୁମାନଙ୍କ ପାଟିରୁ ନାଳ ଗଡୁଛି, ଖାଇବା ଛାଡି ଦେଉଛନ୍ତି ଓ ଘୁମାଇବା ସ୍ଥିତି ଦେଖାଯାଉଛି। ଏଭଳି ସ୍ଥିତି ଲାଗି ରହିବାର ୩ରୁ ୪ଦିନ ପରେ ଆକ୍ରାନ୍ତ ଗୋରୁର ମୃତ୍ୟୁ ଘଟୁଛି।

ପ୍ରାଣୀଧନ ଚିକିତ୍ସକଙ୍କ କହିବାନୁସାରେ, ଆବଶ୍ୟକ ଔଷଧ ସେବନ କରାଗଲେ ଆକ୍ରାନ୍ତ ପଶୁମାନେ ସପ୍ତାହକ ପରେ ସୁସ୍ଥ

■ ବିପଦରେ ଲକ୍ଷାଧିକ ଗୃହପାଳିତ ପଶୁ
■ ସଂକ୍ରମଣକୁ ନେଇ ଭୟର ବାତାବରଣ

ହୋଇ ଯାଉଛନ୍ତି। ଅର୍ଥାତ୍ ରୋଗ ପ୍ରତିଶେଧକ ଶକ୍ତି ଅଧିକ ଥିବା ଗାଈ ବାଛୁରୀ ଏହି ରୋଗରେ ଆକ୍ରାନ୍ତ ହେଲେ ଆରୋଗ୍ୟ ହେବାର ସମ୍ଭାବନା ଅଧିକ ରହୁଛି। ଏହି ସମୟରେ ଗୋ-ପାଳକମାନେ ସେମାନଙ୍କ ଗାଈଗୋରୁଙ୍କୁ ଭିଟାମିନ ଯୁକ୍ତ ଖାଦ୍ୟ ଦେବାକୁ ସେ ପରାମର୍ଶ ଦେଉଛନ୍ତି। ଏତଦବ୍ୟତୀତ ଯେଉଁଠି ଡାକ୍ତର ପହଞ୍ଚିବାରେ ବିଳମ୍ବ ହେଉଛି, ହଳଦୀ ଓ ଲିମ୍ବପତ୍ରକୁ ଆକ୍ରାନ୍ତ ଗୋରୁମାନଙ୍କ ଚର୍ମରେ ଲେପନ କରିବାକୁ ପରାମର୍ଶ ଦିଆଯାଇଛି ।

# ନକଲି ସୁନାଶଙ୍ଖ ଦେଇ ୧୦ଲକ୍ଷ ଠକି ନେଲେ



ଜୟପୁର,୨୦।୮(ସମିସ): ନବରଙ୍ଗପୁର ଜିଲ୍ଲାର ଦୁଇଜଣ ଠକ ଜୟପୁର ସହରକୁ ଆସି ସ୍ଥାନୀୟ ଏକ ହୋଟେଲରେ ଜନୈକ ବ୍ୟକ୍ତିଙ୍କୁ ସୁନା ଶଙ୍ଖ ବିକ୍ରି କରିବାକୁ କହି ତମ୍ବା ଶଙ୍ଖ ଦେଇ ୧୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାର ଦୁଇଜଣ ଠକ ଯୁବକ ଜୟପୁର ସହରର ଏକ ହୋଟେଲରେ ସହର ବାହାରର ବ୍ୟବସାୟୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ସୁନାଶଙ୍ଖ ବୋଲି କହିବା ସହ ୧୦ ଲକ୍ଷ ଟଙ୍କାରେ ଏହାକୁ ବିକ୍ରି କରିଥିଲେ। ବ୍ୟବସାୟୀ ଶ୍ରୀ ମହାପାତ୍ର ଉକ୍ତ ଶଙ୍ଖକୁ ନେଇ ଯାଞ୍ଚ କରିବା ବେଳେ ଏହା ନକଲି ସୁନା ତମ୍ବା ଶଙ୍ଖ ବୋଲି ଜଣାପଡିଥିଲା। ଏହିପରି ଉକ୍ତ ନକଲି ସୁନା ଶଙ୍ଖର ଓଜନ ୭ କିଲୋ ଓଜନର ରହିଛି। ଜୟପୁର ଟାଉନ୍ ଥାନାର ଏକ ପୁଲିସ ଦଳ ନବରଙ୍ଗପୁର ଜିଲ୍ଲାକୁ ଯାଇ ସେଠିକାର ପୁଲିସ ସହାୟତାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଚଢ଼ଉ ଜାରି ରଖିଛନ୍ତି।

■ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

# ୧୦ ଦିନ ପରେ ଧାରଣା ସ୍ଥଳରେ ବିଧାୟକ



ଗୁଣପୁର, ୨୦।୮(ସମିସ): ରାୟଗଡ଼ା ଜିଲ୍ଲା ରାଜସ୍ୱ ଅମଲା ସଂଘ ତରଫରୁ ୧୦ ଦଫା ଦାବି ପୂରଣ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ୧୦ ଦିନରେ ପହଞ୍ଚିଛି।ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ଅମଲାଙ୍କ ଧାରଣ ସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଏବଂ ଅମଲାମାନଙ୍କ ଦାବି ଯୁକ୍ତିଯୁକ୍ତ ଅଟେ ବୋଲି କହିଛନ୍ତି। ତେଣୁ ରାଜ୍ୟ ସରକାର ଦାବୀ ପୂରଣ କରିବା ଆବଶ୍ୟକ ବୋଲି କହିଥିଲେ। ଆଗାମୀ ଦିନରେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଦାବି ପୂରଣ ଦିଗରେ ଚେଷ୍ଟା କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅମଲା ସଂଘ ପକ୍ଷରୁ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ରାଜ୍ୟ ରାଜସ୍ୱ ଅମଲା ସଂଘଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂଘ କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ସମ୍ପାଦକ ଅଜୟ ନାହାକ ଏବଂ ବିଶ୍ୱନାଥ ମଣ୍ଡଳ, ରାଜ୍ୟ ପରିଷଦ ସଭ୍ୟ ନେତୃତ୍ୱରେ ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଗୁଣପୁରରେ ସେକ୍ସନ ଅଫିସର ମନରଞ୍ଜନ କାର୍ଜି, ଭି ଅରୁଣା, ମୁରାରୀ ପଟ୍ଟନାୟକ, ଏ ଭି ରାମନା, ଗୁପ୍ତ ପାଣିଗ୍ରାହୀ, ପ୍ରବୀର ପାତ୍ର, ବସନ୍ତ ବେହେରା, ମନୋଜ ପାତ୍ର, ରାଧା ସେଠି, ଘନସି ମାଳି, ନନ୍ଦିତା ଶବର, ସୁମତି ଗମାଙ୍ଗ ପ୍ରମୁଖ ଧାରଣାରେ। ବସିଛନ୍ତି।

# ବାଳିକା ଆଶ୍ରମ ବିଦ୍ୟାଳୟ ପରିସରରେ ଖୋଲିଛି ଦୋକାନ



ଟିକିରି,୨୦।୮(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଡଙ୍ଗାସିଲ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟ ପରିସରରେ ଖୋଲିଛି ଭଳିକି ଭଳି ଦୋକାନ। ଏଠାରେ ୯୦୦ରୁ ଉର୍ଦ୍ଧ ଛାତ୍ରୀ ରହୁଥିବା ବେଳେ ପିଲାମାନେ ଦରକାରୀ ଜିନିଷ ପାଇଁ ବାହାର ଦୋକାନକୁ ଚାଲି ଯାଉଥିଲେ। ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ସେଥିପାଇଁ ବହି, ଖାତା,ପେନସିଲ,ବିସ୍କୁଟ,ଚକଲେଟ ଆଦି ବିକ୍ରି କରୁଛନ୍ତି ମହିଳା ମାନେ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି। କିଛି ବର୍ଷ ପୂର୍ବରୁ ଛଟିଆ ନାବାଳିକାକୁ ବିଦ୍ୟାଳୟ ପରିସର ମଧ୍ୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଶାଳୀନ ବ୍ୟବହାର ଦେଖାଇ ଗିରଫ ଓ ନିଲମ୍ବିତ ହୋଇଥିଲେ। ଏହି ଦୋକାନରେ କିଛି ପୁରୁଷ ମଧ୍ୟ ରହିଥିବାରୁ କିଛି ବି ଅଘଟଣକୁ ଏଡାଇ ହେବନାହିଁ। ସକାଳ ୭ ଟା ରୁ ୯ ଟା ଓ ସନ୍ଧ୍ୟା ୪ଟାରୁ ୭ଟା ପର୍ଯ୍ୟନ୍ତ ଖୋଲା ହେଉଥିବା ଜଣାପଡିଛି। ଗୋଟିଏ ଆବାସିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ପାଁଇ ସରକାରଙ୍କ ଦ୍ୱାରା ନିତ୍ୟ ବ୍ୟବହାର ସବୁ ପ୍ରକାର ସାମଗ୍ରୀ ଏବଂ ଠିକ ସମୟରେ ଖାଇବାକୁ ଯୋଗାଇ ଦିଆ ଯାଉଥିବା ବେଳେ ପୁଣି ବିଦ୍ୟାଳୟ ପରିସରରେ ଦୋକାନ ଖୋଲିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ କଣ ଆବଶ୍ୟକ ହେଉଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

## ସ୍କୁଲ୍‌ରେ ତାଲା ମାରିଲେ ଗ୍ରାମବାସୀ

# ଶିକ୍ଷୟିତ୍ରୀଙ୍କ ହେଲା ବଦଳି




କୋଷାଗୁମୁଡା,୨୦।୮(ସମିସ): ଶିକ୍ଷୟିତ୍ରୀଙ୍କୁ ବିରୋଧ କରି ବିଦ୍ୟାଳୟରେ ତାଲା ଠୁକିଁଲେ ଗ୍ରାମବାସୀ। ଗ୍ରାମବାସୀଙ୍କ ଚାପରେ ଆସି ଶିକ୍ଷୟତ୍ରୀଙ୍କ ଅନ୍ୟତ୍ର ବଦଳି ହେଇଥିବା ସୂଚନା ମିଳିଥିବା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଷାଗୁମୁଡା ସଦର ପଂଚାୟତ ଅନ୍ତର୍ଗତ ଡ଼ଙ୍ଗରୀଗୁଡା ଗ୍ରାମ ଠାରେ। ଗ୍ରାମବାସୀଙ୍କ କହିବା ପ୍ରକାରେ ଗ୍ରାମରେ ରହିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଗୌରୀ ବେହେରା ପିଲାଙ୍କୁ ଠିକ ଭାବେ ପାଠ ପଢାଉ ନଥିବା, ଠିକ୍ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହୁନଥିବାରୁ ତାଙ୍କୁଅନ୍ୟତ୍ର ବଦଳି କରିବାକୁ ଗ୍ରାମବାସୀ ତଥା ରବି ରନ୍ଧାରୀ ,ସଂସାଇ ରନ୍ଧାରୀ ,ସୁନା ଧର ଭାତ୍ରା ,ମଙ୍ଗଳ ସିଂ ସମର୍ ଥ ,ଚନ୍ଦ୍ର ସମରଥ ,ପଦୁ ରନ୍ଧାରୀ ,ଯୋଗେନ୍ଦ୍ର ସମରଥ ,ଲାଇବାନ ସମରଥ ,ଚମ୍ପା ସମରଥ ,କମଳା ସମରଥ ,ଗିରିଜା ଭୋତ୍ରା ,ଗଙ୍ଗାଇ ସମରଥ ,ସମ୍ବାରି ସମରଥ ,ପଦ୍ମା ସମରଥ ,ସୁକଦେଇ ସମ ରଥ ,ପାର୍ବତୀ ସମରଥ ସମୂହ ଅଭିଯୋଗ ଆଣିଥିଲେ। ଆଜି ଡଙ୍ଗରୀଗୁଡା ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟରେ ତାଲା ଠୁକିଁ ଥିବା ଦେଖିବାକୁ ମିଳିଛି। ଆଜି ସକାଳ ୧୦ ଘଣ୍ଟା ସମୟରେ ଗ୍ରାମବାସୀ ବିଦ୍ୟାଳୟ ରେ ପହଞ୍ଚି ବିଦ୍ୟାଳୟର ମୁଖ୍ୟ ଦ୍ୱାରାକୁ ଚାବି ପକାଇ ପିଲାଙ୍କୁ ସାଙ୍ଗରେ ଧରି ବିଦ୍ୟାଳୟ ସାମ୍ନାରେ ପ୍ରଶାସନର ଅପେକ୍ଷାରେ ରହିଥିଲେ । ଖବର ପାଇଁ କୋଷାଗୁମୁଡା ବ୍ଲକର ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ତଥା ସମାଜସେବି ହରିବନ୍ଧୁ ମାଝୀ ଡଙ୍ଗରୀଗୁଡା ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସଙ୍ଗେ ସଂଗେ ଗ୍ରାମବାସୀଙ୍କ ଦାବିକୁ ସହମତ ହୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି ଶିକ୍ଷୟତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଥିଲେ। ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ଉକ୍ତ ଶିକ୍ଷୟିତ୍ରୀକୁ ଚିଠି ସଂଖ୍ୟା ୧୩୬୩/୨୫ନମ୍ବରରେ ବିଇଓ କାର୍ଯ୍ୟାଳୟ ଠାରୁ ଏମ କେରା ଗାଁ ପଞ୍ଚାୟତର ସମରଥ ଗୁଡା ବିଦ୍ୟାଳୟକୁ ବଦଳି କରିଥିବା କୋଷାଗୁମୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୈମେନ୍ଦ୍ର ଭୌମିକ ସୂଚନା ଦେଇଛନ୍ତି।

# ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ରାୟଗଡ଼ା/କୋଲନରା,୨୦।୮(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପେଣ୍ଟା ପଞ୍ଚାୟତ ମହକୁମା ସ୍ଥିତ ଶିବ ମନ୍ଦିର ନିକଟରେ ବୋଲେରୋ ଧକ୍କାରେ ମୋଟରସାଇକେଲ ଚାଳକ ଓ ଆରୋହୀ ଆହତ ହୋଇଛନ୍ତି। ବାଇକ ଚାଳକ ସାମାନ୍ୟ ଆହତ ହୋଇଥିଲେ ହେଁ ଆରୋହୀଙ୍କ ଗୋଡ଼ ଉପରେ ବୋଲେରୋ ମାଡ଼ିଯିବାରୁ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି । ସେ ଗୁରୁତର ଅଛନ୍ତି। ଉଭୟଙ୍କ ଘର ମୁନିଗୁଡା ବ୍ଲକରେ ବୋଲି ଜଣାପଡିଛି। ଗୁରୁତର ଆହତ ଜଣକ ହେଲେ ବି ସନ୍ତୋଷ କୁମାର(୫୦) ଏବଂ ସୁରେଶ କୁଲେଶିକା(୨୨) । ଲୋକେ ବୋଲେରୋକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବୋଲେରୋ ଫେରାର ହୋଇଯାଇଥିଲା। ଖବରପାଇ ସନ୍ତୋଷଙ୍କ ସମ୍ପର୍କୀୟ ପହଞ୍ଚି ଦୁଇ ଆହତଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ସନ୍ତୋଷଙ୍କ ପରିବାର ତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ନେବେ ବୋଲି ଜଣାପଡିଛି।

# ଜଳବିଭାଜିକା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ

ଜୟପୁର,୨୦।୮(ସମିସ): କୋରାପୁଟ ଜିଲ୍ଲାର ଜଳବିଭାଜିରା ନିର୍ଦ୍ଦେଶକଙ୍କ କୋରାପୁଟ ଜିଲ୍ଲା ଗସ୍ତ ବେଳେ ଗତକାଲି ରାତିରେ କୋରାପୁଟ ଠାରେ ଜିଲ୍ଲାରେ କାର୍ଯ୍ୟରତ ୱାଟେରସେଡ୍ ଡେଭୋଲପର୍ସ ଟିମ ଏବଂ ଅଫିସ ସହାୟକ (ଡାଟାଏଣ୍ଟ୍ରୀ ଅପରେଟର) ମାନେ ସାକ୍ଷତ କରିବା ସହ ୪୦ ଜଣଙ୍କୁ ଚାକିରିରୁ ନିବୃତ୍ତ କରିବା ନେଇ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନୋଟିସକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ଏହିପରି କୋରାପୁଟ ଜିଲ୍ଲାରେ ୧୦ଟି ନୂତନ ପ୍ରକଳ୍ପ ପାଇଁ କାଗଜପତ୍ର ସହ ସମସ୍ତ ପ୍ରସ୍ତାବ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲେ ସୁଦ୍ଧା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ମାତ୍ର ୩ଟି ପ୍ରସ୍ତାବ ନେଇ ସରକାରଙ୍କୁ ପ୍ରେରଣ କରିଥିବା ନେଇ ମଧ୍ୟ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏଥିନେଇ ସେ ରାଜ୍ୟ ସରକାରଙ୍କ ଯୋଜନା ଏବଂ ନିୟମ ଅନୁଯାୟୀ ତଦାରଖ କରିବେ ସେହିପରି ଚାକିରିରୁ ୩ ମାସ ପୂର୍ବରୁ ନିବୃତ ନେଇ ନୋଟିସର ସମୀକ୍ଷା କରିବା ପରେ ଆଇନ ଓ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାରେ ଜଳବିଭାଜିକା କାର୍ଯ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସରକାରଙ୍କ ନିକଟକୁ ମାତ୍ର ୩ ପ୍ରକଳ୍ପ ପାଇଁ ଜିଲ୍ଲା ଜଳବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟରେ ସମୁଦାୟ ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ ଜଳବିଭାଜିକା ଯୋଜନାରେ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଉଛି। ଏହିପରି ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ବର୍ତ୍ତମାନେ ଜିଲ୍ଲାରେ ଆଗାମୀ ଦିନରେ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ଉନ୍ନତୀମୂଳକ ଏବଂ ଲୋକଙ୍କ ଉପଯୋଗୀଙ୍କ ପାଇଁ କାର୍ଯ୍ୟ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଡବ୍ଲୁଡିଟିଏସ ଏବଂ ଅଫିସ ସହାୟକ ଡାଟାଏଣ୍ଟ୍ରୀ ଅପରେଟର ଭାବେ କାର୍ଯ୍ୟରତ ସମୁଦାୟ ୪୦ ଜଣଙ୍କୁ ଆସନ୍ତା ଡିସେମ୍ବର ମାସ ଠାରୁ କାର୍ଯ୍ୟରୁ ନିବୃତ ନେଇ ଗତ ୬ ତାରିଖରରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ଆଗୁଆ ସୂଚନା ଦିଆଯାଇଛି। ଏହିପରି ଗତ ୨୦୦୦ ମସିହା ଠାରୁ ଦୀର୍ଘ ୧୫ରୁ ୨୫ ବର୍ଷ ଧରି କାର୍ଯ୍ୟରତ ଥିବା କର୍ମଚାରୀ ମାନଙ୍କୁ ଜିଲ୍ଲାରେ ଆଗାମୀ ପ୍ରକଳ୍ପ ନ ଥିବା ନେଇ ଚାକିରିରୁ ନିବୃତ କରିବା ଦ୍ୱାରା ସେମାନଙ୍କ ପରିବାର ଭରଣପୋଷଣ ଏବଂ ଜୀବନ ଜୀବିକା ଉପରେ ବାଧା ସୃଷ୍ଟି କରାଯାଇଛି ବୋଲି ଭୟଭୀତ କର୍ମଚାରୀ ମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଏହିପରି ଜିଲ୍ଲାରେ ଏନଆରଇଜିଏସ ସହାୟକ ଭାବେ କାର୍ଯ୍ୟରତ ୨୩ଜଣ କର୍ମଚାରୀଙ୍କୁ ଗତ ୮ ମାସ ପୂର୍ବେ ଚାକିରୁ ନିବୃତ କରାଯାଇଥିଲା। କିନ୍ତୁ ପୁଣି ଅଧିକାରୀଙ୍କ ନିକଟତମ ଲୋକ ଭାବେ ୬ଜଣଙ୍କୁ ଚାକିରି ପ୍ରଦାନ କରାଯାଇଛି ବୋଲି କର୍ମଚାରୀ ମାନେ ଅଭିଯୋଗ କରିଥିଲେ।

# ଚୋରି ମାମଲାରେ ୪ ଗିରଫ

କୋରାପୁଟ,୨୦।୮(ସମିସ):

କୋରାପୁଟ ସଦର ଥାନା ଅନ୍ତର୍ଗତ କଫି ବୋର୍ଡ ସାମ୍ନାରେ ଥିବା ଏକ ଘରୁ ଗ୍ରୀଲ୍ ଏବଂ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଚୋରି ହୋଇଥିବା ଘଟଣାରେ ସଦର ପୁଲିସ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସଦର ପୁଲିସ କେସ ନମ୍ବର ୧୧୩, ଧାରା ୩୩୧(୪)/୩୦୫ ବି.ଏନ.ଏସ. ରେ ମାମଲା ରୁଜୁ କରି ଘଟଣାର ଉତ୍ପଳ ଆଫିର ଉଜେ(୨୭),ଅର୍ଜୁନ କିର୍ସାନି (୨୭), ମୁକେଶ ବିଶ୍ୱାସ (୨୫) ଓ ଗୋବିନ୍ଦ ଜାନି(୩୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଆଇଆଇସି ରୁନୁ ମାଝୀ କହିଛନ୍ତି।

ସୂଚନାଯୋଗ୍ୟ, ସଦର ଥାନା ଅନ୍ତର୍ଗତ କଫି ବୋର୍ଡ ସାମ୍ନାରେ ରହୁଥିବା ଗଣେଶ ଚନ୍ଦ୍ର ବେହେରା ଗତ ଜୁନ ମାସ ୧ ତାରିଖ ଦିନ ସପରିବାର ଗାଁ କୁ ଯାଇଥିଲେ। ଘର ବନ୍ଦ ଥିବାର ସୁଯୋଗ ନେଇ ଜୁନ୍ ମାସ ୫ ତାରିଖ ଦିନ ଗ୍ରୀଲ୍ ଏବଂ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଘରେ ପଶି ୨୦ ହଜାର ଟଙ୍କା ନଗଦ, ପ୍ରାୟ ୧୫ ଗ୍ରାମ ଓଜନର ଦୁଇଟି ସୁନା ଚେନ୍, ପ୍ରାୟ ୮ ଗ୍ରାମ ଓଜନର ଚାରୋଟି ମୁଦି ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଏବଂ ଅପରାଧୀମାନେ ୪ଟି ଆଲମିରାର ତାଲା ମଧ୍ୟ ଭାଙ୍ଗି ଦେଇଥିବା ୬ ତାରିଖ ଦିନ ଶ୍ରୀ ବେହେରାଙ୍କ ପଡୋଶୀ ପ୍ରମିଳା କୁମାରୀ ବେହେରା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଏସଆଇ ଫକିର ମୋହନ ଖରା ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କୁ ଠାରୁ ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ମୁଦି, ୩,୫୦୦ ଟଙ୍କା ଏବଂ ଗୋଟିଏ ମୋଟରସାଇକେଲ ଜବତ କରାଯାଇଥିବା ଆଇଆଇସି ଶ୍ରୀମତୀ ମାଝୀ କହିଛନ୍ତି। ପୂର୍ବରୁ ପୋଡାଗଡା ବଜାର ଅଞ୍ଚଳର ଦୁଇଟି ଚୋରି ମାମଲାରେ ଉତ୍ପଳ ଆଫିର ଉଜେ ଏବଂ ଅର୍ଜୁନ କିର୍ସାନି ସମ୍ପୃକ୍ତ ଥିବା ସେ କହିଛନ୍ତି।



# ପତ୍ନୀ ସହ କଳହ, ଯୁବକଙ୍କ ଆତ୍ମହତ୍ୟା

ବନ୍ଧୁଗାଁ,୨୦।୮(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁଟ୍ରାବେଡା ପଞ୍ଚାୟତ ଗୁଲୁମିଗୁଡା ଗ୍ରାମର ଜଣେ ଯୁବକ ନିଜ ଘରେ ପ୍ଲାଷ୍ଟିକ ଦୌଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଦାନୁ ମେଲେକା (୨୦)। ପୁଲିସ ଗାଁ ରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହିତ ଅଧିକ ତଦନ୍ତ ଆରମ୍ଭ କରିଛି। ସୁଚନା ଅନୁଯାୟୀ ମୃତ ଯୁବକ ଜଣକ ବାହର ରାଜ୍ୟକୁ ଦାଦନ ଖଟିବାକୁ ଯାଇ କିଛି ଟଙ୍କା ରୋଜଗାର କରି ଘରକୁ ଫେରି ଆସିଥିଲେ। ସେହି ଦିନରୁ ମଦ ପିଇ ସ୍ୱାମୀ ସ୍ତ୍ରୀ ପରସ୍ପର ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ହେଉଥିଲେ। ସବୁ ବେଳେ ସ୍ତ୍ରୀ ସହିତ ଝଗଡ଼ା ହେଉଥିବା ବେଳେ ଆତ୍ମହତ୍ୟା କରି ଦେବି ବୋଲି ସେ କହି ଆସୁଥିଲେ। ଗତ କାଲି ସ୍ୱାମୀ ମଦ ପିଇ ସ୍ତ୍ରୀ ସହିତ ଝଗଡ଼ା ହେବାରୁ ସ୍ତ୍ରୀ ରାମୀ ମେଲେକା ପଡିଶା ଘରେ ଯାଇ ରାତ୍ରରେ ଶୋଇ ଥିଲେ। ସ୍ୱାମୀ ନିଜ ଘରେ ଶୋଇ ଥିଲେ। ସକାଳେ ସ୍ତ୍ରୀ ନିଜ ଘରକୁ ଫେରି କବାଟ ଖୋଲିବା ପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ଦେଖି ଗାଁ ଲୋକେଙ୍କୁ ଜଣାଇ ଥିଲେ। ସ୍ତ୍ରୀର ଲିଖିତ ଅଭିଯୋଗ ପାଇବା ପରେ ଏସଆଇ ବିଜୟ ମୁର୍ମୁ, ନୀତିଶ ନାଇକ ଓ ଏଏସ ଆଇ ଅନିଲ ନାୟକ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ଭୀମଭୋଇ ସାମର୍ଥ୍ୟ ଶିବିର

ଗୁଣପୁର, ୨୦।୮(ସମିସ): ଗୁଣପୁର ବ୍ଲକ ପରିସରରେ ସ୍ୱତନ୍ତ୍ର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବ୍ଲକର ୧୯ଟି ପଞ୍ଚାୟତରୁ ଆସିଥିବା ୩୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ଡାକ୍ତରମାନେ ପରୀକ୍ଷା କରିଥିଲେ। ୧୬୮ଜଣ ଅସ୍ଥିଶଲ୍ୟ ବା ହାତ, ଗୋଡ଼ ବାଧିତ, ୪୧ଜଣ ମାନସିକ ଅନଗ୍ରସର, ୪୬ଜଣ ଦୃଷ୍ଟି ବାଧିତଙ୍କୁ ପରୀକ୍ଷା କରିବା ସହ ସେମାନଙ୍କୁ ପ୍ରମାଣପତ୍ର ପଦାନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସେମାନଙ୍କ ନାମ ସୁପାରିଶ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର ସୂଚନା ଦେଇଛନ୍ତି। ୪ଜଣଙ୍କୁ କାନ, ଆଖାବାଡି ଆଦି ସହାୟତା ଉପକରଣ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ଉଦ୍‌ଘାଟନ କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ସହାୟକ ଆଶୁତୋଷ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଦକ ଦ୍ରବ୍ୟ ଚୋରା ଚାଲାଣ ରୋକିବା ଉପରେ ଜିଲ୍ଲାସ୍ତରୀୟ ବୈଠକ

ରାୟଗଡ଼ା,୨୦।୮(ସମିସ):

ରାୟଗଡ଼ା ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚୋରା ଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏହା ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ବନଖଣ୍ଡ ଅଧିକାରୀ ଆନ୍ନାସାହେବ ଓହଲେ, ଉପଜିଲ୍ଲାପାଳ ଗୁଣୁପୁର ଦୁଧାଲ ଅଭିଶେଖ ଦିଲ୍ଲୀପ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା କ୍ଷ ବିଶେଷ କରି ଜିଲ୍ଲାରେ ମାଦକ ନିଶା ଦ୍ରବ୍ୟ ଗଞ୍ଜେଇ ଅବାଧ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ଓ ଚୋରା ଚାଲାଣ ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ,ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କ ଠାରେ ନିବାରଣ ଉପରେ ସଚେତନତାକୁ ପ୍ରୋତ୍ସାହନ କରିବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଂଚଳ ମାନଙ୍କରେ ନିଶା ଦ୍ରବ୍ୟ କ୍ଷତିକାରକ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଭଳି ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା ହୋଇଥିଲା । ବିଶେଷ କରି ଓଡିଶା ଜୀବିକା ସରକାରଙ୍କ ତରଫରୁ କାର୍ଯ୍ୟକ୍ରମ ଜରିଆରେ ଏହି ଅଂଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା କ୍ଷ ଗଞ୍ଜେଇ ଚାଷ ବଦଳରେ ସେହି ଅଂଚଳର ଲୋକଙ୍କୁ ଫଳ, ମକା ଓ ଅନ୍ୟ ଅର୍ଥକାରୀ ଫସଲ ଚାଷ ପାଇଁ କୃଷି ବିଭାଗ, ଉଦ୍ୟାନ ବିଭାଗ ତରଫରୁ ମଞ୍ଜି ଯୋଗାଇବା ଉପରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଗୁରୁତ୍ୱ ଦେଇଥିଲେ କ୍ଷ"ଅବକାରୀ ବିଭାଗକୁ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ କ୍ଷ ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ସାହୁ, ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତିନିଧି, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଦୟାନିଧି ରାଉତ, ଜିଲ୍ଲା ଦକ୍ଷତା ଓ କର୍ମ ନିୟୋଜନ ଅଧିକାରୀ ସୁଶ୍ରୀ ସ୍ୱର୍ଣ୍ଣଲତା ରାଉତ, ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିଟ୍‌ରେ ସଫଳ ଧବଳେଶ୍ୱରଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା

# 'ଡାକ୍ତରୀ ପାଠପଢା ପାଇଁ ଦାଦନ ଖଟିବାକୁ ଯାଇଥିଲେ'



ତେନ୍ତୁଳିଖୁଣ୍ଟି,୨୦।୮(ସମିସ): ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ତେନ୍ତୁଳିଖୁଣ୍ଟି ଗ୍ରାମର ଧବଳେଶ୍ୱର ପୂଜାରୀ(ସିପୁନ)ଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ନବରଙ୍ଗପୁର ସ୍ଥିତ ନିଜ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଡାକ୍ତରୀ ପାଠପଢା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସରକାରୀ ସହାୟତା ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଧବଳେଶ୍ୱରଙ୍କ ଡାକ୍ତରୀ ପାଠପଢା ଆଡ଼ମିସନ ପାଇଁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସମୟରେ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, ପିଏ ଆଇଟିଡିଏ ରାଜୀବ ଲୋଚନ ସାହୁ, ଡିଡବ୍ଲୁଓ ପଲକା ରବୀନ୍ଦ୍ର ନାଥ ଉପସ୍ଥିତ ଥିଲେ। ଅନ୍ୟପଟେ ଧବଳେଶ୍ୱରଙ୍କ ଡାକ୍ତରୀ ପାଠପଢା ଖର୍ଚ୍ଚ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସରକାର ବହନ କରିବେ ବୋଲି ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ତେନ୍ତୁଳିଖୁଣ୍ଟି ବିଡିଓ ଶ୍ରୀ ପାଣିଗ୍ରାହୀ,ପିଏ ଆଇଟିଡିଏ ଶ୍ରୀ ସାହୁ ଓ ଡିଡବ୍ଲୁଓ ଶ୍ରୀ ପାଲକା ଧବଳେଶ୍ୱରଙ୍କୁ ୧୦ ହଜାର ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଧବଳେଶ୍ୱର ନିହାତି ଗରିବ ପରିବାରରେ ଜନ୍ମ ନେଇଥିଲେ ହେଁ ପିଲାଟି ଦିନରୁ ପାଠପଢା ପ୍ରତି ଭାରି ରୁଚି ରହିଥିଲା। ଯେତେବେଳେ ଧବଳେଶ୍ୱରଙ୍କୁ ୩ ବର୍ଷ ହୋଇଥିଲା, ମା' ପୁଅକୁ ଛାଡି ବାପା କେଉଁଆଡେ ଚାଲିଗଲେ। ମା କାଞ୍ଚନ କୁଲି ମଜୁରୀ କରି ପୁଅକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼େଇଥିଲେ। ଧବଳେଶ୍ୱର ମାଟ୍ରିକରେ ୮୦ ପ୍ରତିଶତ ଏବଂ ଯୁକ୍ତ ୨ ବିଜ୍ଞାନ ରେ ୮୮ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଧବଳେଶ୍ୱର ଦାଦନ ଖଟିବାକୁ ଯାଇଥିଲେ। ସେହି ରୋଜଗାର ଟଙ୍କାରେ ବୁକ୍ସ ଓ ସ୍ମାର୍ଟ ଫୋନ କିଣି ୟୁଟ୍ୟୁବରୁ ପାଠ ପଢି ତୃତୀୟ ପ୍ରୟାସ୍‌ରେ ନିଟ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ଦୃଢ ଇଚ୍ଛାଶକ୍ତି ଆଗରେ ଧବଳେଶ୍ୱରଙ୍କ ଗରିବୀ ଫେଲ୍ ମାରିଛି। ତାଙ୍କର ଏହି ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି। ପ୍ରଥମେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ଧବଳେଶ୍ୱରଙ୍କ ଏକାଉଣ୍ଟକୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାପରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସହୃଦୟ ବ୍ୟକ୍ତି, ସମାଜସେବୀ ଧବଳେଶ୍ୱରଙ୍କୁ ଶୁଭେଚ୍ଛା ଜଣାଇ ଡାକ୍ତରୀ ପାଠପଢା ପାଇଁ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି।

# ଦକ୍ଷତା ବିକାଶ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ




ନବରଙ୍ଗପୁର,୨୦।୮(ସମିସ): ନବରଙ୍ଗପୁର ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ନିୟୋଜନ ନିର୍ଦ୍ଦେଶକ ତଥା ଓଏସଡି ଏସି ଇଓ, ଜିଲ୍ଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡାଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀମତୀ ପଣ୍ଡା ବିଭିନ୍ନ ବିଭାଗୀୟ ଯୋଜନାର ସମୀକ୍ଷା କରିଥିଲେ। ସମୀକ୍ଷାରେ ନବରଙ୍ଗପୁର ମହାବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର କର୍ତ୍ତୃପକ୍ଷଙ୍କୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଜୀବିକା ପରାମର୍ଶ ଓ ନିଯୁକ୍ତି ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆୟୁଷ୍ମାନ ଭାରତ ଏବଂ ବୟୋ ବନ୍ଦନା କାର୍ଡ ବିତରଣ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ମେଗା ପାନୀୟ ଜଳ ଯୋଜନାରେ ଗାଁ ଅନ୍ତର୍ଭୁକ୍ତ, ପ୍ରତ୍ୟେକ ଘରକୁ ପିଇବା ପାଣି ଏବଂ ହର ଘର ଜଳ, ଶିକ୍ଷା ବିଭାଗ ଛାତ୍ର ଛାତ୍ରୀଙ୍କ ପାଠ ସହ ଜୀବିକା ପରାମର୍ଶ, ମେଟ୍ରିକ୍ ପାସ୍ ହାର, ପିଏମ୍ ଶ୍ରୀ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଗଣ୍ଡି ଓ ଭତରା ଭାଷାରେ ପ୍ରାରମ୍ଭିକ ସ୍ତରରେ ଶିକ୍ଷା ପ୍ରଣାଳୀ ପ୍ରକଳ୍ପକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ ଉପରେ ପଚାରି ବୁଝିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାର ଭାମିନି ଠାରେ ଥିବା ମକା ପ୍ରସେସିଂ ୟୁନିଟ କାର୍ଯ୍ୟକ୍ଷମ ନେଇ ପଚାରି ବୁଝିଥିଲେ। ଉଦ୍ୟାନ କୃଷି ବିଭାଗର ଷ୍ଟବେରି ଚାଷ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀଙ୍କ ସଫଳତା ଉପରେ ପଚାରି ବୁଝିଥିଲେ। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ କିଭଳି ଗୋପାଳନ, ଘାସ ଚାଷ କିଭଳି ବୃଦ୍ଧି କରିବେ ସେ ନେଇ ଓ ଅଧିକ ପରିମାଣ ରେ ଗୋପାଳନ ପୂର୍ବକ ଚାଷୀର ଆର୍ଥିକ ଅଭିବୃଦ୍ଧି ଉପରେ ପରାମର୍ଶ ଦେଇଥିଲେ।

ସକାଳ THE SAKALA



# ବାହ୍ୟଜଗତରୁ ବିଛିନ୍ନ ୩ ଖଣ୍ଡ ଗାଁ



ବୈପାରୀଗୁଡ଼ା,୨୦।୮(ସମିସ): ବାହ୍ୟଜଗତରୁ ବିଚ୍ଛିନ୍ନ ୩ ଖଣ୍ଡ ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ। ଘର ଘର ବୁଲି ଲୋକଙ୍କୁ ଯୋଗାଇଲା ସ୍ୱାସ୍ଥ୍ୟସେବା । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର କଟିନିକୁଣ୍ଡ ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ। ଗତ କିଛି ଦିନ ଧରି କୋରାପୁଟ ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଥିବା ବେଳେ ବୈପାରୀଗୁଡା ବ୍ଲକର କାଟିନକୁଣ୍ଡ ଗାଁରେ ଏହାର ପ୍ରଭାବ ପଡିଛି । ସୋମବାର ଦିନ ଲଗାଣ ବର୍ଷାରେ ଗାଁ ମଝିରେ ଥିବା ପୋଲ ଭାସିଯାଇଛି। ଯାହାଦ୍ୱାର କି ପଞ୍ଚାୟତର ୩ ଖଣ୍ଡ ଗାଁ ଭାଟିଗୁଡା, ହାତୀଖାଲ, କଟିନିକୁଣ୍ଡ ଆଦି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏହି ଗ୍ରାମବାସୀଙ୍କ ଗମନାଗମନ ଠପ୍ ହୋଇଯାଇଛି। ପ୍ରାୟ ୩ ଖଣ୍ଡ ଗାଁରେ ଶହେରୁ ଅଧିକ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ ଡାକ୍ତରୀ ଦଳ। ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କ ନେତୃତ୍ୱରେ ଘରେ ଘରେ ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ସମ୍ପର୍କୀୟ ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା। ସ୍ୱାସ୍ଥ୍ୟ ଟିକିନିଖି ଯାଞ୍ଚ କରିବା ସହ ଔଷଧ ବଣ୍ଟନ କରାଯାଇଛି। ବର୍ଷା ଦିନେ ପାଣି ଫୁଟାଇ ପିଇବା ସହ ଶୋଇବା ବେଳେ ମଶାରୀ ବ୍ୟବହାର କରିବା, ବାସି ଖାଦ୍ୟ ନଖାଇ ଉଷୁମ ଖାଦ୍ୟ ଖାଇବା, ଘର ଆଖପାଖ ଅଞ୍ଚଳ ସଫାସୁତୁରା ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ମେଡିକାଲ ଟିମ ମଧ୍ୟରୁ ଏଏନଏମ ଭବାନୀ ରଶ୍ମି, ଫର୍ମାସିଷ୍ଟ ପ୍ରଣତି ପଟ୍ଟନାୟକ, ଅଙ୍ଗନବାଡି ଦିଦି ସତ୍ୟବତୀ, ଆଶା ଦିଦି ରତ୍ନମଣି ସାନ୍ତା ଏବଂ ଭାଉନୁ ଗୋତନ ପ୍ରମୁଖ ଉପସ୍ଥିତ ଥିଲେ।

## ସାର ପାଇଁ ଆର୍‌ସିଏମ୍‌ଏସ୍ କାର୍ଯ୍ୟାଳୟରେ ଚାଷୀଙ୍କ ପାଟିତୁଣ୍ଡ

# ଜିଲ୍ଲାରେ ମିଳୁନି ୟୁରିଆ ସାର

ଜୟପୁର,୨୦।୮(ସମିସ): କୋରାପୁଟ ଜିଲ୍ଲା ଜୟପୁର ତେଲିଗୁଡା ସ୍ଥିତ ଆଞ୍ଚଳିକ ସମବାୟ ବଜାର ସମିତି (ଆରସିଏମଏସ) କାର୍ଯ୍ୟାଳୟଠାରେ ଜିଲ୍ଲାର ଚାଷୀ ମାନେ ୟୁରିଆ ସାର ପାଇଁ ପ୍ରବଳ ପାଟିତୁଣ୍ଡ କରିଥିଲେ। ଏହିପରି ଜିଲ୍ଲାର ଟ୍ରେନ୍ ଯୋଗେ ବରାଦ ଅନୁଯାୟୀ ସାର ଆସିଥିଲେ ସୁଦ୍ଧା ଚାଷୀ ମାନଙ୍କୁ ପ୍ରଦାନ କରାଯାଉ ନାହିଁ। ଫଳରେ ଚାଷୀ ମାନେ ଆଗାମୀ ଖରୀଫ ଧାନ ଚାଷ ପାଇଁ ୟୁରିଆ ସାର ନେବା ଆଶାରେ ସକାଳ ୧୦ଟା ଠାରୁ ସ୍ଥାନୀୟ ଆରସିଏମ୍‌ଏସ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କ ଖରିଫ ଧାନ ଚାଷ ପାଇଁ ଆବଶ୍ୟକ କରୁଥିବା ୟୁରିଆ ସାର ମିଳୁନଥିବା ବେଳେ ଜଣେ ଚାଷୀ ପ୍ରତି ୨ଟି ବସ୍ତା ୟୁରିଆ ସାର ପ୍ରଦାନ କରିଯାଉଛି। ଏହିପରି ଚାଷୀ ମାନେ ସେମାନେ ଅଧିକ ଜମିରେ ଚାଷ କରୁଥିବା ବେଳେ ସାରର ଆବଶ୍ୟକତା ରହିଥିବା ଯୋଗୁଁ ବାରମ୍ବାର ଜୟପୁର ଆରସିଏମ୍‌ଏସ ଠାରେ ପହଞ୍ଚି ୨ ପ୍ୟାକେଟ୍ ସାର ନେଉଛନ୍ତି। ଏହିପରି ଚାଷୀ ମାନେ ନିଜ ନିଜ ଚାଷ କାର୍ଯ୍ୟ ସମୟ ଦେଇ ପାରୁନଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି। ଜିଲ୍ଲାରେ କେବଳ ଜୟପୁର ସ୍ଥିତ ଆରସିଏମଏସ ଏକମାତ୍ର ଗୋଦାମରେ ଜିଲ୍ଲାର ସମସ୍ତ ୧୪ଟି ବ୍ଲକର ଚାଷୀ ମାନଙ୍କୁ ସରକାରୀ ରିହାତି ଦରରେ ସାର ବିକ୍ରି କରାଯାଇଥାଏ। ତେଣୁ ଚାଷୀ ମାନେ ଦୋକାନ ଗୁଡିକରେ ଚଢ଼ା ଦରରେ ସାର କ୍ରୟ କରିବା ବଦଳରେ ନିଜ ଜମିପାଇଁ ଆବଶ୍ୟକତା ହେଉଥିବା ୟୁରିଆ କ୍ରୟ ଆଶାରେ ଏଠାକୁ ଆସିଥାଆନ୍ତି। ତେଣୁ ଏକମାତ୍ର ଆରସିଏମ୍‌ଏସର କେନ୍ଦ୍ରରେ ଚାଷୀଙ୍କ ବ୍ୟାପକ ଭିଡ଼ ଯୋଗୁଁ ସମସ୍ତ ଚାଷୀଙ୍କୁ ଗୋଟିଏ ଦିନରେ ସାର ଯୋଗାଇବା ହୋଇ ନପାରି ସମସ୍ୟା ସୃଷ୍ଟି ହେଉଛି। ସେହିପରି ମୁଖ୍ୟତଃ ଧାନ ଚାଷ ପାଇଁ ୟୁରିଆ ଆସୁଥିବା ବେଳେ ମକା ଚାଷୀ ମାନେ ନିଜ



ଡଙ୍ଗର ଜମି ସହ ବିଭିନ୍ନ ସରକାରୀ ଡଙ୍ଗର, ଜଙ୍ଗଲ ଜମିରେ ମକା ଚାଷ ବାହାନାରେ ୟୁରିଆ ପାଇଁ ଭିଡ଼ ଜମାଇବା ସହ କ୍ରୟ କରିବାକୁ ଦାବି କରୁଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର ପ୍ରତ୍ୟେକ ଲ୍ୟାମ୍ପ୍‌ସରେ ମଧ ପ୍ରତ୍ୟେକ ଚାଷୀଙ୍କ ପିଛା ୨ ପ୍ୟାକେଟ୍ ୟୁରିଆ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ କୃଷି ବିଭାଗର ଧାନଚାଷ ଆକଳୋନ କରାଯାଇ ଜିଲ୍ଲାକୁ ଆବଶ୍ୟକତା ହେଉଥିବା ୧୭୦୦ ମେଟ୍ରିକ ଟନ ୟୁରିଆ ପାଇଁ ବରାଦ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧ ହଜାର ମେଟ୍ରିକ୍ ଟନ୍ ୟୁରିଆ ପହଞ୍ଚିଛି। ବଳକା ୭୦୦ ମ୍ୟାଟ୍ରିକ୍ ଟନ୍ ଆଗାମୀ ଏକ ସପ୍ତାହ ମଧ୍ୟରେ ପହଞ୍ଚିବା ନେଇ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୟୁରିଆ ଗୁଡିକକୁ ଜିଲ୍ଲାର ବିଭିନ୍ନ ପଞ୍ଜୀକୃତ ଡିଲର, ସମବାୟ ସଂସ୍ଥା ଗୁଡିକକୁ ପ୍ରଦାନ କରାଯାଇଛି। ଡିଲର ମାନେ ସିଧାସଳଖ ଚାଷୀ ମାନଙ୍କୁ ବିକ୍ରି କରିପାରବେ। ଏହିପରି ସମସ୍ୟା ନେଇ ଆରସିଏମସ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ କୌଣସି ଉତ୍ତର ମିଳିନାହିଁ। ଖବର ଲେଖାହେବା ସୁଦ୍ଧା ଚାଷୀ ମାନେ ଆରସିଏମସ ଗୋଦାମରୁ ସାର ଗ୍ରହଣ କାର୍ଯ୍ୟ ଜାରୀ ରହିଥିଲା। ଆଗାମୀ ଦିନରେ ସାର ନ ମିଳିଲେ ଜାତୀୟ ରାଜପଥ ଅବରୋଧ ସହ ଆନ୍ଦୋଳନ କରାଯିବ ବୋଲି ଚାଷୀ ମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳା ଚନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଜିଲ୍ଲାକୁ ଆବଶ୍ୟକ ଅନୁଯାୟୀ ସାର ଆସିଛି ଏବଂ ଆଗାମୀ ଦିନରେ ଆସିବ। ଏହା ମାଲବାହୀ ଟ୍ରେନ ଯୋଗେ ଆସୁଥିବା ଯୋଗୁଁ ବୈଷୟିକ ସମସ୍ୟା ପାଇଁ ଗୋଟିଏ ଦିନ ବିଳମ୍ବ ହୋଇଯାଇଛି। ତେଣୁ ଗଚ୍ଛିତ ସାର ଶେଷ ହେବାର ଲାଗିଥିବା ଯୋଗୁଁ ଏହିପରି ସମସ୍ୟା ହୋଇଥିଲା। କିନ୍ତୁ ଏହାର ସମାଧାନ ଅତିଶୀଘ୍ର ହୋଇଯିବ ବୋଲି ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ବୈଠକ



କୋରାପୁଟ,୨୦।୮(ସମିସ): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଚଳିତ ବର୍ଷର ଖେଳ ଓ ଦୌଡକୁଦ ନିମନ୍ତେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା, ଅର୍ପିତା ପ୍ରଧାନ ଓ ଚାମେଲି ମଜୁମଦାର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ପୂଜାରୀ ଏବଂ ୧୪ ଟି ବ୍ଲକର ବ୍ଲକ ସଂପାଦକ ମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ବିନୋଦ କୁମାର ତ୍ରିପାଠୀ ଯୋଗଦେଇ ଚଳିତ ବର୍ଷ ଶିକ୍ଷା ବର୍ଷର ଖେଳ ଓ ଦୌଡକୁଦ କିପରି ପରିଚାଳନା ହେବ ଏବଂ କେଉଁ ଜାଗାରେ ହେବ ସେ ସଂପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଶେଷରେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଦୀପ କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରାଶ କରୁଛି ଖାତିଗୁଡା ଷ୍ଟେଟ୍ ବ୍ୟାଙ୍କ ସେବା

**ଲୋକେ ହନ୍ତସନ୍ତ**

ତେନ୍ତୁଲିଖୁଣ୍ଟି, ୨୦।୮ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ସ୍ଥିତ ଉପର ଇନ୍ଦ୍ରାବତୀ ଡ୍ୟାମ୍ ପ୍ରୋଜେକ୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଗ୍ରାହକଙ୍କୁ ଉପଯୁକ୍ତ ସେବା ମିଳିପାରୁ ନଥିବା ଅଭିଯୋଗ ହେଉଛି। ସାମାନ୍ୟରୁ ସାମାନ୍ୟ ସେବା ପାଇଁ ବ୍ୟାଙ୍କର କାର୍ଯ୍ୟରତ କର୍ମଚାରୀ ଲୋକଙ୍କ ବାରମ୍ବାର ବ୍ୟାଙ୍କ ଦଉଡ଼ାଉ ଥିବା ଅଭିଯୋଗ ହେଉଛି। ପାସବୁକ ପାଇଁ ଗ୍ରାହକଙ୍କୁ ୮ ରୁ ୧୦ ଥର ବ୍ୟାଙ୍କ ଦଉଡିବାକୁ ପଡୁଛି। ବାରମ୍ବାର ଆସି ଲୋକେ ନିରାଶ ବି ହେଉଛନ୍ତି। ଧାଡିରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବା ପରେ ବାବୁମାନେ ହଠାତ୍ ଆଜି ହେବ ନାହିଁ କହି ଫେରାଇ ଦେଉଥିବା ଜଣାପଡ଼ିଛି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଉଛି। ପୂର୍ବରୁ ବ୍ୟାଙ୍କରେ ଥିବା କର୍ମଚାରୀ ଲୋକଙ୍କ ସମସ୍ୟା କୁ ଗୁରୁତ୍ୱ ଦେଉଥିବା ବେଳେ ବର୍ତ୍ତମାନ ନୂତନ ଭାବରେ ଯୋଗଦେଇଥିବା ବ୍ୟାଙ୍କ ବାବୁ ମାନେ କିଛି ବୁଝୁନଥିବା ଆଲୋଚନା ହେଉଛି। ବ୍ୟାଙ୍କ କାରବାର ପାଇଁ ବ୍ୟାଙ୍କ ଆସୁଥିବା ଗ୍ରାହକଙ୍କୁ ସଠିକ ବ୍ୟବହାର ମଧ ପ୍ରଦର୍ଶନ କରାଯାଉନଥିବା ଅଭିଯୋଗ ହେଉଛି। ବ୍ୟାଙ୍କ ପରିସର ସଫେଇ ମଧ ସଠିକ ଭାବରେ କରାଯାଉନଥିବା ଅଭିଯୋଗ ହେଉଛ। ଆଦିବାସୀ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସଦାଶିବ ଜାନି ବ୍ୟାଙ୍କ ସେବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ନିରୀହ ଆଦିବାସୀ ଏବଂ ଅଶିକ୍ଷିତ ଲୋକଙ୍କୁ ବାରମ୍ବାର ଡାକି ନିରାଶ କରାଯାଉଥିବାରୁ ବାଧ ହୋଇ ଲୋକେ ସ୍ଥାନୀୟ କିଓସ୍କୋ ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି। ଅନେକ ସମୟରେ ସେମାନେ ଠକାମୀ ର ଶିକାର ହେଉଥିବା ସେ ପ୍ରକାଶ କରିଛନ୍ତି। ଘଣ୍ଟା ଘଣ୍ଟା ଅପେକ୍ଷା ପରେ ମଧ ଲୋକଙ୍କ କାର୍ଯ୍ୟ ହେଉନଥିବାରୁ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଉତ୍ତମ ବ୍ୟବହାର, ଲୋକଙ୍କ ସମସ୍ୟା ସାଙ୍ଗକୁ ପରିଷ୍କାର ପରିଚ୍ଛନ୍ନତା ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଉମରା ତୀର୍ଥ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ଚନ୍ଦାହାଣ୍ଡି,୨୦।୮(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଅଞ୍ଚଳରୁ ଉମରା ତୀର୍ଥ ଯାତ୍ରା ନିମନ୍ତେ ଗସ୍ତ କରୁଥିବା ତୀର୍ଥ ଯାତ୍ରୀଙ୍କୁ ଚନ୍ଦାହାଣ୍ଡି ଏବଂ ମୋହରା ଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ମୋହରା ଗ୍ରାମର ବରିଷ୍ଠ ବ୍ୟବସାୟୀ ମହମ୍ମଦ ୟୁନୁସ ଏବଂ ତାଙ୍କ ଧର୍ମପତ୍ନୀ ଅଜିମା ବାନୋ ଉମରା ତୀର୍ଥ ନିମନ୍ତେ ମକ୍କା ଏବଂ ମଦିନା ଯାତ୍ରା କରୁଛନ୍ତି। ଆଜି ଏହି ଅବସରରେ ଚନ୍ଦାହାଣ୍ଡି ଏବଂ ମୋହରା ଠାରେ ବନ୍ଧୁ ବାନ୍ଧବଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭାର ଅୟୋଜନ କରାଯାଇଥିଲା। ଏହି ଅବସରରେ ଉମରା ଯାତ୍ରା କରୁଥିବା ତୀର୍ଥ ଯାତ୍ରୀଙ୍କ ଯାତ୍ରା ସୁଗମ ହେଉ ବୋଲି ଉପସ୍ଥିତ ସମସ୍ତ ମୁସଲମାନ ଭାଇ ମାନେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏମାନେ ୧୫ ଦିନ ମଦିନା ଏବଂ ମକ୍କା ଠାରେ ରହିବେ ବୋଲି ଜଣାପଡିଛି। ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରି ସମସ୍ତେ ଫେରିବେ ବୋଲି ପ୍ରକାଶ କରିଛନ୍ତି।

# ସାମ୍ବିଧାନିକ ଅଧିକାର ଶିକ୍ଷା କର୍ମଶାଳା



କୋରାପୁଟ,୨୦।୮(ସମିସ): ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ଛାତ୍ରିନିବାସର ଅନ୍ତେବାସୀମାନଙ୍କ ଦେଖାଶୁଣା କରୁଥିବା ମାଟ୍ରନ ମାନଙ୍କୁ ସାମ୍ବିଧାନିକ ଅଧିକାର ଶିକ୍ଷା ବିଷୟରେ ଶିକ୍ଷାଦେବା ନିମନ୍ତେ ଜିଲ୍ଲା ପ୍ରଶାସନ ପରାମର୍ଶ ଓ ନିର୍ଦ୍ଦେଶରେ ମାନବାଧିକାର ଶିକ୍ଷାନୁଷ୍ଠାନ (ଆଇଏଚଆରଇ) ଦ୍ୱାରା ଦିନିକିଆ କର୍ମଶାଳା ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପ୍ରଶିକ୍ଷକ ପ୍ରଦୀପ ନାୟକ କୋରାପୁଟ ଜିଲ୍ଲାର ୬୦ଟି ଆବାସିକ ବିଦ୍ୟାଳୟରୁ ୬୦ ଜଣ ମାଟ୍ରନଙ୍କୁ ସାମ୍ବିଧାନିକ ଅଧିକାର ଶିକ୍ଷା ଏବଂ ଶିଶୁ ଅଧିକାର, ଶିଶୁ ସୁରକ୍ଷା, କନ୍ୟା ଭ୍ରୁଣ ହତ୍ୟା, ଶିଶୁ ଯୌନ ନିର୍ଯାତନା ବନ୍ଦ କରବା, ମାନବିକ ଅଧିକାର ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଭାରତ ସମ୍ବିଧାନରେ ଥିବା ବିଭିନ୍ନ ଅଧିକାର ରଚିତ ପାଠ୍ୟ ପୁସ୍ତକ, ପୋଷ୍ଟର ମଧ୍ୟ ଯୋଗାଇ ଦିଆଯାଇଛି। ସେମାନେ ବିଦ୍ୟାଳୟରେ ଛାତ୍ରୀ ନିବାସ ଏବଂ ଛାତ୍ରାବାସରେ ପ୍ରଧାନ ଶିକ୍ଷକଙ୍କ ସହିତ ଆଲୋଚନା କରି ଏକ ସମୟ ନିର୍ଘଣ୍ଟ କରି ପିଲାମାନଙ୍କୁ ଶିକ୍ଷା ଦେବେ। ଏହା ଦ୍ୱାରା ଛାତ୍ର ଜୀବନରୁ ପିଲାମାନେ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ଶିକ୍ଷା କାର୍ଯ୍ୟରେ ଲଗାଇବେ। ବିଦ୍ୟାଳୟ ସ୍ତରରେ ହେଉଥିବା ଶିଶୁ ନିର୍ଯାତନା ବନ୍ଦ ହୋଇପାରିବ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ରବି ନାରାୟଣ ପଣ୍ଡା, ଗାୟତ୍ରୀ ମିଶ୍ର ଶିକ୍ଷା ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ପ୍ରଦୀପ ଖୋସଲା ଯୋଗଦେଇ ଆୟୋଜନ ଓ ପରିଚାଳନା କରିଥିଲେ।

# ବସ୍‌ଷ୍ଟାଣ୍ଡରେ ଫିଡସ୍‌ରେ ପ୍ରାଣ ହରାଇଲେ ବୃଦ୍ଧ

କୋରାପୁଟ,୨୦।୮(ସମିସ): ବସ୍ ଅପେକ୍ଷାରେ ଥିବା ବେଳେ ଅଚାନକ ଫିଡସ୍ ବାହାରିବା ଯୋଗୁଁ କୋରାପୁଟ ବସଷ୍ଟାଣ୍ଡରେ ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତକ ଜଣକ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ନରସିଂହ ଦାସ ବୋଲି ଜଣାପଡ଼ିଛି। ବୁଧବାର ସକାଳେ ସେ କୋରାପୁଟ ବସଷ୍ଟାଣ୍ଡରେ ଅପେକ୍ଷା କରି ଥିବାବେଳେ ହଠଶତ୍ ମୂର୍ଚ୍ଛା ରୋଗରେ ଆକ୍ରାନ୍ତ ହୋଇଥିଲେ। ନିକଟରେ ଥିବା କିଛି ଯାତ୍ରୀ ୧୧୨କୁ ଯୋଗାଯୋଗ କରିବାରୁ ଟାଉନ୍ ପୁଲିସ ପହଞ୍ଚି ତାଙ୍କୁ କୋରାପୁଟ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଲକ୍ଷ୍ମୀପୁର ବ୍ଲକ୍‌ର ଓଡ଼ିଆପେଣ୍ଠ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟରତ ଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିବାରବର୍ଗ ପହଞ୍ଚିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ନନ୍ଦପୁର ବ୍ଲକ୍‌ରେ ନୂଆ ବସ୍‌ଷ୍ଟାଣ୍ଡ କେବେ ?



ନନ୍ଦପୁର,୨୦।୮ (ସମିସ): କୋରାପୁଟ ଜିଲ୍ଲାର ଦ୍ୱିତୀୟ ସର୍ବବୃହତ୍ ଗ୍ରାମ ପଞ୍ଚାୟତ ବିଶିଷ୍ଟ ବ୍ଲକ ହେଉଛି ନନ୍ଦପୁର। ଏହା କୋରାପୁଟ ଜିଲ୍ଲାର ପୂର୍ବତନ ରାଜଧାନୀ। ରାଜା ଶାସନ ସମୟରେ ନନ୍ଦପୁରର ଖ୍ୟାତି ରହିଥିଲା। ମନ୍ଦିର ମାଳିନୀ ସାଙ୍ଗକୁ ପର୍ଯ୍ୟଟନ କ୍ଷେତ୍ରରେ ସୁନାମ ରହିଛି ନନ୍ଦପୁର ବ୍ଲକ ଅଞ୍ଚଳର। ହେଲେ ବିକାଶ କହିଲେ ଆଖିଦୃଶିଆ କିଛି ନାହିଁ। ଦୁଇ ବର୍ଷ ତଳେ ସମାନ ସମୟରେ ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ନନ୍ଦପୁର ବ୍ଲକ ସହ ଲମତାପୁଟରେ ସରକାରୀ ବସ୍ ଷ୍ଟାଣ୍ଡ ନିମନ୍ତେ ଜମି ଚିହ୍ନଟ ସହ ମାପ ଚୁପ୍ ଶେଷ ହୋଇଥିଲା। ତେବେ ବିଡମ୍ବନା ଯେ ପଡୋଶୀ ଲମତାପୁଟ ବ୍ଲକରେ ନୂତନ ସରକାରୀ ବସ୍‌ଷ୍ଟାଣ୍ଡ ଝଟକୁ ଥିବା ବେଳେ ନନ୍ଦପୁର ବ୍ଲକ୍‌ରେ କୋଦାଳ ମାଟିଟି ପଡ଼ିନାହିଁ। ଯାହାକୁ ନେଇ ଚଳିତ ନନ୍ଦପୁର ଗ୍ରାମପଞ୍ଚାୟତର ଗ୍ରାମସଭାରେ ଏ ନେଇ ଆଲୋଚନା ହୋଇଥିଲା। କିଛି ଭଦ୍ର ବ୍ୟକ୍ତି ବସ୍ ଷ୍ଟାଣ୍ଡ ନିର୍ମାଣ ନେଇ ଜମି ଅଧିଗ୍ରହଣ କଥା ଉଠାଇ ପ୍ରଥେମ ଚିହ୍ନଟ ହୋଇଥିବା ଜମିକୁ ବାତିଲ କରିବାକୁ ମତାମତ ଦେଇଥିଲେ। ତେବେ ପ୍ରଶ୍ନ ଉଠୁଛି ନନ୍ଦପୁର ବ୍ଲକ ଅଞ୍ଚଳ ବିକାଶ କ୍ଷେତ୍ର ନା ବିନାଶ କ୍ଷେତ୍ର ବୋଲି ଆଲୋଚନା ଜୋର୍ ଧରିଛି।

# ଭେଲୋରସ୍ଥିତ ଖ୍ରୀଷ୍ଟିୟାନ ମେଡ଼ିକାଲ କଲେଜରେ ଡାକ୍ତରୀ ପଢ଼ିବେ କଲ୍ୟାଣୀ

କୋଷାଗୁମୁଡା,୨୦।୮(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଆଟିଗାଁ ପଞ୍ଚାୟତର ଗୋଟିବେଡା ଗ୍ରାମର ଚିତ୍ତରଞ୍ଜନ ଗୌଡ଼ ଓ ତନୁଜା ଗୌଡ଼ଙ୍କ ଝିଅ ସୁଶ୍ରୀ କଲ୍ୟାଣି ଗୌଡ଼ ତାମିଲନାଡୁର ଭେଲୋରସ୍ଥିତ ଖ୍ରୀଷ୍ଟିୟାନ ମେଡ଼ିକାଲ



କଲେଜରେ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେ ଆଟିଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଦୟାଲୁ ଗୌଡ଼ଙ୍କ ନାତୁଣୀ। କେଲ୍ୟାଣୀ କୋଷାଗୁମୁଡା ସଦର ମହକୁମାର ଡ୍ରିମ୍ ଇଣ୍ଡିଆ ପବ୍ଲିକ ସ୍କୁଲରେ ମ୍ୟାଟ୍ରିକ ପରୀକ୍ଷାରେ ଶତକଡା ୯୧ ପ୍ରତିଶତ ଭାଗ ମାର୍କ ରଖି ବ୍ଲକ ଓ ଜିଲ୍ଲା ପାଇଁ ଗର୍ବ ଆଣିଥିଲେ। ପରେ ଏଓରଞ୍ଚ ୟୁନିଭେର୍ସିଟି ଗୁଣୁପୁର କଲେଜରେ +୨ ପରୀକ୍ଷାରେ ଶତକଡା ୯୦ ପ୍ରତିଶତ ମାର୍କ ଆଣି ପାସ୍ କରିଛନ୍ତି।

# ତହସିଲଦାରଙ୍କ ଉପସ୍ଥିତିରେ ଭଙ୍ଗା ହେଲା ସ୍କୁଲ ଆଲମାରୀ ତାଲା

**ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ପରେ ୨ ମାସ ବନ୍ଦ ଥିଲା**



ବୈପାରୀଗୁଡ଼ା,୨୦।୮(ସମିସ): ବୈପାରୀଗୁଡ଼ା ବ୍ଲକ ସଦର ମହକୁମା ସ୍ଥିତ ଗୁମ୍ମା ଏସ୍‌ଏସ୍‌ଡି ହାଇସ୍କୁଲରେ ୨ ମାସ ପରେ ସ୍କୁଲ ଆଲମାରୀ ଖୋଲାଗଲା । ସ୍ଥାନୀୟ ତହସିଲଦାର ସିଂଗ୍ରାରାଣୀ ଚୌଧୁରୀ ଏବଂ ଥାନା ଅଧିକାରୀ ଏବଂ ବ୍ଲକ ମଙ୍ଗଳ ବିଭାଗ ଅଧିକାରୀ ଚନ୍ଦ୍ର ପୂଜାରୀଙ୍କ ଉପସ୍ଥିତିରେ ସ୍କୁଲ ଆଲମାରୀ ତାଲା ଭଙ୍ଗାଗଲା। ସୂଚନା ଥାଉକି, ବୈପାରୀଗୁଡା ସ୍ଥିତ ଗୁମ୍ମା ଏସ୍‌ଏସଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ଏସ.ଆନନ୍ଦ ରାଓ ଗତ ଫେବୃଆରୀ ୧୯ ତାରିଖ ୨୦୨୫ ମସିହାରେ ବିଦ୍ୟାଳୟରେ ଯୋଗ ଦେଇଥିଲେ। ଗତ ଜୁନ ୭ ତାରିଖ ୨୦୨୫ ଦିନ ତାଙ୍କର ଅକାଳ ବିୟୋଗ ଘଟିଥିଲା। ସ୍କୁଲ ଆଲମାରୀ ତାଲା ତାଙ୍କ ପାଖରେ ଥିଲା। ଏଣୁ ୨ ମାସ ପର୍ଯ୍ୟନ୍ତ ସ୍କୁଲ ଆଲମାରୀ ବନ୍ଦ ରହିଥିଲା। ସେହି ଆଲମାରରେ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ରହିଯାଇଥିଲା । ବିଦ୍ୟାଳୟ ପରିଚାଳନା ନିମନ୍ତେ ବାଧା ସୃଷ୍ଟି ହେଉଥିଲା। ସ୍କୁଲର ସମସ୍ତ ଷ୍ଟାପଙ୍କ ଦରମା ମିଳିବାରେ ବାଧା ଉପୁଜିଥିଲା। ଏଥିଲାଗି କୋରାପୁଟ ଜିଲ୍ଲା ମଙ୍ଗଳ ବିଭାଗ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ତହସିଲଦାର, ଥାନା ଅଧିକାରୀ, ଡିବ୍ଲୁଓ ଏବଂ ଭାରପ୍ରାପ୍ତ ବିଦ୍ୟାଳୟପ୍ରଧାନଶିକ୍ଷୟିତ୍ରୀ ନିରୋଜା ତ୍ରିପାଠୀଙ୍କ ଉପସ୍ଥିତରେ ବିଦ୍ୟାଳୟର ବନ୍ଦ ଥିବା ଆଲମାରୀ ତାଲା ଭଙ୍ଗା ଯାଇଛି।

# ବନବାସୀ କଲ୍ୟାଣ ଆଶ୍ରମ ପ୍ରବେଶ ପଥରୁ ଜବରଦଖଲ ଉଚ୍ଛେଦ



ମୁନିଗୁଡ଼ା,୨୦।୮(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ମୁନିଖୋଲ ନିକଟରେ ନିର୍ମାଣଧୀନ ବନବାସୀ କଲ୍ୟାଣ ଆଶ୍ରମର ଦକ୍ଷତା ଭବନ ପ୍ରବେଶ ପଥ ବିଭିନ୍ନ ଲୋକଙ୍କ ଦ୍ୱାରା ଜବରଦଖଲ ଥିଲା। ବର୍ଷକ ପୂର୍ବରୁ ଭବନ ନିର୍ମାଣ ସମୟରେ ରାସ୍ତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କଲ୍ୟାଣ ଆଶ୍ରମ କର୍ତ୍ତୃପକ୍ଷ ମୁନିଗୁଡ଼ା ତହସିଲରେ ସେମାନଙ୍କ ନିମନ୍ତେ ନିର୍ଦ୍ଧାରିତ ରାସ୍ତା ପାଇଁ ଅବେଦନ କରିଥିଲେ। ତହସିଲଦାର ଏମ୍ ଅନୁରାଧା, ଟିକରପଡ଼ା ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳ ନିରୀକ୍ଷଣ କରି ଜାଣିବାକୁ ପାଇଥିଲେ ରାସ୍ତା ଜବର ଦଖଲରେ ଅଛି। ଏଣୁ ତହସିଲ ତରଫରୁ ସଂପୃକ୍ତ ଜବରଦଖଲକାରୀ ମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ନୋଟିସ ପ୍ରଦାନ କରିଥିଲେ।ଏହି ସମୟ ସୀମା ମଧ୍ୟରେ ଜବରଦଖଲ ମୁକ୍ତ ନକଲେ ଆଇନ ଅନୁସାରେ ଜବରଦଖଲ ମୁକ୍ତ କରାଯିବାର କଥା ମଧ ନୋଟିସ ମାଧମରେ ଜଣାଇଥିଲେ। ଏହା ମଧ୍ୟରେ କଲ୍ୟାଣ ଆଶ୍ରମ କର୍ତ୍ତୃପକ୍ଷ ସେମାନଙ୍କ ନିର୍ମାଣ କାର୍ଯ୍ୟରେ ସଂକୀର୍ଣ୍ଣ ରାସ୍ତା ବାଧା ସୃଷ୍ଟି କରୁଥିବା ଜଣାଇ ସେମାନଙ୍କୁ ରାସ୍ତା ଦେବାକୁ ତହସିଲଦାରଙ୍କ ନିକଟରେ ନିବେଦନ କରୁଥିଲେ। ଆଜି ନିର୍ଦ୍ଧାରିତ ସମୟସୀମାର ଅନ୍ତିମ ଦିନରେ ମୁନିଗୁଡ଼ା ତହସିଲଦାର ଏମ୍ ଅନୁରାଧା, ଏସଡିପିଓ ସନ୍ତିଶିନି ଓରାମ, ଆଇଆଇସି ସୌଦାମିନୀ ବେହେରା, ଟିକରପଦା ଆରଆଇ ଓ ତହସିଲ, ପୋଲିସ କର୍ମଚାରୀଙ୍କ ଉପସ୍ଥିତି ଏବଂ ଆବେଦନକାରି ବନବାସୀ କଲ୍ୟାଣ ଆଶ୍ରମର ରାଜ୍ୟ ସଂଯୋଜକ କୃଷ୍ଣ କୁମାର ଭାଟି, ଜିଲ୍ଲା ସଂଯୋଜକ ପୀତବାସ ପଣ୍ଡା, ଆଶ୍ରମ ଦାୟିତ୍ୱରେ ଥିବା ଉତ୍ସବ ଭୋଇ ପ୍ରମୁଖଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇ ରାସ୍ତା ନିର୍ଦ୍ଧାରିତ କରାଯାଇଥିଲା। ବନବାସୀ କଲ୍ୟାଣ ଆଶ୍ରମ ବନବାସୀ କ୍ଷେତ୍ରରେ ଅବହେଳିତ ବିଦ୍ୟାର୍ଥୀ,ଅଧାରୁ ପାଠ ଛାଡୁଥିବା ଯୁବକ ଯୁବତୀ ମାନଙ୍କୁ ଶିକ୍ଷିତ ଓ ପ୍ରଶିକ୍ଷିତ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବାର ଏକ ଦକ୍ଷତା ନିର୍ମାଣ କ୍ଷେତ୍ର। ମୁନିଗୁଡାର ବନବାସୀ ଲୋକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଦକ୍ଷତା ଭବନକୁ ରାସ୍ତା ସୁଗମ ହୋଇଥିବାରୁ ମୁନିଗୁଡ଼ା ବ୍ଲକ୍ ଆଦିବାସୀ ସମାଜ ତରଫରୁ ଜଗନ୍ନାଥ ନୁଣ୍ଡୁକା, ସୁବାସ ପ୍ରାଷ୍କା, ଜଗା ଶବର ଏବଂ ରାଜନେତା ରାମଚନ୍ଦ୍ର ବେହେରା, ସୁବାସ ଗୌଡ଼, ପ୍ରେସ କ୍ଲବ ସଭାପତି ରାଜୀବ ଲୋଚନ ଦାସ, ପତ୍ରକାର ମନୋରଞ୍ଜନ ଦଳାଇ,ସାମାଜିକ କର୍ମୀ ଭୀମ ବେହେରା,ପଦ୍ମ ବେହେରା, ଧନୁ କୁଶୁଲିଆ ପ୍ରମୁଖ ତହସିଲଦାର, ଏସଡିପିଓ ଓ ସେମାନଙ୍କ ଟିମ୍‌କୁ ଅଶେଷ ଧନ୍ୟବାଦ୍ ଜଣାଇଛନ୍ତି।

# ଅଙ୍ଗନବାଡ଼ି କେନ୍ଦ୍ର ତାଲା ଭାଙ୍ଗିଲା ପୁଲିସ



ନନ୍ଦପୁର,୨୦।୮(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଡେଲ ଗ୍ରାମ ପଞ୍ଚାୟତ ଅଧୀନ କାଣ୍ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଗ୍ରାମବାସୀଙ୍କ ଦ୍ୱାରା ପଡ଼ି ଥିବା ତାଲା ବୁଧବାର ଭଙ୍ଗା ଯାଇଛି। ବୁଧବାର ନନ୍ଦପୁର ସିଡିପିଓ ମିନତିବାଲା ପଟ୍ଟନାୟକ, ନନ୍ଦପୁର ମାଜିଷ୍ଟ୍ରେଟ୍ ଦେବବ୍ରତ ମହାରଣାଙ୍କ ନେଇ ପୁଲିସ ସହ ଗ୍ରାମବାସୀ ଦୀର୍ଘ ସମୟ ଧରି ଅଙ୍ଗନବାଡି ଦିଦିଙ୍କ କାର୍ଯ୍ୟକଳାପ ଓ କେନ୍ଦ୍ର ବନ୍ଦ ଉପରେ ଆଲୋଚନା କରିଥିଲେ। ଗ୍ରାମବାସୀ ସମୂହ ଏକ ସ୍ୱରରେ ସେମାନଙ୍କୁ ବର୍ତ୍ତମାନର ଦିଦି ଚନ୍ଦ୍ରମା ମୁଦୁଲି ଆଉ ଦରକାର ନାହିଁ ବୋଲି ଜିଦ୍ ଧରିଥିଲେ। ତହସିଲଦାର ଶ୍ରୀ ମହାରଣା ଗ୍ରାମବାସୀଙ୍କୁ ବହୁ ବୁଝାସୁଝା କରିବା ପରେ ମଧ ଗ୍ରାମବାସୀ କେନ୍ଦ୍ର ଖୋଲି ନଥିଲେ। ଶେଷରେ ତାଲା ଭାଙ୍ଗି ଅଙ୍ଗନବାଡ଼ି ଦିଦିଙ୍କୁ କେନ୍ଦ୍ର ହସ୍ତାନ୍ତର କରାଯାଇଥିଲା। ନିୟମିତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବା ସହ ଗ୍ରାମବାସୀଙ୍କୁ ସଂପୃକ୍ତ ଦିଦିକୁ ସାତ ଦିନ ସୁଯୋଗ ଦେଇ ତାଙ୍କ କାର୍ଯ୍ୟକୁ ପରଖିବା ପାଇଁ କହିଥିଲେ। କିନ୍ତୁ ଗ୍ରାମବାସୀ ତାଙ୍କୁ ନ ରଖିବା ପାଇଁ ଜିଦ୍ ଧରିଥିଲେ।

ସୂଚନା ଅନୁସାରେ ଗତ ଦୁଇବର୍ଷ ହେବ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ବିନା ଦରମାରେ ଅଙ୍ଗନବାଡି କର୍ମୀ ରହିଥିବା ବେଳେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟରେ ଟିକିଏ ସୁଧାର ଆସିଛି। ସେ କାର୍ଯ୍ୟରେ ଯୋଗ ଦେବା ପାଇଁ ସିଡିପିଓ ମିନତି ବାଲା ପଟ୍ଟନାୟକ ପ୍ରଥମେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ସିଡିପିଓଙ୍କ କଥା ନ ଶୁଣିବା ପରେ ବୁଧବାର ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ସହାୟତା ନେଇ କେନ୍ଦ୍ରରେ ତାଲା ଭାଙ୍ଗି ଥିଲେ। ସେପଟେ ସ୍ଥାନୀୟ ସରପଞ୍ଚ ତୁଳା ହଁସା, କଂଗ୍ରେସ ଯୁବ ନେତା ନୀଳାମ୍ବର ହଂସା ଓ ସୁପରଭାଇଜର ହରପ୍ରିୟା ବେହେର. ପାଡୁଆ ଥାନା ଏସ୍ଆଇ ହିମାଂଶୁ ଶେଖର ବେନିଆଙ୍କ ସମେତ ପୁଲିସ ଟିମ୍ ରହିଥିଲେ।

# ସମ୍ପାଦକୀୟ



ଜଣେ ବ୍ୟକ୍ତିର ପଡ଼ୋଶୀ ବେରୋଜଗାର ହେଲେ 'ପାରିପାର୍ଶ୍ୱିକ-ସ୍ଥାଣୁତା' ସୃଷ୍ଟି ହୁଏ, ନିଜେ ସେହି ପରିସ୍ଥିତିରେ ପଡ଼ିଲେ ତା' ପାଇଁ ଅବସାଦ ଜନ୍ମ ନିଏ।

-ଏଚ୍ ଏସ୍ ଟ୍ରୁମ୍ୟାନ୍

ସକାଳ THE SAKALA

## ଚାପରେ ନେତାନ୍ୟାହୁ

ରୁଷ – ୟୁକ୍ରେନ ଯୁଦ୍ଧ ଓ ଗାଜାପଟିରେ ଇସ୍ରାଏଲର ନରସଂହାର ରୋକିବା ସକାଶେ ଯେଉଁ ପ୍ରୟାସ ଚାଲିଛି ତାହାର ପୃଷ୍ଠଭାଗରେ ଅଛି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ହାସଲର ମହତ ଆକାଂକ୍ଷା। ତେଣିକି ସେ ଯୁଦ୍ଧ ବିରତି ହେଉ ବା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା। ଏଠାରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେରିକାର ପ୍ରତ୍ୟକ୍ଷ ସାମରିକ ସାହାଯ୍ୟ ବିନା ନା ୟୁକ୍ରେନ ନା ଇସ୍ରାଏଲ ଅଧିକ ଦିନ ଯୁଦ୍ଧ ଜାରି ରଖିବା ସମ୍ଭବ ନୁହେଁ। ଏକଥା ସତ ଯେ ଟ୍ରମ୍ପଙ୍କ ଆଶୀର୍ବାଦ ବିନା ଏହି ଦୁଇଟି ଯୁଦ୍ଧ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ୨୨ ମାସ ଧରି ଇସ୍ରାଏଲ ଚଳାଇଥିବା ହମାସ ବିରୋଧୀ ନରସଂହାର ଏବଂ ଯୁଦ୍ଧର ଭୟଙ୍କର ତାଡ଼ନାରେ ମରିଯାଉଥିବା ଜନଜୀବନକୁ ସୁରକ୍ଷା ଦେବା ସକାଶେ ବିଶ୍ୱ ଜନମତ ସୃଷ୍ଟି ହୋଇଛି। ଗୋଟିଏ ପକ୍ଷରେ କ୍ଷମତାରେ ତିଷ୍ଠି ରହିବା ସକାଶେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯୁଦ୍ଧକୁ ଲମ୍ବା ସମୟ ଧରି ଜାରି ରଖିବାକୁ ଚାହୁଁଥିବା ବେଳେ ଇସ୍ରାଏଲରେ ଗାଜା ଯୁଦ୍ଧର ପରିସମାପ୍ତି ଦାବି କରି ପ୍ରତିବାଦର ସ୍ୱର ଦିନକୁ ଦିନ ଶାଣିତ ହେବାର ଲାଗିଛି। ଅନ୍ୟପକ୍ଷରେ ଆମେରିକାର ଯେଉଁ ୟୁରୋପୀୟ ମିତ୍ର ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଓ ସାହାଯ୍ୟ ଯୋଗାଇ ଆସୁଥିଲେ ସେମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦେବା ସପକ୍ଷରେ ଇଂଲଣ୍ଡ ଓ ଫ୍ରାନ୍ସ ସ୍ପଷ୍ଟ ମତ ଦେଇଥିବା ବେଳେ ଜର୍ମାନୀର ଚାନସେଲର ଇସ୍ରାଏଲକୁ ସାମରିକ ସହାୟତା ଯୋଗାଣ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ରୁଷ ଓ ଚୀନର ଭୂମିକା ନେଇ ନେତାନ୍ୟାହୁ ଚିନ୍ତା ପ୍ରକଟ କରିଛନ୍ତି।

ଆମେରିକା ପ୍ରୋତ୍ସାହନରେ ମିଶରର ରାଜଧାନୀ କାଇରୋରେ କାତାର ଉପସ୍ଥିତିରେ ଆରମ୍ଭ ହୋଇଥିବା ଯୁଦ୍ଧ ବିରତି ଆଲୋଚନାରେ ହମାସ ପ୍ରତିନିଧି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ପ୍ରତିକ୍ରିୟା ଶୂନ୍ୟ ଅବସ୍ଥାରେ ଇସ୍ରାଏଲ ପରିସ୍ଥିତି ଉପରେ ନଜର ରଖିଛି। ଖୁବ୍‌ଶୀଘ୍ର ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ୱିଟକଫ କାଇରୋରେ ଆସି ପହଞ୍ଚିଥିବାର ଖବର ମିଳିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏହି ପ୍ରସ୍ତାବିତ ଅସ୍ତ୍ରବିରତି ପ୍ରତି ଟ୍ରମ୍ପଙ୍କ ସମର୍ଥନ ରହିଛି। ଗାଜାପଟିରେ ଉପୁଜିଥିବା ମାନବୀୟ ସଙ୍କଟର ଜରୁରୀ ଅବସାନ ପାଇଁ ପଡୁଥିବା ଚାପକୁ ଆମେରିକା ଆଉ ବେଶୀଦିନ ପ୍ରତିରୋଧ କରିବା ସମ୍ଭବ ନୁହେଁ। ଏହି ୨୨ ମାସ ଧରି ଚାଲିଥିବା ଯୁଦ୍ଧରେ ମହିଳା ଓ ଶିଶୁଙ୍କ ସମେତ ୬୫ ହଜାର ଲୋକଙ୍କ ଗାଜାପଟିରେ ମୃତ୍ୟୁ ଘଟିଥିବା ବେଳେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆନ୍ତର୍ଜାତିକ ସମୁଦାୟ ପକ୍ଷରୁ ଆସୁଥିବା ରିଲିଫ ଖାଦ୍ୟ ସାମଗ୍ରୀ ଓ ଔଷଧପତ୍ରର ଗତିରୋଧ କରାଯାଇଥିବାରୁ ଭୟଙ୍କର କ୍ଷୁଧା ନିପୀଡ଼ନର ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ପ୍ରସ୍ତାବିତ ଯୁଦ୍ଧ ବିରତି ସର୍ତ୍ତ ଅନୁଯାୟୀ ୬୦ ଦିନ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ବିନା ସଂଶୋଧନରେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିଛି। ପ୍ରଥମ ପର୍ଯ୍ୟାୟରେ ୧୦ ଇସ୍ରାଏଲ ବନ୍ଧକ ଓ କିଛି ମୃତଦେହ ପ୍ରଦାନ ସପକ୍ଷରେ ମତବ୍ୟକ୍ତ ପ୍ରକାଶ ପାଇଛି। ୨୦୨୩ ଅକ୍ଟୋବରରେ ହମାସ ୨୫୧ ପଣବନ୍ଦୀଙ୍କ ଅଟକ ରଖିବା ଘଟଣାରେ ଗାଜାପଟି ଦଖଲ ଉଦ୍ୟମ ଆରମ୍ଭ କରିଥିଲା ଇସ୍ରାଏଲ। ସମାନଙ୍କ ମଧ୍ୟରୁ ୨୭ ମୃତକଙ୍କ ସହ ୪୯ ଜଣ ଏବେ ମଧ୍ୟ ଗାଜାରେ ଅଟକ ଅଛନ୍ତି। ଏହା ଅବଶ୍ୟ ଇସ୍ରାଏଲ ସାମରିକ ବାହିନୀର ଦାବି। ଏଥିରୁ ସ୍ପଷ୍ଟ ଯେ ପଣବନ୍ଦୀଙ୍କ ମଧ୍ୟରୁ କେତେ ଜୀବିତ ଓ ମୃତ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ। ଇସ୍ରାଏଲ ପାଇଁ ବନ୍ଦୀଙ୍କ ମୁକ୍ତି ଏକ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତଙ୍କୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇଛି ଜିହାଦୀ ସଂଗଠନ। ସମସ୍ୟାର ସାମାଧାନର ଏକ ବୃହତ୍ତର ଦିଗ ଉପରେ ଆପୋସ ଆଲୋଚନାର ପଥ ପରିଷ୍କାର ହେବା ଉଚିତ। ମିଶର ଓ କାତାରର ଏହି ପ୍ରସ୍ତାବ ପ୍ରତି ହମାସର ସବୁଗୋଷ୍ଠୀ ସମର୍ଥନ ଓ ସହଯୋଗ କରୁଥିବାର ସ୍ପଷ୍ଟ ସୂଚନା ମିଳିଛି।

କାଇରୋ କଥାବାର୍ତ୍ତା ଆରମ୍ଭର ପ୍ରାୟ ଏକ ସପ୍ତାହ ପୂର୍ବରୁ ଇସ୍ରାଏଲ କ୍ୟାବିନେଟର ନିରପତ୍ତା କମିଟି ବୈଠକର ଗାଜାସିଟି ଓ ନିକଟସ୍ଥ ଶରଣାର୍ଥୀ ଶିବିର ଉପରେ ବ୍ୟାପକ ଆକ୍ରମଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କିନ୍ତୁ ତେଲ୍ ଆଭିଭ୍, ଜେରୁଜେଲମ ଓ ଅନ୍ୟାନ୍ୟ ସହରରେ ଗାଜାଯୁଦ୍ଧ ବନ୍ଦ ଦାବିରେ ରବିବାର ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ଯୁଦ୍ଧ ବଦଳରେ ପଣବନ୍ଦୀଙ୍କ ମୁକ୍ତି ପାଇଁ ହମାସ ସହ ଆପୋସ ଆଲୋଚନାରେ ଉପନୀତ ହେବାକୁ ନେତାନ୍ୟାହୁ ସରକାରଙ୍କ ଉପରେ ସେମାନେ ଚାପ ପ୍ରୟୋଗ କରିଛନ୍ତି। କ୍ୟାବିନେଟ ନିରାପତ୍ତା କମିଟି ନିଷ୍ପତ୍ତିର ତୀବ୍ର ବିରୋଧ କରିଛନ୍ତି ଏହି ବିକ୍ଷୋଭକାରୀ। ତେଲ୍‌ଆଭିଭ୍‌ର ପଣବନ୍ଦୀ ଛକରେ ବନ୍ଧକଙ୍କ ଫଟୋଚିତ୍ର ଉପରେ ଜାତୀୟ ପତାକା ଘୋଡ଼ାଇ ରଖାଯାଇଛି। ଏହି ଯୁଦ୍ଧ ଘନଘଟା ମଧ୍ୟରେ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଛି ଏହି ଛକ। ସେମାନେ ଟାୟାରରେ ନିଆଁଜାଳି ପ୍ରତିବାଦ କରୁଥିବା ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅବଶ୍ୟ ପୁଲିସ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଗିରଫ କରିଛି। କିନ୍ତୁ ନେତାନ୍ୟାହୁ କହିଛନ୍ତି ଯେ ଏହି ପ୍ରତିବାଦ ଓ ଆନ୍ଦୋଳନ ହାମାସଙ୍କୁ ସାହସ ଯୋଗଇବ। ପଣବନ୍ଦୀଙ୍କ ମୁକ୍ତି ଅଧିକରୁ ଅଧିକ ବିଳମ୍ବିତ ହେବ। ଏତେ ବାଦ ବିବାଦ ମଧ୍ୟରେ ଇସ୍ରାଏଲ ବାହିନୀ ଦିନକୁ ଦିନ ଯୁଦ୍ଧ ସକାଶେ ନିରୁତ୍ସାହିତ ହୋଇଛନ୍ତି। ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ସରକାରୀ ଚାପର ବଶବର୍ତ୍ତୀ ହୋଇ ଯୁଦ୍ଧରେ ଲିପ୍ତ ଅଛନ୍ତି।

ଇସ୍ରାଏଲ ଏଥିମଧ୍ୟରେ ଇରାନ ସମର୍ଥନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ୟେମେନ୍ ସହରର ରାଜଧାନୀ ସାନା ସହରରେ ଅବସ୍ଥାନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ ଗାଜା ଯୁଦ୍ଧବେଳେ ହାଉଥି ଇସ୍ରାଏଲ ଉପରେ ଘନ ଘନ ଆକ୍ରମଣ କରିଥିଲା। ଇରାନର ସହଯୋଗୀ ହୋଇଥିବାରୁ ଦୁଇ ପରସ୍ପର ବିରୋଧୀଙ୍କ ମଧ୍ୟରେ କ୍ରମାଗତ ଛକାପଞ୍ଝା ଲାଗି ରହିଥିଲା। ଏହି ଅତର୍କିତ ଆକ୍ରମଣରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି ସତ କିନ୍ତୁ ପାଲଟା ପଦକ୍ଷେପ ସ୍ୱରୂପ ୭୦ କ୍ଷେପଣାସ୍ତ୍ର ମାଡ ସାଙ୍ଗକୁ ୨୨ ଡ୍ରୋନରୁ ହାଉଥିବ ମଧ୍ୟ କିଛି କମ ବିପର୍ଯ୍ୟୟ ଘଟାଇନାହିଁ।

ୱିଟକଫ କାଇରୋରେ ପହଞ୍ଚିବା ପରେ ଯୁଦ୍ଧ ବିରାମ ଆଲୋଚନା ଗତି ନେବ ବୋଲି ଆଶା କରାଯାଇଛି। ଇସ୍ରାଏଲ ମଧ୍ୟ ଏହି ପ୍ରକ୍ରିୟାରୁ ଦୂରେଇ ରହିବା ସମ୍ଭବ ହେବ ନାହିଁ। ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ଇସ୍ରାଏଲର ଭୂମିକା ଯେ ମୁଖ୍ୟ ପ୍ରତିବନ୍ଧକ ତାହାକୁ ଆଖିବୁଜା ସମର୍ଥନ ଦେଇଥିବା ୟୁରୋପୀୟ ରାଷ୍ଟ୍ର ବୁଝିବାକୁ ଆରମ୍ଭ କଲେଣି। ପାଲେଷ୍ଟାଇନ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ପଥ ପରିଷ୍କାର କରିବାକୁ କୂଟନୈତିକ ସ୍ତରରେ ଆରମ୍ଭ ହୋଇଥିବା ଉଦ୍ୟମ ପଛରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଇସ୍ରାଏଲ। ଗାଜାପଟି ଆକ୍ରମଣ ପଛରେ ଥିବା ନେତାନ୍ୟାହୁଙ୍କ ଅହଂକାର ଓ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟକଳାପ କ୍ରମେ ସ୍ପଷ୍ଟ ହେବାରେ ଲାଗିଛି। ବିଶେଷ କରି କ୍ରୂରତା ଓ ନୃଶଂସତାର ଶେଷସୀମାରେ ପହଞ୍ଚିଥିବା ଇହୁଦୀ ଲବିର ପ୍ରାଧାନ୍ୟ ବୃଦ୍ଧି ପାଇଁ ପାଶ୍ଚାତ୍ୟ ଶକ୍ତି ମଧ୍ୟପ୍ରାଚ୍ୟରେ ଏତେ ବିପୁଳ ଅର୍ଥ ବିପର୍ଯ୍ୟୟ କରିବାର କୌଣସି ଯଥାର୍ଥତା ନାହିଁ।

# ବହିଃପ୍ରକୃତିର ଆହ୍ୱାନ ଓ ଅନ୍ତଃପ୍ରକୃତିର ସମ୍ବେଦନ

**ମନୋରଞ୍ଜନ ମହାନ୍ତି**

ଏକ ରେଳ ଦୁର୍ଘଟଣା ପରେ ରେଳ ଧାରଣାରୁ ଉଦ୍ଧାର କରାଯାଇଥିବା ଏକ ନୋଟବୁକ୍‌ରେ ଦେଖିବାକୁ ମିଳିଥିଲା ଅନେକ କବିତା- ପ୍ରେମର, ବିଷାଦର, ଗୋଟେ ସମ୍ପର୍କର ଉତ୍‌ଥାନ ଆଉ ପତନର। କବିତାଗୁଡ଼ିକ ସହିତ ଥିଲା ଲାଲ୍, ନୀଳ, ସବୁଜ, ବାଇଗଣୀ ରଙ୍ଗରେ ଅଙ୍କା ହୋଇଥିବା ଅନେକ ଚିତ୍ର। କବିଙ୍କର ନାଁ ଲେଖା ନ ଥିଲା। କବି ଜୀବିତ କି ନୁହଁ ଜଣାପଡୁ ନ ଥିଲା। ବଙ୍ଗଳା ଭାଷାରେ ଲିଖିତ ସେଥିମଧ୍ୟରୁ ଏକ କବିତାର ଓଡ଼ିଆ ମର୍ମାନୁବାଦ ହେଉଛି - 'ଛୋଟ ଛୋଟ ବାଦଲ ବର୍ଷା ସୃଷ୍ଟି କରେ, ଛୋଟ ଛୋଟ କାହାଣୀ ପ୍ରେମ ସୃଷ୍ଟି କରେ।' ଏପରି ଏକ ସମ୍ବାଦ ଜାତୀୟ ଖବରକାଗଜରେ ପଢ଼ିଲା ପରେ ପାଠକମାନଙ୍କ ମନକୁ ଆସୁଛି ସବୁଯୁଗରେ କବିମାନଙ୍କ ଭାବ-ଆବେଗର କଥା, ମଣିଷର ବହିଃପ୍ରକୃତିରେ ବାଦଲରୁ ବର୍ଷା, ଅନ୍ତଃପ୍ରକୃତିରେ କାହାଣୀରୁ ପ୍ରେମର କଥା।

ଭାରତର ମହାନ୍ ଲେଖକ କାଳିଦାସଙ୍କ ରଚିତ 'ମେଘଦୂତମ୍'ରେ ରହିଛି ମୌସୁମୀ, ହରିଣ, ମୀନ-ଚରିତ୍ର, ବାଦଲ-ଦୂତର ବର୍ଣ୍ଣନା। କାଳିଦାସଙ୍କୁ ସେଥିପାଇଁ ପ୍ରଥମ ପରିବେଶକର୍ମୀ ଭାବରେ ବିଚାର କରାଯାଇପାରେ। 'ସେଣ୍ଟ: ଏ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ଫ୍ରାଗ୍ରାନ୍ସ' ପୁସ୍ତକର ରଚୟିତା ପ୍ରାଣୀବିଜ୍ଞାନୀ ଏଲିସ୍ ଭର୍ଣ୍ଣନ୍ ପର୍ଲଷ୍ଟାଇନ୍‌ଙ୍କ ମତରେ ପଶ୍ଚିମ ଆମେରିକାରେ ମରୁଭୂମିରେ ବର୍ଷା ହେଲେ ଗୋଟେ ବାସ୍ନା ଖେଳିଯାଏ। ୱିଲିୟମ୍ ସେକ୍ସପିୟର୍ ବହିଃ-ପ୍ରକୃତି ଦ୍ୱାରା ଗଭୀର ପ୍ରଭାବିତ ହୋଇଥିଲେ। ଯେଉଁ ପ୍ରକୃତିର ତୋଫାନ, ଶୀତର କାହାଣୀ, ଫୋନିକ୍ସ ପକ୍ଷୀ, କବୁତର ପକ୍ଷୀ, ରମଣୀୟ ସ୍ଥଳ ଇତ୍ୟାଦି ଲଣ୍ଡନର ଥିଏଟର୍‌ରେ ସ୍ଥାନ ପାଇଥିଲା। ଯଦିଓ ସେ ଲାଭେଣ୍ଡର୍, କାର୍ନେସନ୍, ଥାଇମ୍ ଇତ୍ୟାଦି ସମ୍ପର୍କରେ ଲେଖିଥିଲେ, ତଥାପି ଗୋଲାପ ଥିଲା ତାଙ୍କର ସବୁଠାରୁ ପ୍ରିୟ ଫୁଲ। ଦୃଢ଼ତାପୂର୍ବକ ସେ ଲେଖିଥିଲେ, 'ସବୁ ଫୁଲ ମଧ୍ୟରେ, ମୁଁ ଭାବୁଛି, ଗୋଲାପ ହେଉଛି ଶ୍ରେଷ୍ଠ।' ବିଂଶ ଶତାବ୍ଦୀର ଚିତ୍ରକାର ଫ୍ରିଡ଼ା କାହଲୋ ଜଣେ ମୌଳିକ କଳାକାର ଥିଲେ, ଯିଏ ମାନଦଣ୍ଡଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ, କିନ୍ତୁ ବହିଃପ୍ରକୃତି ସହିତ କଳାର ଗଭୀର ସମ୍ବନ୍ଧକୁ ବଜାୟ ରଖିଥିଲେ। ନିଜର ପରିଚୟକୁ ଗୁରୁତ୍ୱ ଦେବା ଲାଗି ମେକ୍ସିକୋରେ ତାଙ୍କ ବଗିଚାକୁ ଦେଶୀ ବନସ୍ପତିରେ ଭରି ସଜାଇଥିଲେ। ନିଜ ପଗଡ଼ିରେ ବୋଗେନ୍‌ବିଲିଆ, ଲେଣ୍ଟାନା ଫୁଲ ଖୋସିବା ସହିତ ବନସ୍ପତି, ଫଳର ଚିତ୍ର ଆଙ୍କିଥିଲେ, ଯେଉଁଥିପାଇଁ ମୁଣ୍ଡ ଚାରିପଟେ ପତଙ୍ଗମାନେ ଗୁଂଜନ କରୁଥିଲେ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ପ୍ରଫେସର୍ ଫିଓନା ଷ୍ଟାଫୋର୍ଡ କହନ୍ତି, ବହିଃପ୍ରକୃତି ମାନବ ବିଚାରକୁ ପ୍ରଭାବିତ କରେ। ଆଇଜାକ୍ ନିଉଟନ୍‌ଙ୍କଠାରୁ ଷ୍ଟିଭ୍ ଜବ୍ସଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ପ୍ରେରିତ ଓ ଉତ୍ସାହିତ କରିଛି। ୱିଲିୟମ୍ ୱାର୍ଡ୍ସୱାର୍ଥ, ରବର୍ଟ୍ ବର୍ଣ୍ଣସ୍‌ଙ୍କ ଭଳି ଲେଖକମାନଙ୍କ ଲେଖାରେ ତାଙ୍କର ଖୁବ୍ ରୁଚି। ତାଙ୍କ ମତରେ ଯେଉଁ ସଂସ୍କୃତିଗୁଡ଼ିକ ଲିଖିତ ଶବ୍ଦ ଉପରେ ବିଶେଷ ନିର୍ଭର କରୁ ନ ଥିଲା, ସେଥିରେ ଗଛ, ପର୍ବତ, ନଦୀ ଭଳି ପ୍ରାକୃତିକ ବିଶେଷତା ବା ବୈଶିଷ୍ଟ୍ୟ ଲୋକମାନଙ୍କୁ ସ୍ଥାନ, ସ୍ଥିତି, ଅବସ୍ଥିତି ବୁଝିବାରେ ସାହାଯ୍ୟ କରିବା ପାଇଁ ଅତ୍ୟାବଶ୍ୟକ, ଅନିବାର୍ଯ୍ୟ ଥିଲା। ଲୋକଙ୍କ ଜୀବନକୁ ପ୍ରାକୃତିକ ଘଟଣାଗୁଡ଼ିକ ଗୋଟେ ନିର୍ଦ୍ଦିଷ୍ଟ ରୂପ, ଆକୃତି, ଆକାର ଦାନ କରିଥାଏ। ଯେଉଁ ବ୍ୟକ୍ତି ସମୁଦ୍ର କୂଳରେ ବା ପାହାଡ଼ରେ ବା ନଗରର ଏକ ପାର୍କ୍ ନିକଟରେ ବାସ କରନ୍ତି, ତାଙ୍କର ବିଚିତ୍ର ପ୍ରାକୃତିକ ବିଶେଷତା ବା ଲକ୍ଷଣ ସହିତ ସଂଯୁକ୍ତ ବିଭିନ୍ନ ସ୍ମୃତି ନିଶ୍ଚୟ ରହିଥାଏ।

ପାଶ୍ଚାତ୍ୟ ସଂସ୍କୃତିରେ ଆପଲ୍ ବା ସେଓ ହେଉଛି ଏକ ମୂଳଭୂତ ପ୍ରତୀକ। ବାଇବେଲ୍‌ରେ ଏଡେନ୍ ବଗିଚାରେ ଅଛି ଗୋଟେ ଜ୍ଞାନବୃକ୍ଷ, ଯାହାକୁ କଳା ଓ ସାହିତ୍ୟରେ ଆପଲ୍ ବୋଲି ବୁଝାଯାଏ। ଆମେ ମଧ୍ୟ ଏହାକୁ ଗ୍ରୀକ୍ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ପୁରାଣ କଥାରେ ପାଉ। ଯା'ର ମଧ୍ୟ ଆଧୁନିକ ପ୍ରାସଙ୍ଗିକତା ରହିଛି। ଆଜି ଯେତେବେଳେ କେହି ଜଣେ କହନ୍ତି, 'ଆପଲ୍', ଆମେ ଆଇଫୋନ୍ କଥା ଭାବୁ। ଷ୍ଟିଭ୍ ଜବ୍ସ ତାଙ୍କ ଅଭିନବ କମ୍ପାନୀର ପ୍ରତୀକ ଭାବରେ ଏହାକୁ ବାଛିଥିଲେ। ସେ ପ୍ରଭାବିତ ହୋଇଥିଲେ ବୈଜ୍ଞାନିକ ଆଇଜାକ୍ ନିଉଟନ୍‌ଙ୍କ ଦ୍ୱାରା, ଯିଏ ସପ୍ତଦଶ ଶତାବ୍ଦୀରେ ମାଧ୍ୟାକର୍ଷଣ ନିୟମଗୁଡ଼ିକର ଅବଧାରଣା କରିଥିଲେ ଗୋଟେ ଆପଲ୍ ଗଛ ତଳେ ବସିଥିବା ସମୟରେ। ସେ ଦେଖିଲେ ଗୋଟେ ଫଳ ତଳେ ପଡ଼ିଯାଉଛି ଓ ଆଶ୍ଚର୍ଯ୍ୟ ହେଲେ କାହିଁକି ଆପଲଟି ସିଧା ଭୂମି ଉପରେ ପଡୁଛି। ଏହିପରି ଭାବରେ ଆପଲ୍‌ଟି ହେଲା ବୈଜ୍ଞାନିକ ଚିନ୍ତନର ଗୋଟେ ପ୍ରତୀକ ଏବଂ ପରବର୍ତ୍ତୀ ସମୟରେ ବିଏଟଲ୍ସ ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରତୀକ ଚିହ୍ନ ସହିତ ସଂଯୁକ୍ତ। ବିଏଟଲ୍ ଗୋଷ୍ଠୀ (ପଲ୍ ମ୍ୟାକ୍‌କାର୍ଟନେ, ଜର୍ଜ୍ ହ୍ୟାରିସନ୍, ରିଙ୍ଗୋ ଷ୍ଟାର୍, ଜନ୍ ଲେନନ୍ ପ୍ରମୁଖ) ପ୍ରତିଷ୍ଠା କଲେ ଆପଲ୍ କର୍ପ୍ସ, ଷ୍ଟିଭ୍ ଜବ୍ସ ପ୍ରତିଷ୍ଠା କଲେ ଆପଲ୍ କମ୍ପ୍ୟୁଟରସ୍।

ବହିଃପ୍ରକୃତିର ଫୁଲଫଳ କେବଳ ନୁହଁ, ପଶୁପକ୍ଷୀମାନେ ମଧ୍ୟ ମଣିଷର ଚୈତନ୍ୟକୁ ପ୍ରଭାବିତ କରନ୍ତି, ମଣିଷକୁ ଭାବବିଭୋର କରନ୍ତି। ମଣିଷ ଓ ପଶୁପକ୍ଷୀ ପରସ୍ପରର ଭାବକୁ ବୁଝିବି ପାରନ୍ତି। ଗୋଟିଏ ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ। କାତ୍ୟା ଓସ୍‌ବର୍ଣ୍ଣ ଡଗ୍‌ଲାସ୍ ଓ ତାଙ୍କ ପରିବାର ପୋଲାଣ୍ଡରୁ ତାମିଲନାଡୁକୁ ଆସିଥିଲେ। ସମସ୍ତେ ହୋଇଥିଲେ ତିରୁଭନ୍ନମଲାଇରେ ରମଣ ମହର୍ଷିଙ୍କ ଭକ୍ତ। କାତ୍ୟା ସେଠି ବାଲ୍ୟକାଳ ଅତିବାହିତ କଲେ, ବିଦେଶ ଗଲେ, ଶିକ୍ଷା ସମାପ୍ତ କଲେ, ହଲିଉଡ୍‌ରେ ଅଭିନୟ କଲେ। ପରବର୍ତ୍ତୀ ସମୟରେ ଭାରତକୁ ଫେରିଆସିଲେ, ଯେହେତୁ ସେ ଅରୁଣାଚଳର ସନ୍ଥ ରମଣ ମହର୍ଷିଙ୍କ ବିନା ଜୀବନ କଳ୍ପନା କରିପାରୁନଥିଲେ। ସୌମ୍ୟ, ନିରବ, ଉପଚାରାତ୍ମକ ଓ ଅନିର୍ଣ୍ଣାୟକ ଉପସ୍ଥିତି ବଳରେ ରମଣ ମହର୍ଷି ଅନେକଙ୍କ ଜୀବନକୁ ପ୍ରଭାବିତ କରିଥିଲେ। ମହର୍ଷି କେବେ ଧର୍ମ, ଈଶ୍ୱର ଇତ୍ୟାଦି ସମ୍ପର୍କରେ କହୁନଥିଲେ, ତାଙ୍କ ଦୃଷ୍ଟିରେ ଭରି ରହିଥିଲା ଶ୍ରଦ୍ଧା ଓ କରୁଣାର ଭାବ, ଯେଉଁଥିପାଇଁ ଆଶ୍ରମ ଭିତର ଓ ବାହାରର ପଶୁପକ୍ଷୀମାନେ ତାଙ୍କ ନିକଟକୁ ଆସୁଥିଲେ ଦର୍ଶନ ପାଇଁ ବା କିଛି ପ୍ରଦର୍ଶନ ପାଇଁ। କାତ୍ୟା କହନ୍ତି, ଥରେ ଗୋଟିଏ ମୟୂର ମହର୍ଷି ରହୁଥିବା କୋଠରି ଭିତରକୁ ଆସି ଉଜ୍ଜ୍ୱଳ ରଙ୍ଗ ପୁଚ୍ଛ ମେଲି କିଛି ସମୟ ପାଇଁ ସୁନ୍ଦର ଭାବରେ ନାଚିଲା ଏବଂ ସନ୍ଥଙ୍କ ଆଖିକୁ ଚାହିଁଲା। ମହର୍ଷି ତାକୁ କହିଲେ, 'ଖୁବ୍ ସୁନ୍ଦର ଥିଲା ନାଚଟି, ତୁମକୁ ଧନ୍ୟବାଦ'। ତା'ପରେ ମୟୂରଟି କୋଠରିରୁ ପ୍ରସ୍ଥାନ କଲା। ମାଙ୍କଡ଼ମାନେ ବେଳେବେଳେ ଆସୁଥିଲେ ସେମାନଙ୍କ ନବଜାତ ଶିଶୁମାନଙ୍କୁ ମହର୍ଷିଙ୍କୁ ଦେଖାଇବା ପାଇଁ। ଥରେ ଖବର ଆସିଲା ଜାଲ ବସାଇ ମାଙ୍କଡ଼ମାନଙ୍କୁ ଧରିବାବାଲା ଆସୁଛନ୍ତି। କିଛି ମାଙ୍କଡ଼ ମହର୍ଷିଙ୍କ ନିକଟକୁ ଆସିଲେ। ମହର୍ଷି ସେମାନଙ୍କୁ ସତର୍କ କରାଇ କହିଲେ, 'ଶୁଣ, ଏପରି ଏକ ଖବର ଆସିଛି। ତେଣୁ ତୁମେ ଯଦି ମାଙ୍କଡ଼ ଧରାଳିଙ୍କଠାରୁ ବଞ୍ଚିବା ପାଇଁ ଇଚ୍ଛା କରୁଛ ତେବେ ଏ ସ୍ଥାନ ଛାଡ଼ି ଅନ୍ୟତ୍ର ପଳାଇଯାଅ'। ଖୁବ୍ ଶୀଘ୍ର ମାଙ୍କଡ଼ଧରାଳିମାନେ ତିରୁଭନ୍ନ ମଲାଇରେ ପହଞ୍ଚିଲେ। କିନ୍ତୁ ସମଗ୍ର ଅଞ୍ଚଳରେ ଗୋଟିଏ ହେଲେ ମାଙ୍କଡ଼ ନଦେଖି ବିସ୍ମିତ ହୋଇଥିଲେ। କିଛିଦିନ ପରେ ମାଙ୍କଡ଼ମାନେ ଆଶ୍ରମ ଓ ତା'ର ପରିବେଶକୁ ଫେରିଆସିଲେ। ଏ କ'ଣ ଗୋଟେ ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ? ମହର୍ଷି ବିଶେଷ କଥା ନକହି ଖୁବ୍ ପ୍ରଭାବୀ ଢଙ୍ଗରେ ମଣିଷ ସମେତ ସମସ୍ତ ପ୍ରାଣୀଙ୍କ ସହିତ ଭାବ ବିନିମୟ କରିପାରୁଥିଲେ। ତାହା ଥିଲା ପ୍ରେମ, ଅନୁରାଗଶୀଳ ଶକ୍ତି, ଯାହାକୁ ସେ ଧାରଣ କରିଥିଲେ, ରକ୍ଷାତ୍ମକ, ଅନେକ ସମୟରେ ବିନୋଦପୂର୍ଣ୍ଣ, ସରସ, ବିଦଗ୍ଧ, ପରିହାସଯୁକ୍ତ, ଶ୍ରଦ୍ଧା ଓ ସେବା ଭାବରେ ପୂର୍ଣ୍ଣ।

ଲେଖକ, କଳାକାର, ପ୍ରକୃତିବାଦୀ ବୁଲ୍‌ବୁଲ୍ ଶର୍ମାଙ୍କ ଲିଖିତ ପୁସ୍ତକ 'ବିଟୁଇନ୍ ହେଭେନ୍ ଆଣ୍ଡ ଆର୍ଥ: ରାଇଟିଂ ଅନ୍ ଦି ଇଣ୍ଡିଆନ୍ ହିଲ୍ସ' ପ୍ରକାଶ ପାଇଛି, ଯାହାର ଅନ୍ତଃସ୍ୱର ହେଉଛି ବହିଃପ୍ରକୃତିର ଆହ୍ୱାନ ଓ ମଣିଷର ଅନ୍ତଃପ୍ରକୃତିର ପ୍ରତିକ୍ରିୟା। ବୁଲ୍‌ବୁଲ୍ ଶର୍ମାଙ୍କ ବାଲ୍ୟକାଳ ଅତିବାହିତ ହୋଇଥିଲା ତତ୍କାଳୀନ ଛୋଟିଆ ସହର ଭିଲାଇର ବଣ, ପାହାଡ଼, ଝରଣା ଭରା ପ୍ରକୃତିର କୋଳରେ। ସେଦିନର ସ୍ମୃତିଗୁଡ଼ିକ ତାଙ୍କ ମନ ଭିତରେ ଗଭୀର ହୋଇଥିଲା। ଯେତେବେଳେ ସେ ଚିତ୍ର ଆଙ୍କିବା ଆରମ୍ଭ କଲେ, ସେହି ଦୃଶ୍ୟଗୁଡ଼ିକୁ ଚିତ୍ରଣ କରିବାକୁ ଇଚ୍ଛା କଲେ। ପରବର୍ତ୍ତୀ ସମୟରେ ସେ ଇଚ୍ଛା କଲେ ସମାନ ଧରଣର ଅନୁଭୂତିଗୁଡ଼ିକୁ ତାଙ୍କର ପିଲାମାନେ ଉପଭୋଗ କରନ୍ତୁ। କିନ୍ତୁ ୧୯୭୦ ଦଶକର ଶେଷାର୍ଦ୍ଧରେ ଭାରତୀୟ ଶିଶୁମାନଙ୍କ ପାଇଁ ସେପରି କୌଣସି ବହି ନ ଥିଲା ଯାହା ସେମାନଙ୍କୁ ଆମ ବନସ୍ପତି, ପଶୁ, ପକ୍ଷୀଙ୍କ ସମ୍ପର୍କରେ କହିପାରିବ। ତେଣୁ ବୁଲ୍‌ବୁଲ୍ ଶର୍ମା ଭାରତୀୟ ପକ୍ଷୀମାନଙ୍କ ସମ୍ପର୍କରେ ସଚିତ୍ର ପୁସ୍ତକଟେ ରଚନା କଲେ। ସେ କହନ୍ତି ଯେ ବହିଃପ୍ରକୃତିର ସୁରଭି ଓ ସୁନ୍ଦରତା ସବୁ ସମୟରେ ତାଙ୍କ ଅନ୍ତଃକରଣକୁ ଆମୋଦିତ, ଆଲୋଡ଼ିତ କରେ।

ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ସ୍ୱରଚିତ 'ଶ୍ରୀରାମଚରିତ ମାନସ'ରେ ବର୍ଷାଋତୁର ଯେଉଁ ବର୍ଣ୍ଣନା ଦେଇଛନ୍ତି, ସେଥିରେ ବହିଃପ୍ରକୃତି ଓ ମଣିଷର ଅନ୍ତଃପ୍ରକୃତିର ସମାନ୍ତରାଳ ଚିତ୍ର ପ୍ରକଟ ହୋଇଛି। ଆଜି ସମୟର ଆବଶ୍ୟକତା ହେଉଛି, ମଣିଷ ତା'ର ଅନ୍ତଃପ୍ରକୃତିକୁ ସ୍ୱଚ୍ଛ, ସୁନ୍ଦର, ସଂଯତ କରୁ। ବହିଃପ୍ରକୃତିକୁ ସୁରକ୍ଷିତ କରୁ। ତା'ର ଅନ୍ତଃପ୍ରକୃତି ବହିଃପ୍ରକୃତି ଦ୍ୱାରା ପ୍ରେରିତ ହେଉ। ବହିଃପ୍ରକୃତିର ଋତୁଚକ୍ର, ଫୁଲ, ଫଳ, ପଶୁ, ପକ୍ଷୀ, ଅନ୍ୟାନ୍ୟ ସକଳ ଉପାଦାନ ମଣିଷର ଅନ୍ତଃପ୍ରକୃତିର ଉତ୍ତରଣରେ ସହାୟକ ହେଉ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

# ବିକାଶରେ ଗବେଷଣାର ଭୂମିକା

**ଡ. ପ୍ରସନ୍ନ କୁମାର ଗନ୍ତାୟତ**



ଗବେଷଣା ଏକ ନୂତନ ଜ୍ଞାନର ସୃଷ୍ଟି କରିଥାଏ କିମ୍ବା ବିଦ୍ୟମାନ ଜ୍ଞାନର ସୃଜନଶୀଳ ଉପାୟରେ ବ୍ୟବହାର କରିବାରେ ସହାୟକ ହୁଏ। ଏହାଦ୍ୱାରା ନୂତନ ଧାରଣା ଓ ବୁଝାମଣା ସୃଷ୍ଟି ହୋଇପାରେ। ଏଥିରେ ପୂର୍ବ ଗବେଷଣାର ସଂଶ୍ଳେଷଣ ଓ ବିଶ୍ଳେଷଣ ଅନ୍ତର୍ଭୁକ୍ତ ହୋଇପାରେ। ରାଜ୍ୟ କିମ୍ବା ଜିଲ୍ଲାର ବୈଷୟିକ ସଫଳତା ହେଉ କିମ୍ବା ବୈଜ୍ଞାନିକ ସଫଳତା, ଗବେଷଣା ମାନବିକତାକୁ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥାଏ।

ଗବେଷଣା ପ୍ରଗତିକୁ ଆଗେଇ ଆଣେ, ଜ୍ଞାନକୁ ବିସ୍ତାର କରେ ଏବଂ ବିଶ୍ୱ ବିଷୟରେ ଆମର ବୁଝାମଣାକୁ ଉନ୍ନତ କରେ। ଏହା ଆମକୁ ଭଲ ନିଷ୍ପତ୍ତି ନେବାରେ, ସମସ୍ୟାର ସମାଧାନ କରିବାରେ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବିକଶିତ କରିବାରେ ସାହାଯ୍ୟ କରେ। ତେବେ ବିଜ୍ଞାନ, ଔଷଧ ବ୍ୟବସାୟ ଏବଂ ଅନ୍ୟାନ୍ୟ କ୍ଷେତ୍ରର ଉନ୍ନତି ପାଇଁ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମାଜିକ ଅସମାନତାକୁ ଦୂର କରି ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ଏବଂ ଉପେକ୍ଷିତ ସମ୍ପ୍ରଦାୟର ଜୀବନକୁ ଉନ୍ନତ କରିବା ପାଇଁ ଗବେଷଣାକୁ ବ୍ୟବହାର କରାଯାଇପାରିବ। ସଠିକତା ହେଉଛି ଗବେଷଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ। ଗବେଷଣା ବିଶ୍ଳେଷଣାତ୍ମକ ଏବଂ ସମସ୍ତ ଉପଲବ୍ଧ ତଥ୍ୟ ବ୍ୟବହାର କରେ, ଯାହାଦ୍ୱାରା ଅନୁମାନରେ କୌଣସି ଅସ୍ପଷ୍ଟତା ନ ଥାଏ। ଆଉ ପ୍ରତ୍ୟେକ ପ୍ରଶ୍ନ ସୃଷ୍ଟି କରିବା ସହ ଏକ ନୂତନ ପାଠ ସୃଷ୍ଟି କରେ।

ଶିକ୍ଷାଗତ ଗବେଷଣା ଦ୍ୱାରା ହିଁ ବିକାଶର ଧାରାକୁ ବୁଝିହୁଏ। ଗବେଷଣା ହିଁ ଆମକୁ ସାମାଜିକ ସମସ୍ୟା ବୁଝିବାରେ ବ୍ୟକ୍ତି ବା ସମ୍ପ୍ରଦାୟର ଜୀବନକୁ ଉନ୍ନତି କରିବାରେ ସାହାଯ୍ୟ କରିପାରିବ। ସରକାର, ବ୍ୟବସାୟ ଏବଂ ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେବା ପାଇଁ ଗବେଷଣା ଏକ ବୈଜ୍ଞାନିକ ଆଧାର ପ୍ରଦାନ କରେ। ତେଣୁ ଗବେଷଣା ହିଁ ଅଭିବୃଦ୍ଧିର ରାସ୍ତା ଖୋଲିଥାଏ। ଗବେଷଣା ହେଉଛି ପ୍ରଯୁକ୍ତି ବିଦ୍ୟାର ଉନ୍ନତିର ମୂଳଦୁଆ, ଯାହା ନୂତନ ଉପକରଣ ଉତ୍ପାଦନ ଏବଂ ପ୍ରକ୍ରିୟା ବିକାଶ ଆଡ଼କୁ ନେଇଥାଏ। ଏହା ଆମକୁ ରୋଗ ପାଇଁ ନୂତନ ଚିକିତ୍ସା ବିକାଶ କରିବା, ସ୍ଥାୟୀ ଶକ୍ତି ସମାଧାନ ସୃଷ୍ଟି କରିବା ଏବଂ କୃଷି ପଦ୍ଧତିରେ ଉନ୍ନତି ଆଣିବା ଭଳି ଜଟିଳ ସମସ୍ୟାର ମୁକାବିଲା କରିବାକୁ ସକ୍ଷମ କରିଥାଏ। ଗବେଷଣା ଦ୍ୱାରା ନୂତନ ଶିଳ୍ପ ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟ ହେଇଥାଏ। ସ୍ୱାସ୍ଥ୍ୟ ସେବାରେ ଗବେଷଣା ଜୀବନ ରକ୍ଷାକାରୀ ଚିକିତ୍ସା, ଉନ୍ନତ ରୋଗ ନିର୍ଣ୍ଣୟ ଉପକରଣ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ।

ଏତଦ୍‌ବ୍ୟତୀତ ଗବେଷଣା ଏକ ନିଯୁକ୍ତି ସୃଷ୍ଟିକର୍ତ୍ତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜିଲ୍ଲାର ବିକାଶ ସହ ଜଡ଼ିତ ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବାରେ ଗବେଷଣା ସାହାଯ୍ୟ କରିଥାଏ। 'ବିକାଶ ରାଜ୍ୟ ଜିଲ୍ଲା' ଏକ ଶବ୍ଦ, ଯାହା ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ, ଯେଉଁଥିରେ ସରକାର ଓ ଅନ୍ୟାନ୍ୟ ସଂଗଠନ ଅର୍ଥନୈତିକ ଏବଂ ସାମାଜିକ ବିକାଶ ଉପରେ ଧ୍ୟାନ ଦେଇ ଥା'ନ୍ତି। ଗବେଷଣା ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରଗୁଡ଼ିକୁ ସୂଚିତ କରିପାରେ, ଯେଉଁଠାରେ ନିର୍ଦ୍ଦିଷ୍ଟ ବିକାଶ କେନ୍ଦ୍ର ଅନ୍ତର୍ଭୁକ୍ତ। ଯାହାର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଅଭିବୃଦ୍ଧି ଓ ଉନ୍ନତିକୁ ପ୍ରୋତ୍ସାହିତ କରେ। ବ୍ୟବସାୟ ଓ ଶିଳ୍ପର ପରିଚାଳନା ଏବଂ ବ୍ୟବସ୍ଥାପନା ସମସ୍ୟାର ଯତ୍ନ ନେବାରେ ଗବେଷଣାର ଅସାଧାରଣ କେନ୍ଦ୍ରୀକରଣ ଅଛି। ବିକାଶ ଯୋଜନା ହେଉଛି ଏକ ଦୃଷ୍ଟିକୁ ବ୍ୟାଖ୍ୟା କରିବା, ଲକ୍ଷ୍ୟ ସ୍ଥିର କରିବା ଏବଂ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର କିମ୍ବା ସଂଗଠନ ପାଇଁ ଇଚ୍ଛାକୃତ ଫଳାଫଳ ହାସଲ କରିବା ପାଇଁ ରଣନୀତି ବର୍ଣ୍ଣନା କରିବା। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ଳେଷଣ କରିବା, ସୁଯୋଗର ଚିହ୍ନଟ କରିବା ଏବଂ ଯୋଜନା ପ୍ରସ୍ତୁତି କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ, ଯାହା ଗବେଷଣା ବିନା ଅଧୁରା। ଏତଦ୍‌ବ୍ୟତୀତ ଯୋଜନା ପ୍ରସ୍ତୁତ ଦ୍ୱାରା ଜିଲ୍ଲା ଜନସଂଖ୍ୟାର ସାମଗ୍ରିକ ଉନ୍ନତି ପାଇଁ ମୂଲ୍ୟାଙ୍କନ କରାଯାଇପାରେ।

ଆଗାମୀ ଦିନରେ ବୁଦ୍ଧିଜୀବୀ ଆଉ ଯୁବପିଢ଼ି କିପରି ଆଗକୁ ଆସିବେ, ଆଉ ଓଡ଼ିଶା ଗଠନ ସଙ୍କଳ୍ପକୁ ଗବେଷଣାର ମାଧ୍ୟମରେ ଆହୁରି ତ୍ୱରାନ୍ୱିତ କରିବେ ତାହା ହିଁ ମୂଳଲକ୍ଷ୍ୟ ରହିବ।

(ପୂର୍ବତନ ଅଧ୍ୟକ୍ଷ, ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ)
ରାୟଗଡ଼, ମୋ: ୮୨୪୯୪୨୫୫୫୧

# କବି ବ୍ରଜମୋହନ ପଣ୍ଡାଙ୍କ ତୀର୍ଥାଟନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ସାରସ୍ୱତ ପତ୍ରାବଳୀ ଯେ ହୋଇପାରେ କବିତ୍ୱର ଶ୍ରେଷ୍ଠ କୀର୍ତ୍ତି ଏକଥା ବଳିଷ୍ଠ ଭାବରେ ପ୍ରତିପାଦିତ ହୋଇଛି କବି ବ୍ରଜମୋହନ ପଣ୍ଡାଙ୍କ କ୍ଷେତ୍ରରେ। ୧୯୦୯ ମସିହାରେ କଟକସ୍ଥ ସତୀ ଚଉରାଠାରେ ରାଧାନାଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଓ ସମାଧି ପ୍ରତିଷ୍ଠା ସଭାରେ ଉପସ୍ଥିତ କବି, ଲେଖକ, ସୁଧୀ ସଜ୍ଜନଙ୍କ ମଧ୍ୟରେ ଯେଉଁ ପ୍ରସଙ୍ଗ ହେଲା ଆଲୋଚିତ, ତାହା ହିଁ ତରୁଣ ବ୍ରଜମୋହନ ପଣ୍ଡାଙ୍କ ହୃଦୟକୁ ତୀବ୍ର ଭାବରେ ଆଲୋଡ଼ିତ କରିଦେଲା। ଓଡ଼ିଶାର ସାରସ୍ୱତ ଜଗତରେ ରାଧାନାଥଙ୍କ ଉତ୍ତରାଧିକାରୀ କିଏ? ଏହାର ଉତ୍ତରରେ ସମବେତ ସୁଧୀମଣ୍ଡଳୀଙ୍କ କଣ୍ଠରେ ଯେଉଁ ଶବ୍ଦଟି କମ୍ପନ ଖେଳାଇ ଦେଇଥିଲା ତାହା ହେଲା: 'ଗଙ୍ଗାଧର'। ବ୍ରଜମୋହନଙ୍କ ଚେତନାରେ ଘଟିଗଲା ସେହିକ୍ଷଣି ଏକ ନୂତନ ସୂର୍ଯ୍ୟୋଦୟ। ସମ୍ବଲପୁରର କବି ହୋଇପାରନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବର୍ତ୍ତକ କବିବରଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ! ଏକଥା ସେ କଳ୍ପନା କରିପାରି ନଥିଲେ ଯେ ଜନ୍ମଭୂମି ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରପାଲିଠାରେ ଭୂମିଷ୍ଠ ଗଙ୍ଗାଧରଙ୍କ ଐଶ୍ୱରିକ ପ୍ରତିଭା ରାଧାନାଥଙ୍କୁ କରିଦେଇଥିଲା ଚକିତ। ସେହିଦିନ ହିଁ ସେ ଗଙ୍ଗାଧରଙ୍କୁ ନୂତନ ଭାବରେ କରନ୍ତି ଆବିଷ୍କାର। ଆଉ ଆବେଗସ୍ପନ୍ଦିତ ଅନ୍ତରରେ ଲେଖନ୍ତି ତାଙ୍କର ପ୍ରଥମ ପତ୍ର। ଯେତେବେଳେ ଜାଣିପାରନ୍ତି ଯେ, ନିଜ ରଚିତ କାବ୍ୟ କବିତା ପ୍ରକାଶ କରିବା ପରି ଆର୍ଥିକ ସ୍ୱଚ୍ଛଳତା ଗଙ୍ଗାଧରଙ୍କ ନାହିଁ, ସେତେବେଳେ ଆନ୍ତରିକ ଆଗ୍ରହ ପ୍ରକଟ କରନ୍ତି ସେସବୁ ନିଜେ ପ୍ରକାଶ କରିଦେବା ପାଇଁ।

ଲରମ୍ଭା ଗ୍ରାମରେ ଆବିର୍ଭୂତ ବ୍ରଜମୋହନ ଥିଲେ ଅମାପ ଭୂସମ୍ପଦର ଉତ୍ତରାଧିକାରୀ। ବ୍ରଜମୋହନଙ୍କ ତରୁଣ ଅନ୍ତରରେ ସେତେବେଳେ କବିତା ତୋଳୁଥିଲା ନବ ନବ ଝଙ୍କାର। ସ୍ୱରଚିତ କବିତା ସେ ପଠାଉଥିଲେ ଗଙ୍ଗାଧରଙ୍କ ନିକଟକୁ। ଗଙ୍ଗାଧର ତାହା ପାଠ କରି ବ୍ରଜମୋହନଙ୍କୁ ସର୍ବଦା ଶୁଣାଇଛନ୍ତି ଉତ୍ସାହର ବାଣୀ। ବ୍ରଜମୋହନଙ୍କ କବିତା ସମଗ୍ର ସଂକଳିତ ହୋଇ ରହିଛି 'ଯୌବନଗାଥା' ନାମକ ବୃହତ ଗ୍ରନ୍ଥଟିରେ। ସ୍ୱଦେଶାନୁରାଗ, ପ୍ରକୃତି ପ୍ରୀତି ଓ ପ୍ରେମାନୁରାଗର ଉଦବେଳନ ତାହାର ପ୍ରତିଟି ପୃଷ୍ଠାକୁ ପ୍ରଦାନ କରିଛି ତାରୁଣ୍ୟର ସୁକୋମଳ ଦ୍ୟୁତି। କବିତା ରଚନାରେ ବ୍ରଜମୋହନଙ୍କ ପ୍ରତିଭା ଯେପରି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟବୋଧ ବହନ କରି ପରିସ୍ଫୁଟିତ ହୋଇଛି, ତାହା ନିଶ୍ଚୟ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ମହତ ଅବଦାନ। ତାଙ୍କ କବି-ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ସନ୍ତୋଷଜନକ ନୁହେଁ।

ଯାହାଙ୍କ ହୃଦୟ କବିତ୍ୱର କମନୀୟତାରେ ସ୍ନିଗ୍ଧ, ସିଏ ଗଦ୍ୟ ଲେଖନ୍ତୁ ବା ପଦ୍ୟ, ସିଏ ରାସ୍ତା ଉପରେ ପାଦ ପକାଇ ଚାଲିଯାଉଥା'ନ୍ତୁ ବା ସୁନୀଳ ଆକାଶକୁ ରହନ୍ତୁ ଅନାଇ, ସର୍ବତ୍ର ସେହି ସମାନ ସୌକୁମାର୍ଯ୍ୟ ହୋଇଯାଏ ସୁବିକଶିତ। ବ୍ରଜମୋହନ ସ୍ୱକୀୟ ପ୍ରତିଭାଦୀପ୍ତ କବିତା ସର୍ଜନା ପାଇଁ ଯେତିକି ଆଦୃତି ଲାଭ କରିଛନ୍ତି, ତା' ଠାରୁ କାହିଁ କେତେଗୁଣରେ ଅଧିକ ସୁଖ୍ୟାତି ଲାଭ କରିଛନ୍ତି ଗଙ୍ଗାଧରଙ୍କ ସହିତ ସାରସ୍ୱତ ସମ୍ବନ୍ଧରେ ଆବଦ୍ଧ ହୋଇ। ନିଜ ଚିଠି ସବୁରେ ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ସେ ଯେଉଁ ଭକ୍ତିପୂତ ଶ୍ରଦ୍ଧାର ସଜଳ ଧାରା ପ୍ରବାହିତ କରିଦେଇଛନ୍ତି, ସେଥିରେ ତାଙ୍କ କବିତ୍ୱ ହୋଇଯାଇଛି ସାର୍ଥକତା ବିମଣ୍ଡିତ। ବ୍ରଜମୋହନ ବିଗଳିତ ଭାବ ନେଇ ଲେଖିଲେ ଦିନେ ଆତ୍ମୋପଲବ୍‌ଧିର ମର୍ମସ୍ପର୍ଶୀ ଭାଷା। ତା୨୬.୧୧.୧୯୧୯ର ପତ୍ରରେ ଉଲ୍ଲିଖିତ ସେଇ ଶବ୍ଦ କେତୋଟି ତାଙ୍କ ପତ୍ରାବଳୀର ଶ୍ରେଷ୍ଠ ବାକ୍ୟ। - 'ଲୋକେ ତୀର୍ଥାଟନ କରନ୍ତି, ମାତ୍ର ମୁଁ ଆପଣଙ୍କୁ ତୀର୍ଥ ଜ୍ଞାନ କରେ। ସେହି ତୀର୍ଥରେ ମୋର ନିବାସ ସ୍ଥାପନ କରି କିପରି ନିଜକୁ ପବିତ୍ର ଓ ଚରିତାର୍ଥ କରନ୍ତି, ଏହି ମାତ୍ର ଅନ୍ତର୍ଗତ ବାସନା।'

ବ୍ରଜମୋହନ ପଣ୍ଡାଙ୍କ ଶ୍ରେଷ୍ଠ ସାହିତ୍ୟକୃତି କ'ଣ ବୋଲି ଯଦି ପ୍ରଶ୍ନ କରାଯାଏ ତାହାର ଯଥାର୍ଥ ଉତ୍ତର ହେଉଛି ଏହି ପତ୍ରାବଳୀ। ପତ୍ର-ସାହିତ୍ୟ ହେଉଛି ରମ୍ୟରଚନାର ଏକ ଉଚ୍ଚକୋଟୀର କଳାତ୍ମକ ରୂପ। ଅନ୍ତରଙ୍ଗ ଭାବ ସମ୍ପର୍କର ଏପରି ସାରସ୍ୱତ ପତ୍ରାବଳୀ ବ୍ରଜମୋହନଙ୍କ ଶିଳ୍ପୀ ଜୀବନର ଯେ ନିଶ୍ଚିତ ଭାବେ ଉପଯୁକ୍ତ ମର୍ଯ୍ୟାଦାପୂର୍ଣ୍ଣ ସ୍ୱତନ୍ତ୍ର ପରିଚିତି, ଏହା ପ୍ରଶ୍ନାତୀତ। ଗଙ୍ଗାଧର ଥିଲେ ଗଙ୍ଗାଧାରା ପରି ସୁନିର୍ମଳ। ବ୍ରଜମୋହନ ପତ୍ର ଲେଖିବା ବେଳେ ଗଙ୍ଗାଧରଙ୍କୁ 'ପ୍ରିୟତମ ମହୋଦୟ' ବୋଲି ସମ୍ବୋଧନ କରି ଚିଠି ଲେଖିସାରି 'ଭବଦୀୟ ମମତାବଦ୍ଧ ବ୍ରଜମୋହନ' ବୋଲି ଲେଖିବା ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତରେ ସେ କରୁଥିଲେ ଗଙ୍ଗାସ୍ନାନ। ଆଜି ଗଙ୍ଗାଧର-ବ୍ରଜମୋହନଙ୍କ ମଧ୍ୟରେ ହୋଇଥିବା ସେଇ ପତ୍ରାଳାପ ଯେଉଁମାନେ ପାଠ କରିବେ ଏକାଗ୍ର ଚିତ୍ତରେ, ସେମାନଙ୍କ ଆତ୍ମିକ ଉତ୍ତରଣ ଘଟିଯାଇପାରିବ ସୁନିଶ୍ଚିତ ଭାବରେ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com


THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଜିଲାନ୍ସ ପଞ୍ଝାରେ ସମିତି ସମ୍ପାଦକ

କେନ୍ଦ୍ରାପଡ଼ା,୨୦।୮(ସମିସ): ଚାଷୀଙ୍କୁ କୃଷି ଋଣ କରାଇ ଦେବାକୁ ସମିତି ସମ୍ପାଦକ ଲାଞ୍ଚ ନେବା ମହଙ୍ଗା ପଡ଼ିଛି। କଟକ ଭିଜିଲାନ୍ସ ପଞ୍ଝାରେ ଆଜି ବ୍ଲକ୍ ମହୁ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଧୀରେନ୍ଦ୍ର ମହାନ୍ତି ପଡ଼ିଛନ୍ତି। କୃଷି ଋଣ କରାଇଦେବା ପରେ ଲୋନ୍ ପାସବୁକ୍, ଚେକ ବୁକ ମହୁ ଗ୍ରାମର ଚାଷୀ ବୀରେନ୍ଦ୍ର ନାଥଙ୍କୁ ସମ୍ପାଦକ ଧୀରେନ୍ଦ୍ର ଦେଉନଥିଲେ। ଏଥିପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ଲାଞ୍ଚ ଟଙ୍କା ଦେବାକୁ ସକ୍ଷମ ହୋଇନପାରି ବାରମ୍ବାର ତାଙ୍କୁ ଅନୁରୋଧ କରିଥିଲେ। ଶେଷରେ ଧୀରେନ୍ଦ୍ର ୧୦ ହଜାର ଲାଞ୍ଚ ନେବାକୁ ଚାଷୀଙ୍କୁ ବାଧ କରିଥିଲେ। ଏ ନେଇ ବୀରେନ୍ଦ୍ର କିଛି ଉପାୟ ନପାଇ ଭିଜିଲାନ୍ସ କାର୍ଯ୍ୟାଳୟରେ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ କଟକ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଚାଷୀଙ୍କ ଠାରୁ ଧୀରେନ୍ଦ୍ର ୧୦ ହଜାର ଟଙ୍କା ନେବା ସମୟରେ ମାଡ଼ି ବସିଥିଲେ। ବୀରେନ୍ଦ୍ର ନାଥ ଏବଂ ତାଙ୍କ ବାପାଙ୍କ ୭୫ ହଜାର ଟଙ୍କା ଲେଖାଏଁ ଦେଢ଼ ଲକ୍ଷ ଟଙ୍କା କୃଷି ଋଣ କରାଇଦେବା ପାଇଁ ଏହି ଲାଞ୍ଚ ନେଉଥିଲେ। କେନ୍ଦ୍ରାପଡ଼ା ଓ କଟକର ଦୁଇଟି ଟିମ୍ ଆଜିର ମହୁ ସମବାୟ ସମିତି ସହ ପୈତୃକ ବାସଭବନ ନଅମୌଜାର ସାହୁପଡ଼ା ସହ ଦୁଇଟି ସ୍ଥାନରେ ଚଢ଼ଉ କରି ସମ୍ପାଦକ ବହୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଛି।



ଚାଷୀଙ୍କୁ ଋଣ ଦେବାକୁ ଲାଞ୍ଚ ନେବା ମହଙ୍ଗା ପଡ଼ିଲା

## ପଞ୍ଚାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣା

# ନିଜଆଡୁ ମାମଲା ରୁଜୁ କଲେ ଏନ୍ଏଚ୍ଆର୍ସି

ଭୁବନେଶ୍ୱର, ୨୦।୮ (ସମିସ): ପଞ୍ଚାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣାରେ ଜାତୀୟ ମାନବାଧିକାର କମିସନ (ଏନ୍ଏଚ୍ଆର୍ସି) ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଛାତ୍ରୀଙ୍କ ଅଶ୍ଳୀଳ ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଧମକ ଦେବା ପରେ ଛାତ୍ରୀ ଏପରି ଚରମ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମରୁ ଜାଣିବା ପରେ ଏନ୍ଏଚ୍ଆର୍ସି ଏହି ପଦକ୍ଷେପ

**ଦୁଇ ସପ୍ତାହରେ ରିପୋର୍ଟ ଦାଖଲ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ**

ନେଇ ତଦନ୍ତର ସ୍ଥିତି ସହ ଏକ ବିସ୍ତୃତ ରିପୋର୍ଟ ଦେବାକୁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ପଞ୍ଚାମୁଣ୍ଡାଇ ଅଞ୍ଚଳର ଜଣେ ୧୯ ବର୍ଷୀୟା ଛାତ୍ରୀଙ୍କୁ ପୁରୁଷ ବନ୍ଧୁ ବ୍ଲାକମେଲ୍ କରି ଆସୁଥିଲା। ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଉଥିଲା। ୬ ମାସ ପୂର୍ବରୁ ତାଙ୍କ ବାପା ଏନେଇ ପଞ୍ଚାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୁଲିସ ମାମଲା ରୁଜୁ କରିଥିଲା କି ପୁରୁଷ ବନ୍ଧୁ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଓଲଟି ଜଣେ ପୁଲିସ ଅଧିକାରୀ ତାଙ୍କୁ ମାମଲା ରୁଜୁ ନ କରି ପୁରୁଷ ବନ୍ଧୁଙ୍କ ନମ୍ବରକୁ ବ୍ଲକ୍ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ନିରାଶ ହୋଇ ଗତ ୬ ତାରିଖ ଦିନ ଛାତ୍ରୀ ଆତ୍ମାହୁତି ଦେଇଥିଲେ। ଛାତ୍ରୀଙ୍କ ମୃତ୍ୟୁ ପରେ ପୁଲିସ ମାମଲା ରୁଜୁ କରିଥିଲା। ଅଗଷ୍ଟ ୧୦ ତାରିଖ ଦିନ ପୁରୁଷ ବନ୍ଧୁ ପ୍ରମୋଦ କୁମାର ବେହେରାଙ୍କୁ ଗିରଫ କରିବା ସହ ମୋବାଇଲ ଜବତ କରିଥିଲା। ଜବତ ମୋବାଇଲରୁ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଠାବ ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ସେହି ରିପୋର୍ଟ ଆଧାରରେ ଏନ୍ଏଚ୍ଆର୍ସି ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ରିପୋର୍ଟର ବିଷୟବସ୍ତୁ ଯଦି ସତ୍ୟ, ତେବେ ଗମ୍ଭୀର ଭାବରେ ମାନବାଧିକାର ଉଲ୍ଲଂଘନ ହୋଇଛି ବୋଲି କମିସନ କହିଛନ୍ତି। ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ତଦନ୍ତର ସ୍ଥିତି ଓ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା

ଧର୍ମଶାଳା,୨୦।୮ (ସମିସ): ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ବ୍ଲକର ୩୮ ଜଣ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ଆଣିଥିଲେ। ଏ ନେଇ ଆଲୋଚନା ପାଇଁ ଆସନ୍ତା ୨୨ ତାରିଖରେ ସମୟ ଧାର୍ଯ୍ୟ କରିଥିଲେ ଉପଜିଲ୍ଲାପାଳ। ତେବେ ତାହା ପୂର୍ବରୁ ଆଜି ଅଚାନକ ସେ ବ୍ଲକକୁ ଆସି ନିଜ ଇସ୍ତଫା ପତ୍ର ବିଡିଓ ଜ୍ୟୋତିର୍ମୟ କରଙ୍କୁ ପ୍ରଦାନ କରିଥିଲେ। ନିଜ ଇସ୍ତଫାକୁ ନେଇ ସେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, 'ରାଜ୍ୟରେ ନୂତନ ସରକାର ଆସିବା ଦିନ ଠାରୁ ଧର୍ମଶାଳାରେ କୌଣସି ବିକାଶ ହୋଇନାହିଁ। କୌଣସି ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ହେଉନାହିଁ। ପଞ୍ଚାୟତ ଲୋକପ୍ରତିନିଧି ମାନେ ବ୍ଲକକୁ ଯିବାକୁ ଭୟ କରୁଛନ୍ତି। ପ୍ରଶାସନକୁ ହାତବାରିସି କରି ବ୍ଲକକୁ ଅଚଳ କରାଯାଉଥିଲା। ଏଭଳି ପରିସ୍ଥିତିରେ ଲୋକ ପ୍ରତିନିଧିମାନଙ୍କ ଜୀବନର ସୁରକ୍ଷା ପାଇଁ ମୁଁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଛି।'

ସୂଚନା ଅନୁଯାୟୀ, ଧର୍ମଶାଳା ପଞ୍ଚାୟତ ସମିତିରେ ସରକାର ପରିବର୍ତ୍ତନ ହେବା ପରେ ବ୍ଲକରେ ଦୁଇଥର ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ବ୍ଲକ ଅନୁଦାନରେ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବାକୁ ନିଷ୍ପତି ହୋଇଥିଲା। ହେଲେ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାକୁ ନେଇ ପଞ୍ଚାୟତ ସମିତିର ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଧର୍ମଶାଳା ବ୍ଲକରେ ୪୫ ଗୋଟି ପଞ୍ଚାୟତ ରହିଥିବା ବେଳେ ଗତ ୧୦ ତାରିଖ ଦିନ ୩୮ ଜଣ ସମିତିସଭ୍ୟ ଓ ସରପଞ୍ଚ ନିଜ ଦସ୍ତଖତରେ ଯାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଥିଲେ। ଗତ ୧୪ ତାରିଖ ଦିନ ଦସ୍ତଖତ କରିଥିବା ସମସ୍ତ ୩୮ ଜଣ ସମିତିସଭ୍ୟ ଓ ସରପଞ୍ଚ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହୋଇ ନିଜ ନିଜର ସ୍ୱାକ୍ଷର ଯାଞ୍ଚ କରାଇଥିଲେ। ଏସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ଯାଜପୁର ସାଂସଦ ଓ ଧର୍ମଶାଳା ବିଧାୟକଙ୍କ ସମେତ ବ୍ଲକର ସମସ୍ତ ସମିତିସଭ୍ୟ ଓ ସରପଞ୍ଚମାନଙ୍କୁ ଆସନ୍ତା ୨୨ ତାରିଖରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ ପାଇଁ ଚିଠି ମାଧ୍ୟମରେ ଉପଜିଲ୍ଲାପାଳ ବିଡିଓଙ୍କୁ ଜଣାଇବା ସହ ସମସ୍ତ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ତେବେ ଏହି ଆଲୋଚନାର ଦୁଇ ଦିନ ପୂର୍ବରୁ ଆଜି ପୂର୍ବାହ୍ନରେ ହଠାତ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଜ୍ୟୋତିର୍ମୟ କରଙ୍କୁ ନିଜର ଇସ୍ତଫା ପତ୍ର ଦେଇଛନ୍ତି।

- ୨୨ରେ ହୋଇଥାନ୍ତା ଅନାସ୍ଥା ଆଲୋଚନା
- ଲୋକପ୍ରତିନିଧିଙ୍କ ଜୀବନ ପ୍ରତି ଭୟ ଯୋଗୁଁ ଦେଲି ଇସ୍ତଫା:ପ୍ରଭାତ

# ପିସିସି ସଭାପତିଙ୍କ ଉଦ୍ଦେଶ୍ୟରେ ମତାମତ ଦେଇ ଅଡୁଆରେ ପଦ୍ମାକର

**ଶୃଙ୍ଖଳା କମିଟି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍**

ଯାଜପୁର, ୨୦।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କୁ ସାକ୍ଷାତ କରିବାକୁ ଯାଇଥିବା ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ମିଡିଆ କମିଟି ସଦସ୍ୟ ପଦ୍ମାକର ଗୁରୁ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନୋଟିସରେ ସେ ପିସିସି ସଭାପତିଙ୍କୁ ସମାଲୋଚନା କରିଥିବା ଉଲ୍ଲେଖ କରାଯାଇ ଏହା ଦଳୀୟ ଶୃଙ୍ଖଳାର ଉଲ୍ଲଙ୍ଘନ ବୋଲି ଅବଗତ କରାଯାଇଛି। ତେଣୁ ଏଥିପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି କୈଫିୟତ ତଲବ କରାଯାଇଛି। ଶ୍ରୀ ଗୁରୁଙ୍କୁ ଏହି ନୋଟିସ୍ ପାଇବାର ୨୪ ଘଣ୍ଟା ମଧ୍ୟରେ ଜବାବ ଦେବାକୁ ପିସିସି ଶୃଙ୍ଖଳା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଶ୍ରୀ ଗୁରୁ ଏହି ନୋଟିସ୍ ପାଇବାର ୨୪ ଘଣ୍ଟା ନ ପୂରୁଣୁ ସେ ଶୃଙ୍ଖଳା କମିଟିକୁ ଏହାର ଜବାବ ଦେଇଛନ୍ତି ବୋଲି 'ସକାଳ'କୁ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଲ୍ ଆଗତ ବେଳେ...

ପୁଲିସ ରାଷ୍ଟ୍ର କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କୁ ଟାର୍ଗେଟ କରି କଂଗ୍ରେସ ସାଂସଦ ବେଣୁଗୋପାଳଙ୍କର ଗୋଟିଏ ପ୍ରଶ୍ନକୁ ନେଇ ପରିସ୍ଥିତି ବିଗିଡ଼ି ଯାଇଥିଲା। ବିଲକୁ ବିରୋଧ କରି ବେଣୁଗୋପାଳ କହିଲେ, 'ମୁଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଗୋଟିଏ ପ୍ରଶ୍ନ ପଚାରିପାରିବି କି? ଶାହ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ସେ ନୈତିକତା ରକ୍ଷା କରିଥିଲେ କି?' ଏହାର ଜବାବ ଦେବାକୁ ଯାଇ ଶାହ କହିଥିଲେ, 'ମୋ ବିରୋଧରେ ମିଥ୍ୟା ମକଦ୍ଦମା କରାଯାଇଥିଲା। ଏହାସତ୍ତ୍ୱେ ନୈତିକତା ଦୃଷ୍ଟିରୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲି। କେବଳ ଏତିକି ନୁହେଁ, ମାମଲାରେ ଦୋଷମୁକ୍ତ ନହେବା ପର୍ଯ୍ୟନ୍ତ ମୁଁ କୌଣସି ସାମ୍ବିଧାନିକ ପଦବୀ ଗ୍ରହଣ କରିନଥିଲି। ଗିରଫ ହେବା ପୂର୍ବରୁ ମୁଁ ଇସ୍ତଫା ଦେଇଥିଲି। ଗିରଫ ପରେ ବି ସାମ୍ବିଧାନିକ ପଦବୀକୁ ଯାବୁଡ଼ି ଧରିବା ଭଳି ଲଜ୍ଜାଜନକ କାମ ଆମେ କରିପାରିବା ନାହିଁ।'

ଏହାପରେ ହଙ୍ଗାମା ତୀବ୍ର ହୋଇଥିଲା। ଟିଏମ୍‌ସିର ଅନେକ ସାଂସଦ ଗୃହର ମଧ୍ୟଭାଗକୁ ଯାଇ ପାଟିତୁଣ୍ଡ କରିଥିଲେ। ସାଂସଦ କଲ୍ୟାଣ ବାନାର୍ଜୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଡ଼କୁ ଯାଉଥିବାର ଦେଖାଯାଇଥିଲା। ଦଳର କିଛି ମହିଳା ସାଂସଦ ମଧ୍ୟ ଗୃହର ମଧ୍ୟଭାଗକୁ ଆସିଥିଲେ। ସେମାନଙ୍କର ମୁକାବିଲା ଲାଗି ବିଜେପିର କେତେକ ମନ୍ତ୍ରୀ ଓ ସାଂସଦ ମଧ୍ୟ ଆଗକୁ ଆସିଥିଲେ। ସେଠାରେ ସେମାନେ ମୁହାଁମୁହିଁ ହୋଇଥିଲେ। କିଛି ସମୟ ଧରି ହଟ୍ଟଗୋଳ ଜାରି ରହିବାରୁ ଗୃହର ମାର୍ଶାଲ ଅମିତ ଶାହଙ୍କୁ ସୁରକ୍ଷା ଦେବାକୁ ଯାଇ ତାଙ୍କୁ ଘେରି ରହିଥିଲେ। ଏହି ସମୟରେ ଅମିତ ଶାହ ତିନିଟି ଯାକ ବିଲ୍ ଆଗତ କରିଥିଲେ।

ଜେଲରେ ରହିବାର ୩୦ ଦିନ ପରେ ମନ୍ତ୍ରୀ ପଦ ସମାପ୍ତ କରିବା ଲାଗି ଯେଉଁ ବିଲ୍ ଆଗତ କରାଯାଇଛି, ସେଗୁଡ଼ିକ ହେଲା - ସମ୍ବିଧାନ ସଂଶୋଧନ (୧୩୦ତମ) ବିଲ୍ ୨୦୨୫, କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ ୨୦୨୫ ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ ୨୦୨୫। ୫ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ପ୍ରାବଧାନ ଥିବା ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ପଦ ୩୧ତମ ଦିନରେ ସମାପ୍ତ ହୋଇଯିବ ବୋଲି ଏଥିରେ ଉ।ଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ ଗିରଫ ହୋଇ ଜେଲରେ ଥିଲେ ମଧ୍ୟ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏବଂ ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ସେମାନଙ୍କ ପଦରୁ ଇସ୍ତଫା ଦେଇନଥିଲେ।

## ନବୀନଙ୍କୁ ମୋଦୀଙ୍କ...

କଂଗ୍ରେସ ଜାତୀୟ ସଭାପତି। ଗତ ୧୭ ତାରିଖରେ ଡିହାଇଡ୍ରେସନ କାରଣରୁ ନବୀନ ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ତାଙ୍କୁ ସମ୍ ଅଲ୍ଟିମେଟରେ ଭର୍ତ୍ତି କରାଯାଇଥିଲା। ଏହାପରଠାରୁ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥାରେ ବ୍ୟାପକ ସୁଧାର ଆସିଥିବା ବେଳେ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ନବୀନଙ୍କ ଅସୁସ୍ଥତା ଖବର ପାଇ ଜାତୀୟସ୍ତରର ବହୁ ବିଶିଷ୍ଟ ନେତା ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଆଶୁ ଆରୋଗ୍ୟ କାମନା କରୁଛନ୍ତି।

ଅପରପକ୍ଷେ ଅସୁସ୍ଥତା ଖବର ପାଇ ହସ୍ପିଟାଲ୍‌ରେ ଭେଟିବାକୁ ପହଞ୍ଚିଥିବା ପିସିସି ସଭାପତି ଭକ୍ତ ଦାସ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଫୋନ୍ କରି ଧନ୍ୟବାଦ ଜଣାଇଛନ୍ତି ନବୀନ।

## ନିଷିଦ୍ଧ ହେବ...

ଠାରୁ ଆରମ୍ଭ କରି ପୋକର, ରୁମି ଭଳି ଅନଲାଇନ୍ ଜୁଆ ଖେଳ ଏବଂ ଅନଲାଇନ ଲଟେରି ବି ନିଷିଦ୍ଧ ହୋଇଯିବ। ଏହାର ବିଜ୍ଞାପନ ସହିତ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ଦ୍ୱାରା ଅର୍ଥ କାରବାର ଉପରେ ମଧ୍ୟ କଟକଣା ଲାଗିବ। ଅନ୍‌ଲାଇନ୍ ମନି ଗେମ୍ ପାଇଁ ସୁବିଧା ସୁ।ଯୋଗ ଯୋଗାଇଲେ କିମ୍ବା ପ୍ରୋତ୍ସାହିତ କଲେ ତିନି ବର୍ଷ ଜେଲଦଣ୍ଡ ସହିତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗିବ। ଗେମ୍ ପାଇଁ ବିଜ୍ଞାପନ ଦେଲେ ଦୁଇ ବର୍ଷ ଜେଲ୍ ଏବଂ ୫୦ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏହି ଗେମ୍ ସହ ସଂପୃକ୍ତ ଆର୍ଥିକ କାରବାର କରୁଥିବା ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ଅଧିକାରୀଙ୍କୁ ତିନି ବର୍ଷ ଜେଲ୍ ଏବଂ ୧ କୋଟି ଟଙ୍କା ଜରିମାନା କରାଯିବ। ବାରମ୍ବାର ଉଲଂଘନ କଲେ ୫ ବର୍ଷ ଜେଲ୍ ଏବଂ ଦୁଇ କୋଟି ଟଙ୍କା ଜୋରିମାନା ଆଦାୟ କରାଯିବ।

ଏହି କଟକଣା ଯୋଗୁଁ ଆଗାମୀ ଦିନରେ ର୍ୟୁମି, ପୋକର ଭଳି ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ସବୁ ବନ୍ଦ ହୋଇଯିବ। ଭାରତୀୟ କ୍ରିକେଟ୍ ଦଳର ପ୍ରମୁଖ ପ୍ରାୟୋଜକ ସାଜିଥିବା ଡ୍ରିମ୍-୧୧ ମଧ୍ୟ ବନ୍ଦ ହୋଇଯିବ। ଅନ୍‌ଲାଇନ୍ ଗେମିଂ ଉପରେ କଠୋର କଟକଣା ଯୋଗୁ ଗେମିଂ ଶିଳ୍ପ ସହିତ ଜଡିତ ପ୍ରାୟ ୨ ଲକ୍ଷ ଚାକିରି ହରାଇବାର ଆଶଙ୍କା ରହିଛି। ଏହି କଟକଣା ଡ୍ରିମ୍ ୧୧, ଗେମ୍ସ ୨୪x୭, ୱିଞ୍ଜୋ, ଗେମ୍ସକ୍ରାଫ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକୁ ସମସ୍ୟାରେ ପକାଇପାରେ। ଅଲ୍ ଇଣ୍ଡିଆ ଗେମିଂ ଫେଡେରେସନ, ଇ-ଗେମିଂ ଫେଡେରେସନ ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ୍ ଫାଣ୍ଟାସି ସ୍ପୋର୍ଟସ୍ ଭଳି ଗେମିଂ ଶିଳ୍ପ ଏବଂ ସଂଗଠନ ଏହି ବିଲ୍‌କୁ ବିରୋଧ କରୁଛନ୍ତି।

ଭାରତରେ ଅନଲାଇନ୍ ଗେମିଂ ବଜାରର ଆକାର ବର୍ତ୍ତମାନ ପ୍ରାୟ ୩୨,୦୦୦ କୋଟି ଟଙ୍କା। ଏଥିମଧ୍ୟରୁ ୮୬% ରାଜସ୍ୱ ପ୍ରକୃତ ମନି ଫର୍ମାଟରୁ ଆସିଥାଏ। ଏହି ବ୍ୟବସାୟର ଆକାର ୨୦୨୯ ସୁଦ୍ଧା ପ୍ରାୟ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ମଧ୍ୟ ପାଉଥିଲେ। ସରକାରଙ୍କ କହିବାନୁଯାୟୀ, ଅନଲାଇନ୍ ଗେମ୍ ଯୋଗୁ ଲୋକମାନେ ମାନସିକ ଏବଂ ଆର୍ଥିକ କ୍ଷତି ସହୁଛନ୍ତି। କିଛି ଲୋକ ଗେମିଂ ପ୍ରତି ଏତେ ନିଶାଗ୍ରସ୍ତ ହୋଇଯାଉଛନ୍ତି ଯେ ସେମାନେ ସେମାନଙ୍କର ଜୀବନର ସବୁ ସଞ୍ଚିତ ଅର୍ଥ ହରାଇଥିବା ବେଳେ କେତେକ ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଏକ ସରକାରୀ ଆକଳନ ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ୍ ରିଅଲ୍ ମନି ଗେମିଂରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ହରାଉଛନ୍ତି। ସରକାର ସ୍ୱୀକାର କରିଛନ୍ତି ଯେ ଅନଲାଇନ୍ ରିଅଲ୍ ମନି ଗେମିଂ ସମାଜ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି, ତେଣୁ ରାଜସ୍ୱ କ୍ଷତି ସତ୍ତ୍ୱେ ଲୋକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନିଆଯାଇଛି।

ଲୋକସଭାରେ ଗୃହୀତ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍‌ରେ ଫ୍ରି-ଟୁ-ପ୍ଲେ ଏବଂ ସବସ୍କ୍ରିପସନ୍-ଆଧାରିତ ଖେଳଗୁଡ଼ିକୁ କଟକଣାରୁ ବାଦ୍ ଦିଆଯାଇଛି। କାରଣ ଏଥି।ରେ ଟଙ୍କା ବାଜି ଲାଗେନାହିଁ। ବିଲ୍‌ରେ ଏକ ସ୍ୱତନ୍ତ୍ର ପ୍ରାଧିକରଣ ଗଠନର ବ୍ୟବସ୍ଥା ରହିଛି, ଯାହା ଗେମିଂ ଶିଳ୍ପକୁ ନିୟନ୍ତ୍ରଣ କରିବା ସହ ଖେଳର ପଞ୍ଜୀକରଣ କରିବ ଏବଂ କେଉଁ ଖେଳ ପ୍ରକୃତ ଟଙ୍କା ଖେଳ ତାହା ନିଷ୍ପତ୍ତି ନେବ। ହେଲେ ଇ-ସ୍ପୋର୍ଟର୍ସକୁ ପ୍ରୋତ୍ସାହନ ଦିଆଯିବ, ପବ୍‌ଜୀ ଏବଂ ଫ୍ରି ଫାୟାର ଭଳି ଇ-ସ୍ପୋର୍ଟର୍ସ ଏବଂ ସୋସିଆଲ୍ ଗେମ୍‌କୁ ସରକାର ସମର୍ଥନ କରିବେ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ବିଲ୍ ଆଗତ କରିଥିଲେ।

## ନବୀନଙ୍କ ଦାବି...

ନିକଟରେ ଦୋହରାଇ ଆସୁଥିଲା। ଏମିତିକି ବାତ୍ୟା ୟସ୍ ସମୟରେ ରାଜ୍ୟ ପାଇଁ କୌଣସି ତତ୍କାଳ ଆର୍ଠିଥକ ସହାୟତା ଦାବି ନ କରି ରାଜ୍ୟ ପାଇଁ ଏକ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ଓ ଏଥିପାଇଁ ଅନୁଦାନ ଦେବାକୁ ନିଜେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହି ସମୟରେ କୋଭିଡ୍ ସଙ୍କଟ ଉତ୍କଟ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ନ ପକାଇ ଓଡ଼ିଶା ନିଜସ୍ୱ ସମ୍ବଳରେ ଏହି ବିପର୍ଯ୍ୟୟ ସ୍ଥିତିର ମୁକାବିଲା କରିବ ବୋଲି ନବୀନ କହିଥିଲେ। ଏଥିସହିତ ଓଡ଼ିଶାକୁ ବିପର୍ଯ୍ୟୟ ନିରୋଧୀ ରାଜ୍ୟ ଭାବେ ପ୍ରସ୍ତୁତ କରିବା ପାଇଁ ଦୀର୍ଘମିଆଦି ସହାୟତା ଯୋଗାଇ ଦେବାକୁ ସେ ଦାବି କରିଥିଲେ। ଏଥିରେ ମୁଖ୍ୟତଃ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି, ସମୁଦ୍ରକୂଳ ପଥର ପ୍ୟାକିଂ, ଲୁଣା ପାଣିରୁ ଚାଷ ଜମିର ସୁରକ୍ଷା, ବାତ୍ୟା ଆଶ୍ରୟସ୍ଥଳୀ ଆଦି ପାଇଁ ସେ ପ୍ରସ୍ତାବ ଦେଇଥିଲେ।

## 'ଅଗ୍ନି-୫'ର...

ପରେ ବାୟୁ ମଣ୍ଡଳର ଉପରକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ୍ ଧ୍ୱଂସ କରିପାରିବା କ୍ଷମତା ଅଗ୍ନୀ-୫ ରଖିଛି। ବାୟୁମଣ୍ଡଳରୁ ଉପରକୁ ଉଠି ଯାଉଥିବାରୁ ଶତ୍ରୁପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହୋଇଥାଏ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ହୋଇଥିବା ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଟ ପ୍ରତିଷ୍ଠା କରିପାରିଥିବା କୁହାଯାଇଛି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ପ୍ରଥମ ଥର ଅଗ୍ନୀ - ୫ କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିବାରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଲୋକେ ଏହା ଦେଖିବାକୁ ପାଇଥିଲେ। ଅନ୍ଧାର ଆକାଶରେ ହଠାତ୍ ଉଜ୍ଜ୍ୱଳ ଆଲୋକ ଦେଖି ଲୋକେ ଚମତ୍କୃତ ହୋଇଥିଲେ। ସ୍ୱଦେଶରେ ବିକଶିତ ନୂତନ ଜ୍ଞାନକୌଶଳ ଯୁକ୍ତ ଅଗ୍ନି-୫ର ସଫଳର ପରୀକ୍ଷଣ ପାଇଁ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ର ବୈଜ୍ଞାନିକଙ୍କ ଦକ୍ଷତାର ଉଚ୍ଚ ପ୍ରଶଂସା ସହିତ ଏହା ଦେଶ ପାଇଁ ଗୌରବର ବିଷୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

## ଦୁଇ ବାଇକ୍...

ସମୟରେ ଲାସେରି ଗାଁ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବ୍ୟବସାୟୀ ସନ୍ତୋଷ ସାହୁ ଓ ବାଇକ ଚଳାଉଥିବା କଲେଜ ଛାତ୍ର ଅନନ୍ଦଙ୍କ ମୃତ୍ୟୁ ହେଇଥିବା ବେଳେ ଜଣେ ଛାତ୍ର ଗୁରୁତର ଆହତ ହୋଇଥିଲେ। ଆହତ ଛାତ୍ରଙ୍କ ନାମ ଜଣାପଡି ନଥିବା ବେଳେ ଅନ୍ୟ ଜଣେ ଛାତ୍ର ରକ୍ଷା ପାଇଯାଇଛନ୍ତି। ଘଟଣା ସ୍ଥଳରେ କୋଟଗଡ଼ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ଗୁରୁତର ଥିବା ଛାତ୍ରକୁ ପ୍ରଥମେ କୋଟଗଡ଼ ଡାକ୍ତରଖାନା ଓ ପରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟ ଫୁଲବାଣୀକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ପଠାଇଛି।

## ଜେଲ୍‌ରେ ବିଚାରାଧୀନ...

ଏଏସ୍ଆଇ ଇପିଲି ଲକ୍ଷ୍ମଣ ରାଓ ଅବକାରୀ ଟିମ ସହ ବେଗୁନିଆପଡ଼ା ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ଥାନାରେ ନଂ.୬୬/୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପୂର୍ବରୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେତେବେଳେ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଡାକ୍ତର ରିପୋର୍ଟ ଦେଇଥିଲେ ବୋଲି ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ କହିଛନ୍ତି। ଏହାପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା ଏବଂ କୋର୍ଟ ତାକୁ ଜେଲ୍ ହାଜତକୁ ପଠାଇ ଦେଇଥିଲେ।


**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA** O-623

At- Icchapur, Po- Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**

Bid Identification No. RWS/42/2025-26

Letter No.5211/Dated 19.08.2025

| | | |
|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District. | |
| 2 | Name of the work | : External electrification works for different RPWS Scheme in Kendrapara district. |
| 3 | No. of Work | : **02 Nos. (Two) only** |
| 4 | Value of the Work | : **₹ 6.21 to 8.80 Lakhs** |
| 5 | Concerned tender inviting authority | : **Executive Engineer, RWS&S Division, Kendrapara** |
| 6 | Cost of Bid documents (Rs.) (Online) | : **₹ 4000/-** |
| 7 | Cost of EMD @ 1% (Online) | : **₹ 6300/- to 8900/-** |
| 8 | Class of Bidder | : **" HT"** |
| 9 | Period of Completion | : **30 days** |
| 10 | Availability of bid documents in the website | : **From date. 25.08.2025 at 10.00 A.M to date. 06.09.2025 till 5.30 P.M** |
| 11 | Last Date & Time of seeking tender clarification | Up to **29.08.2025 up to 5.30 P.M** |
| 12 | Date of Opening of Bid | : **08.09.2025 at 11.00 A.M onwards** |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

OIPR-25004/11/0044/2526

Executive Engineer
RWS&S Division, Kendrapara



**AFFIDAVIT**

By virtue of an affidavit No.635, dtd.08.08.2025 before the Notary Public, Bhubaneswar. I , Barsa Sahoo, W/o- Trinath Sahoo, At- Plot No.1713, Lingaraj Nagar, Mahatab road, Bhubaneswar hereby declare that I have changed my name from Rinki Sahoo (Old Name) to Barsa Sahoo (New Name). Henceforth , I shall be known as **Barsa Sahoo** for all Purposes.

Sd/- Barsa Sahoo

**AFFIDAVIT**

By virtue of an affidavit No.636, dtd.08.08.2025 before the Notary Public, Bhubaneswar. I , Hureman Bibi, W/o- Aigul, At-Arad Bazar, Po- Baleswar, Dist.-Baleswar hereby declare that I have changed my name from Hurmana Bibi (Old Name) to Hureman Bibi (New Name). Henceforth , I shall be known as **Hureman Bibi** for all Purposes.

Sd/- Hureman Bibi

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Harapriya Malik, W/o- Laksmidhar Malik, At-Baripada, P.O. Aruhabad, P.S. Khantapara, Dist.: Baleswar, Odisha-756044 hereby declare that I have changed my minor son's name from Sai Malik to Sahil Malik. Henceforth, he shall be known as **Sahil Malik** for all purposes.

Harapriya Malik

**AFFIDAVIT**

By virtue of an affidavit sworn before Notary Public, Salipur, Cuttack dated 18.08.25, I, Jhillimayee Bal, address At-Kalajati, Po-Chayanpal, P.S.-Mahanga, Dist-Cuttack, Odisha, do hereby declare that I have changed my name from Parimayee Bal to Jhillimayee Bal. Henceforth, I shall be known as Jhillimayee Bal for all purposes.

Jhillimayee Bal

**AFFIDAVIT**

I, Bijay Kumar Patra, aged about 64 years, S/O. Late Mohan Patra, resident of Heragohari Sahi, near Chaulia Math, P.O.: Kundhaibenta sahi, P.S.: Kumbharpada, Dist. Puri declare by this affidavit no.21 dated 16.08.2025. That now onwards I shall be known as **BIJAYA KUMAR PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Amati Mahato,** aged about 51 years, W/o.: Asim Sikdar, At: M.V-06, PO.: Tamasa, PS/Dist.: Malkangiri, PIN-764045, declare by this Affidavit No.: 1136/2025, Dated: 20/08/2025 that I have changed my name from Amati Mahane to Amati Mahato and my husband name Asim Mahane to Asim Sikdar. Henceforth I shall be known as "**Amati Mahato**" and my husband shall be known as **"Asim Sikdar"** for all future purposes.

**AFFIDAVIT**

By virtue of an affidavit, I Murali Jena, aged 76 years, S/o-Gobinda Jena, Resident of Vill-Urumukhi, P.o-Bhusandapur, Ps-Tangi, Dist- Khordha ,Odisha declared that my actual/real name is Muralidhar Jena which was wrongly mentioned in my Aadhar card bearing No-329495763965.Henceforth, I shall be known as **MURALIDHAR JENA** for all purpose.

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Jitan Sahoo, S/o-Nilakantha Sahoo, At/P.O. Talabasta, P.S. Banki, Dist. Cuttack, Odisha - 754007 hereby declare that I have changed my name from Jitendra Kumar Sahoo to Jitan Sahoo, Henceforth, I shall be known as Jitan Sahoo for all purposes.

Jitan Sahoo

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 18.08.2025, I, Bijay Khillo, S/o-Parmesh Khillo, At-Maliguda, P.O.-Pukali, P.S. Pottangi, Dist. Koraput, Odisha - 764039 hereby declare that I have changed my name from Biju Khila to Bijay Khillo. Henceforth, I shall be known as **Bijay Khillo** for all purposes.

Bijay Khillo

**Notice (for Minor)**

By virtue of an affidavit sworn before Executive Magistrate, Puri, dated 12.08.2025 I, Sanjay Kumar Khatei, Address: At/Po: Sasan Damodarpur, Ps: Puri Sadar, Dist: Puri, Odisha, Pin: 752002, declare that I have changed the name of my son from Sai deep Khatei (old name) to Shrehansu Khatei (new name). Henceforth, he shall be known as Shrehansu Khatei (new name) for all purposes.

Sanjay Kumar Khatei

**AFFIDAVIT**

By virtue of an affidavit before the Executive Magistrate, karlamunda, I, Kasturi Bagarty, At- Putigaon, Po- S. Malpada, Ps.- M. Rampur, Dist.- Kalahandi hereby declare that I have changed my minor son's name from Kapaleswar Bagarty to Kapileswar Bagarty. Henceforth he shall be known as **Kapileswar Bagarty** for all purposes.

Sd/- Kasturi Bagarty

**AFFIDAVIT**

By virtue of an affidavit No. 1616 before the Tahasildar & Executive Magistrate, Khaprakhol on dtd.20.08.2025, I, SAJAMBAR MAJHI, S/o- Ravi Majhi, resident of Chancharabhata, PS-Lathor, Dist.- Balangir, PIN - 767028, Odisha, hereby declare that I have changed my name from SAJAMBAR MAJHI to SAYAMBAR MAJHI. Henceforth I shall be known as **SAYAMBAR MAJHI** for all purposes.

**AFFIDAVIT**

I, **AMIYA PRASAD SAMANTRAY**, S/o- Bauribandhu Samantaray resident of Vill/PO-Panchagaon, via-Jatni, P.S-Airfield, Dist.- Khordha. Bhubaneswar-752050, Odisha declare by affidavit No-27, Dtd.- 25/03/2025 that now onwards I shall be known as **AMIYA PRASAD SAMANTARAY** for all future purposes.

**SALE**

1 Number of ICV – ITLSONALIKA SOLISYAN DI 740 TRACTOR, Registration No.- OD-22-Z-5329, Model- 2024, ENGINE NO – 3100MN44F1440459F31, CHASSIS NO - HZESP14 56618S3, For Details, Contact – 8895995989, 9437355692, Second floor, Plot No-353/2585,Building No-723/1793,At-Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO-06784-250703

**AFFIDAVIT**

By virtue of an Affidavit before Notary Public, Malkangiri, I, **Uthara Pangi,** aged about 49 years, S/o.: Sadan Pangi, Village: Kurumpalli, PO.: Biralaxmanpur, PS/Dist.: Malkangiri, declare by this Affidavit No.: 8309, Dated: 20/08/2025 that I have changed my name from Uttara Pangi to Uthara Pangi. Henceforth I shall be known as "**Uthara Pangi**" for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai, on date- 23/06/2025 affidavit No-22. I, **Bijaya Kumar Patra,** S/o- Jagabandhu Patra, resident of Village- Tanupur, Po/P.S-Pattamundai, Dist- Kendrapada, Odisha. Formely called as **Patra BijayKetan Jagbandhu,** S/o-Jagabandhu Patra and now my new name is Bijay Kumar Patra, S/o-Jagabandhu Patra. I declare that my self **Bijaya Kumar Patra** and **Patra Bijayketan Jagbandhu** is one and same person for all purposes.

**Bijay Kumar Patra**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No-112 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Gladys Digal to Gladys Pauline. Henceforth she shall be known as **GLADYS PAULINE** for all purposes.

(Pratap Digal)

**AFFIDAVIT**

I, Snihalai Kar, W/o - Panchanan Kar, resident of Village-Jaleswar Pur, Po-Kuan Pal, Po-Kuanpal, Dist- Cuttack, PIN-754204, Odisha declare by this affidavit No.73 dtd- 19/08/2025 that now onwards I shall be known as **SNEHALATA KAR** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No-111 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Bhalesia Digal to D Valacia. Henceforth she shall be known as **D VALACIA** for all purposes.

(Pratap Digal)

**AFFIDAVIT**

By virtue of an affidavit No-3314 sworn before the Executive Magistrate, Binjharpur on dtd-16/08/2025. I, **Mrs Nandini Barik,** resident of At/Po- Haladidiha, Ps-Alakunda, Dist- Jajpur, Pin-755016, Odisha, I have changed my son name from **Prasannjit Barik** (old name) to **Prasannajit Barik** (new name). Henceforth, both name **Prasannajit Barik** and **Prasannjit Barik** is one & same person he will be known as **Prasannajit Barik** for all future purposes.

**Nandini Barik**

# ୪ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୨୦।୮(ସମିସ): ଆଣ୍ଟି ନକ୍ସଲ ଅପରେସନରେ ଛତିଶଗଡ ପୋଲିସକୁ ମିଳିଲା ବଡ଼ ସଫଳତା। କୋଣ୍ଡାଗାଓ ଜିଲ୍ଲାରେ ୨୨ ଲକ୍ଷ ଇନାମୀ ମାଓ ଦମ୍ପତିଙ୍କ ସହ ୪ ଜଣ ହାଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ଦିନକୁ ଦିନ ଆଣ୍ଟି ନକ୍ସଲ ଅପରେସନକୁ ଜୋରଦାର କରାଯାଇଥିବା ବେଳେ ଏହା ପ୍ରଭାବରେ ଅନେକ ମାଓବାଦୀ ମାଓ ସଙ୍ଗଠନ ଛାଡି ଆତ୍ମସମର୍ପଣ କରୁଛନ୍ତି। ଏହି କ୍ରମରେ ଆଜି କୋଣ୍ଡାଗାଓ ଜିଲ୍ଲାରେ ୨୨ ଲକ୍ଷ ଇନାମୀ ମାଓ ଦମ୍ପତିଙ୍କ ସହ ୪ ଜଣ ହାଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଦୁଇ ମାଓବାଦୀ ଲକ୍ଷ୍ମଣ କୋରାମ ଓରଫ ଜୁନୁ ଓ ସଖରମଙ୍କ ନାମରେ ଛତିଶଗଡ ସରକାର ପୂର୍ବରୁ ଆଠ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେଇଭଳି ଲକ୍ଷ୍ମଣଙ୍କ ପତ୍ନୀ ମାଦୋ ଓରଫ ଜରିନା ନାମରେ ୫ ଲକ୍ଷ ଓ ପାଣ୍ଡୁରାମ ଉପରେ ୧ ଲକ୍ଷ ଟଙ୍କା ଇନାମ ଘୋଷଣା କରାଯାଇଥିଲା। ସମସ୍ତ ମାଓବାଦୀ ବସ୍ତର, କୋଣ୍ଡାଗାଁ, କାଂକେର, ଦନ୍ତେୱାଡା ଓ ମାନପୁର ଅଂଚଳରେ ଅନେକ ମାଓ ହିଂସାରେ ସାମିଲ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ଛତିଶଗଡ଼ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନୂଆ ଆତ୍ମସମର୍ପଣ ନୀତି ଅନୁସାରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କୋଣ୍ଡାଗାଁ ଏସପି ୱାଇ ଅକ୍ଷୟ କୁମାର ପ୍ରକାଶ କରିଛନ୍ତି।

# ରାସ୍ତାକୁ ଘୋଡ଼େଇ ଦେଉଛି ଲଟାବୁଦା

କଲ୍ୟାଣସିଂହପୁର,୨୦।୮ (ସମିସ):



**● ଦୁର୍ଘଟଣା ହେବା ସମ୍ଭାବନା**

ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାର ଦୁଇ ପାଶ୍ୱର୍ ଲଟାବୁଦା ସଫା କରାଯାଇନଥିବାରୁ ଦୁର୍ଘଟଣାକୁ ଏଡାଇ ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। କଲ୍ୟାଣସିଂହପୁର ଠାରୁ ଜେକେପୁର ୩୬ କିମି ରାସ୍ତା ନିର୍ମାଣ ହେବାର ତିନି ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ମରାମତି କିମ୍ବା ରାସ୍ତାର ଦୁଇ ପାଶ୍ୱର୍ ର ଲଟା ବୁଦା କାଟିବା ଓ ରଙ୍ଗଦେବା ହେଉନଥିବା ଅଭିଯୋଗ ହୋଇଛି। ୪୫ ନମ୍ବର ରାଜ୍ୟ ରାଜପଥ ପ୍ରଥମେ କୁମୁଟିଲିପେଣ୍ଠା ଠାରୁ ଶିକରପାଇ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଶିକରପାଇ ଠାରୁ କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ଶେଷ ମଧ୍ୟ ହୋଇଗଲା। କିନ୍ତୁ ଜେକେପୁର ଠାରୁ ଶିକରପାଇ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତା କାର୍ଯ୍ୟ ରକ୍ଷଣାବେକ୍ଷଣ, ରାସ୍ତାର ଦୁଇ ପାଖ ଲଟାବୁଦା ସଫା, କଲଭେଟ ରାସ୍ତା ଦବିଯିବା , ବର୍ଷା ଦିନରେ ପାଣିକୁ ରାସ୍ତା ଦେଖାଇ ରଙ୍ଗ ମାରିବା କାର୍ଯ୍ୟ ପ୍ରତି ବର୍ଷ କରିବା ପାଇଁ କୋଟି କୋଟି ଟଙ୍କା ରଖା ଯାଇଛି। କିନ୍ତୁ କାଁ ଭାଁ ମାର୍ଚ୍ଚ ମାସରେ ଝାଂଟିକା ମାରି ବଣି ପଶିବା ନ୍ୟାୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପୂର୍ତ୍ତ ବିଭାଗ ଯେଉଁଠି ଆବଶ୍ୟକ ନଥିବା ସ୍ଥାନରେ ସିମେଣ୍ଟ କଂକ୍ରିଟ କରି ଏଫ ଟୁ ନାମରେ ଖର୍ଚ୍ଚକରୁ ଥିବା ବେଳେ ଆବଶ୍ୟକ ସ୍ଥାନରେ କାର୍ଯ୍ୟ କିଛି କିଛି ଲଟାବୁଦା ସଫା କରି ଛାଡିଦେଉଥିବାରୁ ବୁଲାଣିରେ ଗଛଲତା ଯୋଗୁଁ ଚାଳକ ଦେଖି ନ ପାରି ଦୁର୍ଘଟଣା ଘଟୁଛି। ଅନେକଙ୍କ ପ୍ରାଣ ଯାଇଥିବା ବେଳେ ଅନେକ ବିକଳାଙ୍ଗ ଅବସ୍ଥାରେ ଜୀବନ ବଞ୍ଚିବାକୁ ପଡୁଛି ବୋଲି ଶିକରପାଇର ଲୋକମାନେ ଅଭିଯୋଗ କରିଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସଫା କରିବା ସହ ଦବିଯାଇଥିବା କଲଭେଟର ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବଙ୍କ ସମୀକ୍ଷା



ରାୟଗଡ଼ା,୨୦।୮ (ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବି ଗିରିଶ ଏସ ଏନଙ୍କ ତିନିଦିନିଆ ରାୟଗଡା ଜିଲ୍ଲା ଗସ୍ତ କରି ବିଭାଗୀୟ ସମୀକ୍ଷା କରିଛନ୍ତି। ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଓ ଉପଜିଲ୍ଲାପାଳ ଗୁଣୁପୁର ଶ ଦୁଧାଲ ଅଭିଷେକ ଦିଲ୍ଲୀପଙ୍କ ଉପସ୍ଥିତରେ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ। ଏହି ସମୀକ୍ଷା ବୈଠକରେ ବିଶେଷ କରି ସ୍ୱାସ୍ଥ୍ୟ ବିଭାଗର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗ୍ରାମୀୟ ନିର୍ମାଣ ବିଭାଗ ଦ୍ୱାରା କରାଯାଉଥିବା ସେତୁବନ୍ଧୁ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗ ସୁଭଦ୍ରା ଯୋଜନା, ପୋଷଣ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ ଶ୍ରୀ ବିଦ୍ୟାଳୟ, ଜିଲ୍ଲା ମଙ୍ଗଳ ବିଭାଗର ହଷ୍ଟେଲ ସମସ୍ୟା, ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଜନଜାତିଙ୍କ ବିକାଶ ଯୋଜନା, ସାମାଜିକ ସୁରକ୍ଷା ଓ ଭିନକ୍ଷମ ଶାସକ୍ତିକରଣ ବିଭାଗର , ଶକ୍ତି ବିଭାଗର ଗ୍ରାମୀଣ ବିଦ୍ୟୁତ କରଣ, ଯୋଗାଣ ବିଭାଗର ଧାନ ସଂଗ୍ରହ ପାଇଁ ଲକ୍ଷ ଧର୍ଯ୍ୟ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ପଂଚାୟତରାଜ ଓ ଗ୍ରାମୀୟ ଜଳଯୋଗାଣ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଆଦିର ଅଗ୍ରଗତି ଓ ସମସ୍ୟା ଉପରେ ସମୀକ୍ଷା କରିଥିଲେ। ସଚିବ ଶ୍ରୀ ଗିରିଶ ଏସ ଏନ ରାୟଗଡା ଗସ୍ତର ପ୍ରଥମ ଦିନ ୧୯ ତାରିଖରେ ରାୟଗଡ଼ା ଠାରେ ଥିବା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରି ତାଲିମ ନେଉଥିବା ପିଲାଙ୍କ ସହ କଥା ବାର୍ତ୍ତା କରିଥିଲେ ଏବଂ ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କୁ ନିଯୁକ୍ତି ପାଇଲା ପରେ ପିଲାଙ୍କ ତଥ୍ୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲ୍ଲାର ଗୁଣୁପୁର ଉପଖଣ୍ଡ ଅନ୍ତର୍ଗତ ରାମନାଗୁଡା ଗୁଣୁପୁର ଓ ପଦ୍ମପୁର ବ୍ଲକର ବିଭିନ୍ନ ପ୍ରକଳ୍ପ ବିଶେଷ କରି ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟ, ବିକଶିତ ଗ୍ରାମ ବିକଶିତ ଓଡିଶା ଯୋଜନାର ବିଭିନ୍ନ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଜନମନ କାର୍ଯ୍ୟ, ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା,ମଧ୍ୟାହ୍ନ ଭୋଜନ, ହଷ୍ଟେଲ ସୁପରିଚାଳନା, ଅଙ୍ଗନବାଡି କେନ୍ଦ୍ରର ଶିଶୁ ପୋଷଣ,ଅମୃତ ସରବର, ଆକାଂକ୍ଷା ହାଟ,ପିସି କଲଚର ଓ ସୁଭଦ୍ରା ଯୋଜନା ଉପରେ ଅନୁଧ୍ୟାନ କରିଥିଲେ କ୍ଷ ପ୍ରଥମେ ଚାଟିକଣା ଠାରେ ଥିବା ଡଙ୍ଗରିଆ ସାଲ୍ ତାଲିମ୍ କେନ୍ଦ୍ର ଯାଯାବର ପରିଦର୍ଶନ କରି ଡଙ୍ଗରିଆ କନ୍ଧ ମା ମାନଙ୍କ କଥା ବାର୍ତ୍ତା ହେବା ସହ ସେମାନଙ୍କ ବ୍ୟବସାୟ କେମିତି ଚାଲିଛି ପଚାରି ବୁଝିଥିଲେ। ତାପରେ ଓରମାସର ତେନ୍ତୁଳି ପ୍ରୋସେସିଂ ୟୁନିଟ ଓ ସପୁରି ପ୍ରସେସିଂ ୟୁନିଟ ପରିଦର୍ଶନ କରି ଏହାକୁ କିପରି ଅଧିକରୁ ଅଧିକା ୟୁନିଟ ଖୋଲାଯିବା ତା' ଉପରେ ଆଲୋକପାତ କରିଥିଲେ ଏବଂ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ଏହାପରେ କୁଲି ପଞ୍ଚାୟତର ଖମ୍ବେଶି ଗ୍ରାମକୁ ପରିଦର୍ଶନ କରି ନୂତନ ଭାବେ ନିର୍ମାଣ ଚାଲିଥିବା ପ୍ରଧାନମନ୍ତ୍ରୀ ଜନମ ଘର ଗୁଡ଼ିକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଷମକଟକ ବ୍ଲକର ଥୁଆପଡ଼ି ଠାରେ ଥିବା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହା ପରେ ରାୟଗଡ଼ା ସଦର ବ୍ଲକ କୁ ଗସ୍ତ କରି କୁଲି ପଞ୍ଚାୟତରେ ଥିବା ଶିଶୁ ଉଦ୍ୟାନ ଏବଂ କଲ୍ୟାଣ ମଣ୍ଡପ ପରିଦର୍ଶନ କରିଥିଲେ ।

# ଅପରେସନ୍ ଦୁର୍ଗା ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୨୦।୮ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଣ୍ଟି-ରାଗିଂ ସପ୍ତାହ ଉଦ୍‌ଯାପିତ ହେବା ସହ ମହିଳାଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଅପରେସନ ଦୁର୍ଗା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଗିଂ ବିରୋଧରେ ବିଶ୍ୱବିଦ୍ୟାଳୟ ପରିସରରେ ସଚେତନତା ସୃଷ୍ଟି କରିବା ଓ ଏକ ସୁରକ୍ଷିତ, ସମାବେଶୀ ଶିକ୍ଷାନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ କୋରାପୁଟ ଜିଲ୍ଲା ପୁଲିସ ପକ୍ଷରୁ "ଅପରେସନ୍ ଦୁର୍ଗା: ନାରୀ ସୁରକ୍ଷା" ବିଶେଷ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର୍ ଏନ୍.ସି. ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ମନୋବ୍ରତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ଅର୍ଥନୀତି ବିଭାଗ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟ ଆଣ୍ଟି-ରାଗିଂ କମିଟିର ଅଧ୍ୟକ୍ଷ ପ୍ରଫେସର ରତିକାନ୍ତ କୁମ୍ଭାର, ମହିଳା କାଉନ୍ସେଲର୍ ଋତୁପର୍ଣ୍ଣା ରାୟ, ଓ ସୁନାବେଡା ଥାନା ଅଧିକାରୀ ସୁଷମା କହଁର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜ ଶାସ୍ତ୍ର ବିଭାଗର ସହକାରୀ ପ୍ରଫେସର୍ ଡ଼ା. ଦୀପ୍ତି ଶଙ୍କର ସଭା ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର୍ ଏନ୍.ସି. ପଣ୍ଡା ରାଗିଂର ଗଭୀର ମାନସିକ ଓ ଶାରୀରିକ ପ୍ରଭାବ ବିଷୟରେ ତାଙ୍କ ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ। ପ୍ରଫେସର୍ କୁମ୍ଭାର ଅପରେସନ୍ ଦୁର୍ଗା ଓ ବିଶ୍ୱବିଦ୍ୟାଳୟର ଆଣ୍ଟି-ରାଗିଂ ପଦକ୍ଷେପ ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଏସ୍.ପି. ମନୋବ୍ରତା ସତପଥୀ "ନାରୀ ଓ ଶିଶୁ ସୁରକ୍ଷା" ବିଷୟରେ ଏକ ବିଶେଷ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଡ଼ା. ସୌରଭ ଗୁପ୍ତା, ପ୍ରଫେସର୍ ଭରତ କୁମାର ପଣ୍ଡା, ଆଣ୍ଟି-ରାଗିଂ କମିଟିର ସଦସ୍ୟଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିବା ଲୋକ ସମ୍ପର୍କ ଅଧିକାରୀ ଡ଼ା. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ଶେଷରେ ସମାଜ ଶାସ୍ତ୍ର ବିଭାଗର ସହଯୋଗୀ ଅଧ୍ୟାପିକା ଡ଼ା. ନୂପୁର ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଡ୍ରାଇଭର ମହାସଂଘର ରାଜ୍ୟ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ମାଥିଲି, ୨୦।୮(ସମିସ): ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ଆଜି ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ମାଥିଲି ଠାରେ ନିଜ ସଂଘର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଆଲୋଚନା କରିଛନ୍ତି। ମାଲକାନଗିରି ଯିବା ରାସ୍ତାରେ ମାଥିଲି ଠାରେ ପହଞ୍ଚିବା ପରେ ମାଥିଲି ଡ୍ରାଇଭର ମହାସଂଘର ବ୍ଲକ ସଭାପତି କେ.ଶିବ ପ୍ରସାଦ ରାଓ ଓ କର୍ମକର୍ତ୍ତା ମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ମାଥିଲି ଅଞ୍ଚଳର ଅନେକ ଡ୍ରାଇଭର ଭାଇମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ମାଥିଲି ଅଞ୍ଚଳରେ ଡ୍ରାଇଭର ମାନଙ୍କ ସମସ୍ୟା ଉପରେ ରାଜ୍ୟ ଡ୍ରାଇଭର ମହାସଂଘର ସଭାପତିଙ୍କୁ ବ୍ଲକ ସଭାପତି ଶ୍ରୀ ରାଓ ପ୍ରକାଶ କରିଥିଲେ। ରାଜ୍ୟ ସଭାପତି ଏହାର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କୁ ଆମ ସଂଘ ପକ୍ଷରୁ ଦାବି ଦିଆଯାଇଛି । ଏହାର ତୁରନ୍ତ ସମାଧାନ କରାଯିବ ବୋଲି ରାଜ୍ୟ ସଭାପତି ବ୍ଲକ ସଭାପତିଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଗଞ୍ଜେଇ ଜବତ; ୨ କୋର୍ଟ ଚାଲାଣ

ମୁନିଗୁଡ଼ା,୨୦।୮ (ସମିସ):

ମୁନିଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୪୪ କିଲୋ ୩ ଶହ ଗ୍ରାମ ଗଞ୍ଜେଇ ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ରାୟଗଡ଼ା ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ମୁନିଗୁଡ଼ା ଭାରପ୍ରାପ୍ତ ଅବକାରୀ ଅଧିକାରୀ ପଙ୍କଜ କୁମାର ନାୟକଙ୍କ ସହ ଏକ ଟିମ ଚଢାଉ କରି ୪୪ କିଲୋ ୩ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଚାଲାଣକାରୀ ଦୁଇଜଣ ବିହାର ରାଜ୍ୟର ହୋଇଥିବା ବେଳେ ଜଣେ ବିହାର ରାଜ୍ୟ ଭୋଜପୁର ଜିଲ୍ଲା ମୁଫସିଲ ଥାନା ଅର୍ନ୍ତଗତ ଆଲିପୁର ଗ୍ରାମର ଶିଶପାଲ ଶର୍ମା ହୋଇଥିବା ବେଳେ ଅନ୍ୟଜଣେ ବିହାର ରାଜ୍ୟ ଭୋଜପୂର୍ ଜିଲ୍ଲା କୋଇଲାର ଥାନା ବାରକ ଚାନ୍ଦ ଗ୍ରାମର। ସେମାନେ ଦୁଇଟି ବସ୍ତାରେ ଗଞ୍ଜେଇ ଧରି ଫୁଲବାଣୀରୁ ବିହାର ରାଜ୍ୟକୁ ଚାଲାଣ କରୁଥିବ ବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିବା ଜଣାପଡ଼ିଛି। ଦୁଇଟି ଗଞ୍ଜେଇ ବସ୍ତା ଧରି ଫୁଲବାଣୀରୁ ବସ ଯୋଗେ ମୁନିଗୁଡ଼ା ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ପରେ ବସଷ୍ଟାଣ୍ଡରୁ ମୁନିଗୁଡ଼ା ରେଲୱେ ଷ୍ଟେସନ ନିକଟକୁ ଯାଇ ଷ୍ଟେସନ ସମ୍ମୁଖ ମୁନିଗୁଡ଼ା ମୁଖ୍ୟ ରାସ୍ତା ନିକଟରେ ଟ୍ରେନ୍ ଅପେକ୍ଷାରେ ଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ମୁନିଗୁଡ଼ା ଅବକାରୀ ବିଭାଗ ଚଢ଼ଉ କରି ଗଂଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଗୋଟିଏ ବସ୍ତାରେ ୨୪ କିଲୋ ଗଞ୍ଜେଇ ଥିବା ବେଳେ ଅନ୍ୟ ବସ୍ତାରେ ୨୦ କିଲୋ ୩ ସହ ଗ୍ରାମ ଗଞ୍ଜେଇ ଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି। ଏହି ଚଢାଉ ବେଳେ ମୁନିଗୁଡ଼ା ଭାରପ୍ରାପ୍ତ ଅବକାରୀ ଅଧିକାରୀ ପଙ୍କଜ କୁମାର ନାୟକଙ୍କ ସହ ଏଏସଆଇ ରଞ୍ଜନ ଖାନ, ଏଏସ ଆଇ ସାମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର ପକ୍ଷରୁ ଆନ୍ତଃକ୍ରୀଡ଼ା ଉଦ୍‌ଯାପିତ



କୋରାପୁଟ,୨୦।୮ (ସମିସ): କୋରାପୁଟ ଜିଲ୍ଲା ଦାମନଯୋଡି ନାଲକୋ ଶିଳ୍ପାଞ୍ଚଳ ଅନ୍ତର୍ଗତ କମ୍ୟୁନିଟି ସେଣ୍ଟର ଦ୍ୱାରା ଅନ୍ତକ୍ରୀଡା ୨୦୨୫ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଲକୋ ଦାମନଯୋଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାନବ ସମ୍ବଳ ବିଭାଗର ସମୂହ ମହାପ୍ରଭନ୍ଧକ ସୁଗତ ଆନନ୍ଦ ବସୁ, ଅର୍ଥ ବିଭାଗର ସମୂହ ମହାପ୍ରଭନ୍ଧକ ସଞ୍ଜୟ ଗୁପ୍ତା, ଖଣି ବିଭାଗର ମହାପ୍ରଭନ୍ଧକ ରାଜେଶ ଭିଂଚୁରକର, ସମୂହ ମହାପ୍ରଭନ୍ଧକ ଅନିଲ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଗ୍ରୁପ ପୁରୁଷ ବାଡ଼ମିଣ୍ଟନ ଖେଳର ଏକ ରୋମାଞ୍ଚକ ଫାଇନାଲ ମ୍ୟାଚ ଖେଳା ଯାଇଥିଲା ଏବଂ ଏଥିରେ ଡ଼କ୍ଟର ଉମାଶଙ୍କର ପ୍ରଧାନ ଏବଂ ସୁନିଲ ପାତ୍ର ବିଜୟୀ ହୋଇଥିବା ବେଳେ ପ୍ରଶାନ୍ତ ସେଠି ଏବଂ ରଶ୍ମି ପଣ୍ଡା ଦ୍ୱିତୀୟ ବିଜେତା ହୋଇଥିଲେ। କନିଷ୍ଠ ବ୍ୟାଡ଼ମିଣ୍ଟନ ଗ୍ରୁପରେ କିଶୋର ଜେନା, ସୁଶାନ୍ତ ରାଉତ, ନେହାଲ ରାଜେଶ ଭିଞ୍ଚୁରକର, ଆୟୁଷ୍ମାନ ଗିରି, ଶ୍ରୀମୟ ଶୁଭମ ସାହୁ, ଆଦିତ୍ୟ ମହାକୁଡ଼, କ୍ରିଷ୍ଣା ଶୁକ୍ଲା, ଶେଖ ଜାହିର ଅହମଦ, ଭବତୋଷ ପଣ୍ଡା, ମୋହମୋଦ ଆଦିବ ରାଜା, ଏବଂ ଅନୋଖୀ ସ୍ୱାଇଁ ବିଜୟୀ ହୋଇଥିଲେ। ଟି ଟି ଖେଳରେ ରବୀନ୍ଦ୍ର ଭତ୍ରା, ସ୍ୱରୂପ ମିଶ୍ର ଉତ୍ତୀର୍ଣ୍ଣ ହୋଇଥିଲେ। ତାସ ଖେଳରେ ଯେ ଯାଲସ୍କୋ, ଯେ ପି ବର୍ଲା, କ୍ୟାରୋମ ଖେଳରେ ଅଶୋକ କୁମାର ନାୟକ, ଅନିଲ ସିଂ ଚୌହାନ, ଅନୋଖୀ ସ୍ୱାଇଁ, ଚେସ ଖେଳରେ କେ ଭି ରେଡି, ଶ୍ରେୟାଶ ପଣ୍ଡିତ, ଅରବିନ୍ଦ ସାହୁ ଉଦୟନାଥ ପଟନାୟକ ଏବଂ ଆୟୁଷ ପାଣିଗ୍ରାହୀ ବିଜୟ ଲାଭ କରିଥିଲେ। କାର୍ଯ୍ୟକ୍ରମଟି କମ୍ୟୁନିଟି ସେଣ୍ଟରର ସଭାପତି ସତ୍ୟକମ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସମ୍ପାଦକ ମନୋଜ କୁମାର ପୃଷ୍ଟି ପରିଚାଳନା କରିଥିଲେ। ଅକ୍ଷୟ କୁମାର ଜେନା, ନିରଞ୍ଜନ ବାରିକ ଏବଂ ସମସ୍ତ କର୍ମଚାରୀ ମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ନାଲ୍‌କୋ ଗୋଷ୍ଠୀ କେନ୍ଦ୍ର ପ୍ରତିବର୍ଷ ଏହିଭଳିଆ କାର୍ଯ୍ୟକ୍ରମ ଆୟୋଜନ କରି ଛାତ୍ରଛାତ୍ରୀ ତଥା ନାଲକୋର କର୍ମଚାରୀମାନଙ୍କ ଲୁକାୟିତ ପ୍ରତିଭା କୁ ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦେଇଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ମା'କୁ ମୁଖାଗ୍ନୀ ଦେଲା ଝିଅ



ଉମରକୋଟ, ୨୦।୮ (ସମିସ): ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳର ଜଣେ ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ସାନ ଝିଅ ଲୋପାମୁଦ୍ରା ଶତପଥୀ ପିଣ୍ଡଦାନ କରିବା ସହ ମାଙ୍କୁ ମୁଖାଗ୍ନି ଦେଇଥିବା ଦେଖିବାକୁ ମିଳିଛି। ଖବରଦାତା ହରିହର ଶତପଥୀଙ୍କ ପତ୍ନୀ କୁନ୍ତଳା ଶତପଥୀଙ୍କର ଆଜି ମୃତ୍ୟୁ ହୋଇଥିଲା । ତାଙ୍କର ଦୁଇ ଝିଅ ଅଛନ୍ତି। ମାଙ୍କ ମୃତ୍ୟୁ ପରେ ସାନ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ନିଆରା ପରମ୍ପରା ସୃଷ୍ଟି କରିବା ସହ ଚର୍ଚ୍ଚାର ବିଷୟ ହୋଇଛି।

# ଉତ୍କଳ ଆଲୁମିନା ପକ୍ଷରୁ ସିଏସଆର ମେଳା ଉଦ୍‌ଯାପିତ



କାଶୀପୁର,୨୦।୮ (ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ଓଶାପଡ଼ା ଟାଉନସିପ୍ ଠାରେ ସିଏସ୍‌ଆର ମେଳା ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ଓ ତାଙ୍କ ପତ୍ନୀ ପ୍ରଭା ମିଶ୍ର, ଖଣି ମୁଖ୍ୟ ବିଜୟ ଚୌହାନ, ସିଏସ୍‌ଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମନୋଜ ଦାସ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ସିଏସ୍‌ଆର ମେଳା ଉଦ୍‌ଘାଟନ କରିଥିଲେ। ଉତ୍କଳ ଆଲୁମିନା ସିଏସ୍‌ଆର ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପ ଅଧୀନରେ ପ୍ରସ୍ତୁତ ହୋଇଥିବା ହାତ ତିଆରି ସାମଗ୍ରୀକୁ ଏଠାରେ ପ୍ରଦର୍ଶିତ କରିବା ସହିତ ବିକ୍ରୟ କରାଯାଇଥିଲା। ଖଣି ମୁଖ୍ୟ ଶ୍ରୀ ଚୌହାନ, ଉତ୍କଳ ଆଲୁମିନା ଦ୍ୱାରା ସ୍ଥାନୀୟ ଗୋଷ୍ଠୀର ବିକାଶ ପାଇଁ ଅବ୍ୟାହତ ଭାବେ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ଉକ୍ତ ମେଳାରେ ସ୍ଥାନୀୟ ଅଞ୍ଚଳର ଉତ୍ପାଦକ ଦଳ ଯୋଗ ଦେଇଥିବା ବେଳେ ଉକ୍ତ ସମାଗ୍ରୀ ଗୁଡିକ ଉତ୍କଳ ଆଲୁମିନା ସିଏସ୍‌ଆର ବିଭାଗର ସହଭାଗୀତାରେ କାରିଗର ଓ ଉତ୍ପାଦକ ଦଳଙ୍କୁ ସମସ୍ତ ବୈଷୟିକ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ସିଏସ୍‌ଆର ବିଭାଗର କର୍ମଚାରୀ ସୁଶାନ୍ତ ଦାଶ, ରୂପେନ ପଟ୍ଟନାୟକ, ଦିଗନ୍ତ ମହାନ୍ତି, ସଂଜୀବ ମହାନ୍ତି, ନିରୁପମା ବାରିକ, ଦିଲୀପ ନାଏକ, ବିନୋଦ ପୂଜାରୀ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଏନ୍‌ଏସି ଘୋଷଣାରୁ ବାଦ୍‌ର ପ୍ରତିବାଦ; ମୁନିଗୁଡ଼ା ବନ୍ଦ




ମୁନିଗୁଡ଼ା,୨୦।୮ (ସମିସ)ଏନ୍‌ଏସି ପାଇଁ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ରାଜ୍ୟ ସରକାର ମୁନିଗୁଡ଼ାକୁ ଏନ୍‌ଏସି ଘୋଷଣାରୁ ବାଦ୍ ଦେବା ପ୍ରତିବାଦରେ ଆଜି ମୁନିଗୁଡାଠାରେ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ଏକ ପ୍ରମୁଖ ବ୍ୟବସାୟ ପେଣ୍ଠ ସ୍ଥଳ ଭାବେ ବେଶ୍ ପରିଚିତ ଥିବା ବେଳେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଜିଲ୍ଲାର ଲୋକେ ମୁନିଗୁଡ଼ା ସହର ଉପରେ ନିର୍ଭର କରନ୍ତି। ମୁନିଗୁଡା ସହର ଏନ୍‌ଏସି ମାନ୍ୟତା ପାଇଁ ଦିର୍ଘ ବର୍ଷ ଧରି ଦାବୀ କରି ଆସୁଥିବା ବେଳେ ନିର୍ବାଚନ ପୁର୍ବରୁ ବିଜେଡି ସରକାର ଯେଉଁ ତାଲିକା ଘୋଷଣା କରିଥିଲେ ସେଥିରେ ମୁନିଗୁଡା ସ୍ଥାନ ପାଇଥିଲା। କିନ୍ତୁ ଗତ ଅଗଷ୍ଟ ୧୫ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେଉଁ ୧୨ଗୋଟି ନୁତନ ଏନ୍‌ଏସିର ନାମ ଘୋଷଣା କରିଛନ୍ତି ସେଥିରେ ମୁନିଗୁଡାର ନାମ ନଥିବାରୁ ଆଜି ଏହି ବନ୍ଦ ଡାକରା ଦିଆଯାଇଛି। ମୁନିଗୁଡ଼ା ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରାରେ ମୁନିଗୁଡା ଅଞ୍ଚଳବାସୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ସଂଗଠନ ଯୋଗଦେଇଥିବା ବେଳେ ମହିଳା ମାନେ ମଧ୍ୟ ସାମିଲ ହୋଇଥିଲେ।। ଜରୁରୀକାଳୀନ ସେବାକୁ ଛାଡ଼ିଦେଲେ ସହର ମଧ୍ୟଦେଇ ଯାନବାହାନ ଚଳାଚଳ ବନ୍ଦ ରହିଥିବା ବେଳେ ସମସ୍ତ ଦୋକାନବଜାର, ସ୍କୁଲ କଲେଜ ମଧ୍ୟ ବନ୍ଦ ରହିଥିଲା। ଏପରିକି ବିଭିନ୍ନ ଅଞ୍ଚଳରୁ ଛାତ୍ର ଛାତ୍ରୀ ମାନେ କଲେଜ ଆସି ଫେରୁ ଥିବା ସହ ବସ ସେବା ବନ୍ଦ ଯୋଗୁ ଦୂର ଦୁରାନ୍ତରୁ ଆସିଥିବା ଯାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଥିଲା। କମିଟି ପକ୍ଷରୁ ମୁନିଗୁଡ଼ା ସହରର ବିଭିନ୍ନ ଛକରେ ଗାଡି ମୋଟର ଗୁଡ଼ିକ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଥିବା ବେଳେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁନିଗୁଡ଼ା କୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବା ପାଇଁ ଏକ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା ମୁନିଗୁଡ଼ା ବ୍ଲକ ଛକ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି ଆନ୍ଦୋଳନ କାରି। ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି କମିଟି ପକ୍ଷରୁ ସୁଚନା ମିଳିଥିବା ବେଳେ ଆଜିର ଏହି ଆନ୍ଦୋଳନରେ ପ୍ରଗତିମଞ୍ଚ ସଭାପତି ସିଏଚ ଗଣେଶ୍ୱର ନାୟକ, ସଂପାଦକ ସିମାଞ୍ଚ ପଣ୍ଡା, ବିଜେପି ରାଜ୍ୟ ଓବିଶି ମୋର୍ଚ୍ଚା ଉପସଭାପତି ରାମ ଚନ୍ଦ୍ର ବେହେରା, ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁରୁକା, କଂଗ୍ରେସ ବ୍ଲକ୍ ସଭାପତି ନୀଳାମ୍ବର ବିଭାର, ବିଏସ୍ପି ଜିଲ୍ଲା ସଭାପତି ଜିତେନ୍ଦ୍ର ଜାକାକା, ବିଜେଡ଼ି ବ୍ଲକ ସଭାପତି ରତନ ଲାଲ ଜୈନଙ୍କ ସମେତ ବିଭିନ୍ନ ସଙ୍ଗଠନ ଓ କ୍ଲବର ସଦସ୍ୟ, ଯୁବକ ସଂଘ ଓ ମହିଳା ସଂଘ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

# ସମର ଶିକ୍ଷାର୍ଥୀ ବାହିନୀର ପଦାତିକ ବାଳିକା ବିଭାଗର ଶୁଭାରମ୍ଭ

ମାଲକାନଗିରି, ୨୦।୮ (ସମିସ): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପଦାତିକ ବାଳିକା ବିଭାଗ ଆଜିଠାରୁ ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଛନ୍ତି। ଚଳିତ ବର୍ଷ ପାଇଁ ୧୭ ଜଣ ଛାତ୍ରୀ ଏଥିରେ ଯୋଗ ଦେଇଥିବା ବେଳେ ମୋଟ୍ ସିଟ୍ ସଂଖ୍ୟା ୫୦ ରହିଛି। ଛାତ୍ରୀ ମାନଙ୍କ ନିମନ୍ତେ ଏହା ଏକ ସୁବର୍ଣ୍ଣ ସୁଯୋଗ। ଏହାଦ୍ୱାରା ସେମାନେ ଦେଶ ଏବଂ ସମାଜ ଗଠନରେ ସହାୟକ ହେବେ। ତାଲିମ ପାଇବା ପରେ ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଚାକିରିର ସୁଯୋଗ ପାଇପାରିବେ। ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀମାନେ ୬୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲେ ସେମାନେ ପାଇଲଟ ତାଲିମ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ପ୍ରଥମ ଥର ପାଇଁ ଜିଲାକରେ ଏହି ବିଭାଗର ଶୁଭାରମ୍ଭ ହୋଇଥିବା ବେଳେ ଆଗକୁ ଏହା ବାଳିକା ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିବା ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧିକାରୀ ମାନେ ପ୍ରକାଶ କରିଛନ୍ତି।

# ପ୍ରହସନ ପାଲଟିଛି ମନରେଗା, ମାଲାମାଲ ହେଉଛନ୍ତି ଠିକାଦାର

ମାଲକାନଗିରି, ୨୦।୮ (ସମିସ): ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ପ୍ରହସନ ପାଲଟିଛି ମନରେଗା କାର୍ଯ୍ୟ। ଗରିବ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କୁ ରୋଜଗାରର ଯୋଗାଇବାର ପନ୍ଥା ଭାବେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିବା ବେଳେ ବର୍ତ୍ତମାନ ଏହି ଯୋଜନା କିନ୍ତୁ ଶ୍ରମିକ ବଦଳରେ ମେସିନ ମାଲିକ ଓ ଠିକାଦାରଙ୍କୁ ଯୋଗଉଛି ରୋଜଗାର। ମାଲକାନଗିରି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ହେଉଥିବା ମନରେଗା କାର୍ଯ୍ୟକୁ ନେଇ ପୂର୍ବରୁ ଅନେକ ପିଆରଏସଏନ ଉଠିବା ସହ ଅନେକ ସ୍ଥାନରେ ମେସିନ ଦ୍ୱାରା କାର୍ଯ୍ୟ କରୁଥିବା କଥା ପ୍ରମାଣିତ ହୋଇଥିବା ସତ୍ତ୍ୱେ ଏହି ପ୍ରକ୍ରିୟା କମିବାର ନା ନେଉନି। ଯାହାକୁ ନେଇ ପୁଣି କିଛି ଏଭଳି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକରୁ। ସୂଚନା ଅନୁଯାୟୀ କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରକୋଣ୍ଡା ଗ୍ରାମ ଠାରୁ ଅମୃତସରୋବର କାଙ୍ଗୁରକୋଣ୍ଡା ଯାଏଁ ମନରେଗା ଯୋଜନା ଦ୍ୱାରା ରାସ୍ତା ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇଥିଲା। ତେବେ ଲୋକଙ୍କ ଅଭିଯୋଗ ଅନୁଯାୟୀ ଏହି ରାସ୍ତା କାର୍ଯ୍ୟ ପ୍ରାୟ ୫ ମାସରୁ ଅଧିକ ମାସ ପୂର୍ବରୁ ମେସିନ ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ଏହି ରାସ୍ତା କାର୍ଯ୍ୟ ବର୍ତ୍ତମାନ ମଧ୍ୟ ଜାରି ରହିଥିବା ଦର୍ଶାଇ କିଛି ଲୋକଙ୍କ ଫୋଟ ଏନଏମଏସ ମାଧ୍ୟମରେ ଅପଲୋଡ କରି ଟଙ୍କା ଉଠା ଯାଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଏହି ରାସ୍ତା ଯଦି ନିର୍ମାଣ ହୋଇ ସାରିଛି, ତେବେ ବର୍ତ୍ତମାନ ଟଙ୍କା କିଭଳି ଭାବେ ଉଠୁଛି। ତେବେ ଏନେଇ ଆମେ ପୂର୍ବରୁ ଏହି କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶିବାସିସ ବିଶ୍ୱାସଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ ବର୍ତ୍ତମାନ ସେ ଏହି ଦାୟିତ୍ୱରେ ନାହାନ୍ତି। ଏନେଇ କାଲିମେଳା ବିଡିଓ ପ୍ରଦୀପ କୁମାର କରଙ୍କୁ ଯୋଗାଯୋଗ କରାଯିବାରେ ସେ ଘଟଣା ବିଷୟରେ ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପଠାଇବେ ବୋଲି ପ୍ରକାଶ କରିଛନ୍ତି। ତେବେ ଘଟଣାର ତଦନ୍ତ ହେଲେ ସତ୍ୟତା ସାମ୍ନାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବା ବେଳେ କେବେ ଏହାର ତଦନ୍ତ ହେଉଛି ଓ କିପରି ପୂର୍ବରୁ ହେଇଥିବା କାର୍ଯ୍ୟର ଟଙ୍କା ବର୍ତ୍ତମାନ ପଇଠ ହେଉଛି ତାହାର ସତ୍ୟତା କେବେ ସାମ୍ନାକୁ ଆସୁଛି ତାହାକୁ ହିଁ ଅପେକ୍ଷା କରିଛନ୍ତି ନିରୀହ ଜନସାଧାରଣ।

'ଆବାସ' ନିର୍ମାଣରେ ମହାଦୁର୍ନୀତି

# ଛାତ ନପଡୁଣୁ ଦଲାଲ ଗିଳିଦେଲେ ଟଙ୍କା



କାଲିମେଲା, ୨୦।୮ (ସମିସ) : ଗରିବ ଓ ଅସହାୟଙ୍କ ମୁଣ୍ଡ ଗୁଞ୍ଜିବାକୁ ଆବାସ ଗୃହ ଯୋଗାଇଦେବା ପାଇଁ ବୃହତ୍ ଯୋଜନା ପ୍ରଣୟନ କରାଯାଇଛି। ଯାହାଫଳରେ ଗରିବ ଓ ଅସହାୟ ବ୍ୟକ୍ତି ସରକାରଙ୍କ ପକ୍ଷରୁ ଆବାସ ଗୃହଟିଏ ପାଇ ଜୀବନ କାଳ ପରିବାରର ସଦସ୍ୟଙ୍କ ସହ ଗୋଟିଏ ଛାତ ତଳେ ଜୀବନ କାଟିବାରେ ସକ୍ଷମ ହୋଇପାରୁଛି। ତେବେ କିଛି ଅସାଧୁ କର୍ମଚାରୀ ଓ ଦଲାଲଙ୍କ କବଜାରେ ପଡ଼ି ନିଜର ଆବାସ ଘରର ସ୍ୱପ୍ନ ପୁରଣରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଟିଗଲ ପଞ୍ଚାୟତ ଅନ୍ତର୍ଗତ କୋଟମେଟଲା ଗ୍ରାମରେ। ଏହି ଗ୍ରାମରେ ଏକାଧିକ ହିତାଧିକାରୀଙ୍କ ଆବାସ ଗୃହ ଅଧାପନ୍ତରିଆ ଭାବେ ପଡି ରହିଥିବା ବେଳେ ଦଲାଲ ମାନେ ବିଲ ଟଙ୍କା ଉଠାଇ ଦେଇଥିବା ଜଣାପଡିଛି। ତେବେ ସବୁଠାରୁ ବିଡମ୍ବନାର ବିଷୟ ହେଉଛି ଏହି ପଞ୍ଚାୟତର କର୍ମଚାରୀ ମାନଙ୍କ ସହଯୋଗରେ ଏଭଳି ଅର୍ଥ ଆତ୍ମସାତ୍ କରାଯାଇଥିବା ସ୍ପଷ୍ଟ ଜଣାପଡିଥିବା ସତ୍ତ୍ୱେ ମଧ୍ୟ ଏବେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସୂଚନା ଅନୁଯାୟୀ କୋଟମେଟଲା ଗ୍ରାମର ବୋଜି ସାଲବାମ, ଲାକେ ମାଡି, ନନ୍ଦେ ପଡିଆମୀ ଓ ପଦିଆ ମାଡି ସମେତ ଅନେକ ପରିବାରକୁ ୨୦୨୧-୨୨ ମସିହାରେ ଅନୁମୋଦନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସଗୃହ ଯୋଜନାରେ ଘର ପ୍ରଦାନ କରାଯାଇଥିଲା। ଏହି କାମ ଗୁଡ଼ିକୁ ଏମଭି ୬୫ ଗ୍ରାମର ଜଣେ ଠିକାଦାର କରିବା ନେଇ ହିତାଧିକାରୀଙ୍କୁ ଫୁସୁଲେଇ ପ୍ରଥମ ପର୍ଯ୍ୟାୟର ଟଙ୍କା ନେଇ ଯାଇଥିଲେ। କିଛିଦିନ ପରେ ପ୍ରଥମ ପର୍ଯ୍ୟାୟ କାମ ପାଇଁ ଅର୍ଥ କମ୍ ହେବା କହି ଗ୍ରାମ ପଞ୍ଚାୟତର ଜିଆରଏସଙ୍କ ସହ ମିଶି ଦ୍ୱିତୀୟ ପର୍ଯ୍ୟାୟର ଟଙ୍କା ମଧ୍ୟ ଉଠାଇ ନେଇଥିଲେ। ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟରେ ଚାରି କିସ୍ତି ଟଙ୍କା ଉଠାଇ ନେଇ ଯାଇଥିଲେ। ଏ ବାବଦରେ ପ୍ରତ୍ୟକ ହିତାଧିକାରୀଙ୍କ ଗୃହ ନିର୍ମାଣ ଆଳରେ କେବଳ ଫାଉଣ୍ଡେସନ ଓ ଇଟା ଯୋଡେଇ କାମ କରିଥିଲେ। ତେବେ ଛାତ ପକାଇବା ସହ ବଳକା କାମ କରିବାକୁ ହିତାଧିକାରୀ ମାନେ ବାରମ୍ବାର କହିଲେ ମଧ୍ୟ ଜୈନକ ଠିକାଦାର ଜଣଙ୍କ ଧରାଛୁଆଁ ଦେଉ ନଥିବା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ହିତାଧୀକାରି ମାନେ ବ୍ଲକକୁ ଗଲେ ଛାତ ପଡ଼ିବା ପର୍ଯ୍ୟନ୍ତ ସମାପ୍ତ ବିଲ ତମ ଆକଉଣ୍ଟ କୁ ପଠାଯାଇଛି ବୋଲି କହୁଥିବା ହିତାଧିକାରୀ କହୁଛନ୍ତି। ଏ ବାବଦରେ ସ୍ଥାନୀୟ ପଞ୍ଚାୟତରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି। ଅନ୍ୟପଟେ ଉକ୍ତ ପଞ୍ଚାୟତର ଦାୟିତ୍ୱରେ ଥିବା ଗ୍ରାମ୍ୟ ରୋଜଗାର ସେବକ ଓ ଠିକାଦାର ମିଳିତ ଭାବେ ଏଭଳି କାମ କରି ଟଙ୍କା ହଡପ କରି ନେଉଥିବା ଗ୍ରାମବାସୀ କ୍ଷୋଭ ଭରା ଗଳାରେ କହିଛନ୍ତି। ଏହି ଗ୍ରାମ ଓ ଆଖପାଖ ଅଞ୍ଚଳରେ ପ୍ରାୟ ୧୫ ରୁ ଅଧିକ ଘର ଏଭଳି ଛାତ ପଡ଼ିବା ଷ୍ଟେଜରେ ରହିଥିବା ବେଳେ ଛାତ କାମ ନକରି ଲକ୍ଷ ଲକ୍ଷ ଟଙ୍କା ହରି ଲୁଟ ହୋଇଥିବା ଜଣାପଡିଛି। ସ୍ଥାନୀୟ ଗ୍ରାମ୍ୟ ରୋଜଗାର ସେବକ କାର୍ଯ୍ୟ କରିଦେବା ଆଶ୍ୱସନା ଦେଇ ହିତାଧିକାରୀଙ୍କ ଟଙ୍କା ହଡ଼ପ କରିଥିବା ବେଳେ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ବିରୋଧ ମଧ୍ୟ ଦେଖିବାକୁ ମିଳୁଛି ଏ ବାବଦରେ କାଲିମେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଟିଗଲ ପଞ୍ଚାୟତରେ ନିର୍ମାଣାଧିନ ଆବାସ ଗୃହ କାମରେ ଏଭଳି ଅନେକ ଲୋକଙ୍କ ଛାତ ଷ୍ଟେଜ ଅର୍ଥ ହରିଲୁଟ କରାଯାଇଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

## କୁର୍ଲି ବାସିନ୍ଦାଙ୍କ ସହ ପଞ୍ଚାୟତିରାଜ ସଚିବଙ୍କ ଆଲୋଚନା



ରାୟଗଡ଼ା,୨୦।୮ (ସମିସ): ରାୟଗଡ଼ା ଜିଲ୍ଲାକୁ ତିନି ଦିନିଆ ଗସ୍ତରେ ଆସିଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଗିରିଶ ଏସ.ଏନ ବିଷମକଟକ ବ୍ଲକ୍ କୁର୍ଲି ଗ୍ରାମପଞ୍ଚାୟତକୁ ଗସ୍ତ କରି ଖମ୍ବେସି ଗ୍ରାମ ଠାରେ ଲୋକଙ୍କ ସହ ଆଲୋଚନା କରିଛନ୍ତି। କୁର୍ଲି ଗ୍ରାମପଞ୍ଚାୟତରେ ଗମନାଗମନ, ନେଟୱାର୍କ, ଶିକ୍ଷା, ଉତ୍ପାଦିତ ଦ୍ରବ୍ୟର ବଜାରିକରଣ ଭଳି ଅନ୍ୟାନ୍ୟ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ପଞ୍ଚାୟତବାସୀ। ଜିଲ୍ଲାପାଳ ଉକ୍ତ ଅଞ୍ଚଳ ଗସ୍ତ କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଖମ୍ବେସୀ ଠାରେ କୁର୍ଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଶୁଭର୍ଦନୀ ୱାଡକା, ୱାର୍ଡସଭ୍ୟ ସୁଜନ ଚିଟୁଂଆନ, ନବଘନ ୱାଡକା, ଚିତ୍ରସେନ ଟାକରି, ବୁ୍କୁ ୱାଡକା,ବଚ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ପିଏ ଆଇଟିଡିଏ ଗୁଣପୁର, ସ୍ଥାନୀୟ ବିଡିଓ, ତହସିଲଦାର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସଚିବଙ୍କୁ ପଞ୍ଚାୟତବାସୀ ଚାଟିକଣା ଠାରୁ ଖମ୍ବେସୀ ଗ୍ରାମ ଯାଏଁ ପ୍ରାୟ ୧୧କିମି ରାସ୍ତା ଅତି ସଂକୀର୍ଣ୍ଣ ଓ ଅଣ ଓସାରିଆ ହୋଇଥିବାରୁ ଯାନବାହନ ଚଳାଚଳ ପ୍ରଭାବିତ ହେଉଥିବା କହିଥିଲେ। ସମସ୍ୟାଗୁଡିକର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଚିବ ଓ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। ସେହିପରି ନିୟମଗିରି ପାଦ ଦେଶରେ ଅନୁସୂଚିତ ଜନଜାତି ଡଙ୍ଗରିଆ ସଂପ୍ରଦାୟ ସହ ରହି ଆସୁଥିବା ବେଳେ ସେମାନଙ୍କୁ ପାଇଁ ସରକାର ଶିକ୍ଷାଦାନ ବ୍ୟବସ୍ଥାକୁ ଯେପରି ଗୁରୁତ୍ୱ ଦେଇ ଆସୁଛନ୍ତି ଅନୁରୂପ ଭାବେ ଉକ୍ତ ଅଞ୍ଚଳରେ ରହି ଆସୁଥିବା ଅନୁସୂଚିତ ଜାତି ବର୍ଗର ପିଲାଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବିଦ୍ୟାଳୟ ନିର୍ମାଣ କରିବା ପାଇଁ ଦାବି କରାଯାଇଥିଲା। ବଳକା ସର୍ଭେ ଶେଷ ପରେ ଯଥାଶୀଘ୍ର ପଟ୍ଟା ତଥା ଘରଡିହ ବଣ୍ଟନର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିବା ପଞ୍ଚାୟତବାସୀ କହିଛନ୍ତି। ସେହିପରି ପିଏ ଜନମନ ଯୋଜନାରେ ଆବାସ ଗୃହ ନିମନ୍ତେ ମିଳୁଥିବା ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପର୍ଯ୍ୟାପ୍ତ ହେଉ ନ ଥିବା ପଞ୍ଚାୟତବାସୀ କହିଥିଲେ। ଅନେକ ଘର ଅଧପନ୍ତରିଆ ହୋଇ ପଡି ରହିଥିବାରୁ ସରକାର ଆହୁରି ଅଧିକ ଆର୍ଥିକ ସହାୟତା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ସପୁରୀ ଜୁସ୍ ପ୍ରକ୍ରିୟାକରଣ ୟୁନିଟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ ପାଇଁ ପଞ୍ଚାୟତର ଚାଷୀମାନେ ଦାବି ଜଣାଇଥିଲେ। ସେହିପରି ଅନେକ ପରିବାର ଅନ୍ତ୍ୟୋଦୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରି ନ ଥିବାରୁ ସରକାରଙ୍କ ପକ୍ଷରୁ ମିଳୁଥିବା ପିଡିଏସ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଥିବା ସଚିବ ଏବଂ ଜିଲ୍ଲାପାଳଙ୍କୁ ପଞ୍ଚାୟତବାସୀ ଅବଗତ କରାଇଥିବା କହିଛନ୍ତି। ରାୟଗଡ଼ା ନୂତନ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ନିୟମଗିରି ଅଞ୍ଚଳକୁ ଗସ୍ତ କରି ସମସ୍ୟା ସମ୍ବନ୍ଧରେ ଅବଗତ ହେବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିବାରୁ ପଞ୍ଚାୟବାସୀଙ୍କ ମନରେ ଏକ ନୂଆ ଆଶା ସଂଚରିତ ହୋଇଛି।

## କ୍ୟାମେରାମ୍ୟାନ୍ ପାଳିଲେ ବିଶ୍ୱ ଫୋଟଗ୍ରାଫି ଦିବସ

ମାଲକାନଗିରି, ୨୦।୮ (ସମିସ)



ମାଲକାନଗିରି ଜିଲ୍ଲାରେ ବିଶ୍ୱ ଫୋଟଗ୍ରାଫି ଦିବସ ପାଳନ କଲେ କାର୍ଯ୍ୟରତ ଭିଡିଓ ଜର୍ଣ୍ଣାଲିଷ୍ଟ ତଥା ବିଭିନ୍ନ ମଧ୍ୟମ ସଂସ୍ଥାର କ୍ୟାମେରା ମ୍ୟାନ ମାନେ। ଏନେଇ ଗତକାଲି ରାତିରେ ସମସ୍ତ କାର୍ଯ୍ୟରତ କ୍ୟାମେରା ମ୍ୟାନ ଫୋଟ ଉଠାଇବାର ବିଭିନ୍ନ ଶୈଳୀ ସହ କିପରି ଆଗାମୀ ଦିନରେ ସେମାନେ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ସ୍ଥାନ ହାସଲ କରିବେ ସେନେଇ ଆଲୋଚନା କରିଥିଲେ। ପ୍ରତି ଖବର ହେଉ କିମ୍ବା ଲୋକଲୋଚନକୁ ଆସୁଥିବା ବିଭିନ୍ନ ନୂଆ ସ୍ଥାନ, ରହସ୍ୟ ଆଦି ପଛରେ ଜଣେ କ୍ୟାମେରା ମ୍ୟାନର ଦାୟିତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଏଣୁ ପରଦା ପଛରେ ରହି ଲୋକଙ୍କ ନିକଟରେ ବିଭିନ୍ନ ବିଷୟକୁ ଉପସ୍ଥାପନ କରୁଥିବା କ୍ୟାମେରା ମ୍ୟାନଙ୍କ ପାଇଁ ଏହି ଦିନ ବେସ ମହତ୍ତ୍ୱ ରଖିଛି ବୋଲି ସମସ୍ତେ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାର କାର୍ଯ୍ୟରତ କ୍ୟାମେରା ମ୍ୟାନ ପ୍ରକାଶ ପଟ୍ଟନାୟକ, ରାହୁଲ ଗୋଲରି, ଏମ ଚନ୍ଦ୍ରା ରାଓ, ବିକ୍ରମ ପାଢ଼ୀ, ପଙ୍କଜ ଖରା, ମୂନା ନେତମ, ପିନତୁ କୁମାର, ସ୍ୱାଧୀନ ବେହେରା ପ୍ରମୁଖ ଉପସ୍ଥିତ ରହି କେକ କାଟି ଏହି ଦିନକୁ ପାଳନ କରିଥିଲେ।

## ଭଡ଼ାଘରୁ ମୃତଦେହ ଉଦ୍ଧାର

ପଦ୍ମପୁର,୨୦।୮ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସହରରେ ଥିବା ହୋଣ୍ଡା ବାଇକ୍ ସୋ ରୁମ୍ ପଛପଟ ଥିବା ଲକ୍ଷ୍ମୀ ନଗର ସାହି ଗଳିରୁ ଜଣେ ବ୍ୟକ୍ତି ଙ୍କ ଗଳିତ ଶବ ପଦ୍ମପୁର ପୋଲିସ ଉଦ୍ଧାର କରିଛି। ଏହା ହତ୍ୟା କି ଆତ୍ମହତ୍ୟା ସନ୍ଦେହ ଘେରରେ ରହିଛି। ସୂଚନାଯୋଗ୍ୟ, ଗତ କିଛି ମାସ ଧରି ଲକ୍ଷ୍ମୀ ନଗର ସାହି ଭଡ଼ା ଘରେ ଲିଙ୍ଗରାଜ ବେହେରା (୪୩) ରହି ଗୁଟକା ବେପାର କରି ଚଳୁଥିଲେ। ଦୁଇ ଦିନ ହେଲା ଘର କବାଟ ଖୋଲା ହୋଇଥିବା ବେଳେ ଘରୁ ଦୁର୍ଗନ୍ଧ ବାହାରିବାରୁ ଆଖପାଖର ଲୋକେ ପଦ୍ମପୁର ପୋଲିସଙ୍କୁ ଖବର ଦେଇଥିଲେ। ପଦ୍ମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲିଙ୍ଗରାଜ ବେହେରାଙ୍କ ଗଳିତ ଶରୀରକୁ ଜବତ କରିଥିବା ବେଳେ ସାଇଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଲିଙ୍ଗରାଜ ବେହେରାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଲିଙ୍ଗରାଜ ବେହେରାଙ୍କ ବ୍ରହ୍ମପୁରରେ ରହୁଥିବା ପତ୍ନୀ, ଦୁଇ ଝିଅ ଓ ବାପା ପହଞ୍ଚିବା ପରେ ପଦ୍ମପୁର ପୋଲିସ ଓ ସାଇଟିଫିକ୍ ଟିମ୍ ପହଞ୍ଚି ଶବକୁ ଗୁଣପୁର ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଉଛି।

## ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର



ରାୟଗଡ଼ା,୨୦।୮ (ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ପଞ୍ଚାୟତସ୍ତରୀୟ ଅନ୍ତଃ-ରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର କାଶିପୁର ବ୍ଲକ ଅନ୍ତର୍ଗତ ସଙ୍କରଡ଼ା ପଞ୍ଚାୟତ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ସହ ଶ୍ରମ ଅଧିକାରୀ ବିଷ୍ଣୁ ଚରଣ ନାୟକ, ସୋସାଇଟୀ ଫର୍ କମୁନିଟି ରେହାବିଲେସନ ର ସମ୍ପାଦକ ତ୍ରିଲୋଚନ ପଢ଼ିହାରି, ଏଡିଇଓ କିରଣ କୁମାର, ସରପଞ୍ଚ ଶ୍ରୀମତୀ ଚୁମକି ମାଝୀ, ଶ୍ରମିକ ସଂଘ ସଭାପତି ଦୟାନିଧି ନାଏକ ଓ ରଞ୍ଜିତ ମାଝୀ, ତଥା ସଙ୍କରଡ଼ା ଗ୍ରାମ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ଏହି ସଚେତନତା ସଭାରେ ସହ ଶ୍ରମ ଅଧିକାରୀ ଶ୍ରୀ ନାୟକ ପ୍ରବାସୀ ଶ୍ରମିକ ଆଇନ୍ ଅଧିନିୟମ ୧୯୭୯ ଅନୁଯାୟୀ ଶ୍ରମିକ ମାନଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶ୍ରୀ ପଢ଼ିହାରୀ ଶିଶୁ ଶ୍ରମିକ ନିରାକରଣ ନିମିତ୍ତ ଆଲୋଚନା କରିଥିଲେ।

## ଟ୍ରେନ୍‌ରୁ ଗଞ୍ଜେଇ ଜବତ, ଯୁବକ ଗିରଫ



କୋରାପୁଟ,୨୦।୮ (ସମିସ): ଜିଆରପି ପକ୍ଷରୁ ସମଲେଶ୍ୱରୀ ଟ୍ରେନରୁ ଗଞ୍ଜେଇ ଜବତ କରା ଯାଇଥିବାବେଳେ ଘଟଣାରେ ଜଣେ ଯୁବକ ଗିରଫ ହୋଇଥିବା ଜଣା ପଡ଼ିଛି। ଲୁଧିଆନାର ଆଶମାନ ନାମକ ଯୁବକ ଜଣକ ସ୍ଥାନୀୟ ଅଞ୍ଚଳରୁ ପଞ୍ଜାବର ଲୁଧିଆନାକୁ ଚୋରା ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜୟପୁର ରେଳ ଷ୍ଟେସନରେ ପେଟ୍ରୋଲିଂ କରୁଥିବା ଜିଆରପି ଏବଂ ଆରପିଏଫ ପୁଲିସ ହାତରେ ଧରାପଡ଼ିଥିଲା। ଯୁବକ ଜଣକ ଏକ ବ୍ୟାଗରେ ୧୦ କିଲୋ ଗଞ୍ଜେଇ ନେଇ ଲୁଧିଆନା ଯାଉଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବା ବେଳେ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରା ଯାଇଥିବା ଜିଆରପି ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

## ବଣ୍ଡାଘାଟି ବିଦ୍ୟାଳୟରେ ପାଠ ପଢ଼ାଇଲେ ଜିଲ୍ଲାପାଳ



ମାଲକାନଗିରି/ଖଇରପୁଟ, ୨୦।୮ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ସ୍ଥିତ ବଣ୍ଡାଘାଟି ଅଞ୍ଚଳର ଅଣ୍ଡରାହାଲ ଓ ମୁଦୁଲିପଡ଼ା ଗସ୍ତ କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ମୁଦୁଲିପଡ଼ା ଠାରେ ଥିବା ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ସପ୍ତମ ଏବଂ ଅଷ୍ଟମ ଛାତ୍ରୀଙ୍କୁ ଇଂରାଜୀ ଓ ସଂସ୍କୃତ ପଢ଼ାଇବା ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ମୁଦୁଲିପଡ଼ା ଠାରେ ଥିବା ଏସଏସଡି ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କର ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ। ସେଠାରେ ଥିବା ପର୍ଯ୍ୟଟନସ୍ଥଳୀ ସୀତାକୁଣ୍ଡର କିଭଳି ଆହୁରି ଉନ୍ନତିକରଣ କରି ହେବ ସେଥିଲାଗି ପିଏ ଆଇଟିଡିଏ ଏବଂ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ସେହି ଅଞ୍ଚଳରେ ଥିବା ମାତୃ ଓ ଶିଶୁପୋଷଣ କେନ୍ଦ୍ର , ପିଏମ ଜନମନ ଅଧୀନରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ନିର୍ମାଣଧୀନ ଥିବା ଗୃହ ଗୁଡିକୁ ତୁରନ୍ତ ସାରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସେ ମୁଦୁଲିପଡ଼ା, ପିଏଚସି ଯାଇ ସେଠାକାର ସୁବିଧା ଅସୁବିଧା କଥା ବୁଝିବା ସହ ସେଠାରେ ନିର୍ମାଣଧିନ ଥିବା ନୂତନ ପିଏଚସି କୋଠା ବୁଲି ଦେଖିଥିଲେ। ଜିଲ୍ଲାପାଳ ଆଦିମ ବଣ୍ଡା ଜନଜାତିଙ୍କ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ଉନ୍ନତ ମାନର ରାସ୍ତା, ପୋଲ ଏବଂ ଆବାସ ଗୃହ କିଭଳି ଭାବେ ସରକାରଙ୍କ ଦ୍ୱାରା ନର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ ହେବ ତାକୁ ସୁନିଶ୍ଚିତ କରିବା ପାଇଁ ପିଏ ଆଇଟିଡିଏ ଏବଂ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଗୋବିନ୍ଦପାଲ୍ଲି ଯୁଜିଏମଇ ସ୍କୁଲ ଠାରେ ଚାଲିଥିବା ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ, ନିର୍ମାଣାଧୀନ ଥିବା ଗୋବିନ୍ଦପାଲ୍ଲୀ ନୂତନ ପଞ୍ଚାୟତ ଗୃହ କାମ ମଧ୍ୟ ଦେଖିଥିଲେ ଜିଲ୍ଲାପାଳ। ଜିଲ୍ଲାର ଆଦିମ ବଣ୍ଡା ଜନଜାତିଙ୍କ ସାମଗ୍ରିକ ବିକାଶ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଜିଲ୍ଲାପାଳ ଅଗ୍ରାଧିକାର ଦେଉଛନ୍ତି।

## ସ୍ୱାୟତ୍ତ ଶାସନ ଦିବସ ପ୍ରସ୍ତୁତି ବୈଠକ

ବାଲିମେଲା/କୋରୁକୋଣ୍ଡା, ୨୦।୮ (ସମିସ) : ମାଲକାନଗିରି ଜିଲ୍ଲା ବାଲିମେଲା ଏନଏସିରେ ଆସନ୍ତା ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆଜି ପ୍ରସ୍ତୁତି ବୈଠକ କାର୍ଯ୍ୟାଳୟର କନ୍ଫରେନ୍ସ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧକ୍ଷତାରେ ଏହି ବୈଠକଟି ଅନୁଷ୍ଠିତ ହୋଇଥିଲା। ସ୍ୱାୟତ୍ତ ଶାସନ ଦିବସରେ ଏନଏସିର ଉତ୍ତମ କର୍ମଚାରୀ, ସ୍ୱଚ୍ଛ ସାଥି, ସ୍ୱଚ୍ଛ କର୍ମୀ, ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏଥି ସମେତ ସ୍ୱାୟତ୍ତ ଶାସନ ଦିବସର ସନ୍ଧ୍ୟାରେ ଅଞ୍ଚଳବାସୀଙ୍କ ମନୋରଞ୍ଜନ ନିମନ୍ତେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସହରକୁ କିପରି ସ୍ୱଚ୍ଛ ଏବଂ ନିର୍ମଳ ରଖାଯିବ ସେନେଇ ଆଲୋଚନା ହୋଇଥିଲା। ଜନସାଧାରଣଙ୍କୁ ଅଳିଆ ଗାଡ଼ିରେ ନିଜ ଘରର ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ସବୁ ଢାଳିବା ନିମନ୍ତେ ସ୍ୱଚ୍ଛ ସାଥି ମାନେ ସଚେତନ କରିବାର ଆବଶ୍ୟକତା ରହିଥିବା ଅଧକ୍ଷ ଶ୍ରୀ ନାୟକ କହିଥିଲେ। ଆଇସି ଆକ୍ଟିଭିଟି ଅନୁଯାୟୀ ସହରର କାନ୍ଥ ଏବଂ ସର୍ବସାଧାରଣ ସ୍ଥାନ ଗୁଡିକରେ ବିଭିନ୍ନ ସଚେତନତା ଚିତ୍ର ଏବଂ ପଥପ୍ରାନ୍ତ ନାଟକ କରାଯିବା ନେଇ ଆଲୋଚନା ହୋଇଥିଲା। ଆହାର କେନ୍ଦ୍ର ଟେଣ୍ଡରର ଶେଷ ଦିନ ଆଜି ଥିବା ବେଳେ ଏହି ତାରିଖ ପରିବର୍ତ୍ତନ କରାଯାଇ ଅଗାମୀ ୨୫ ତାରିଖକୁ ବର୍ଦ୍ଧିତ କରାଯାଇଥିଲା। ଏଥିସହ ଯେଉଁ ନିର୍ଦ୍ଦିଷ୍ଟ ନାରୀ ଜାଗୃତି ନାମକ ଏସଏଚଜି ଆଜିକୁ ଦୀର୍ଘ ୯ ବର୍ଷ ହେବ ନିଜ ମନ ମୁତାବକ ନିମ୍ନ ମାନର ଖାଦ୍ୟ ଦେଇ ଆହାର କେନ୍ଦ୍ର ଚଳାଉଛି ଉକ୍ତ ଏସଏଚଜି ଗ୍ରୁପ କୁ କିପରି ପୁନଃ ଆହାର କେନ୍ଦ୍ର ଟେଣ୍ଡର ଦିଆନଯାଏ ସେନେଇ ସମସ୍ତ କାଉନସିଲର ଆଜିର ଏହି ବୈଠକରେ ବିରୋଧ କରିଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ରୋଷେଇରେ ଦିଆଯାଇଥିବା ଅନୁଭୂତି ଥିବା ଏସଏଚଜି ପାଇବା ଯୋଗ୍ୟ ନିୟମକୁ ବଦଳାଇବାକୁ ସମସ୍ତ କାଉନ୍ସିଲର କହିଥିଲେ। ଆଜିର ଏହି ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା, ଉପାଧ୍ୟକ୍ଷା ରଶ୍ମିତା ବାଙ୍କାଙ୍କ ସମେତ ସମସ୍ତ କାଉନ୍ସିଲର ଏବଂ ଏନଏସି କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ଦୁଇ ଗିରଫ



ରାୟଗଡ଼ା,୨୦।୮ (ସମିସ): ରାୟଗଡ଼ା ରେଳବାଇ ଷ୍ଟେସନ ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ କରିବାକୁ ଉଦ୍ୟମ କରୁଥିବା ୨ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ରାୟଗଡ଼ା ଅବକାରୀ ଥାନା। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ୨୨ବର୍ଷିୟ ଯୁବକ ନିବେଦିତା ସେଠୀ ଏବଂ ଯୁବତୀ ସୁଭସ୍ମିତା ଦେହୁରୀ (୨୦)। ସେମାନଙ୍କ ଠାରୁ ୨୩.୧୪୦କେଜି ଗଂଜେଇ ଜବତ କରାଯାଇଥିବା ବେଳେ ବଜାରରେ ଏହାର ଆନୁମାନିକ ମୂଲ୍ୟ ୨,୩୧,୪୦୦ଟଙ୍କା ହେବ ବୋଲି ପୋଲିସ ଅନୁମାନ କରିଛି। ଗଞ୍ଜେଇ ଚୋରା ଚାଲାଣକୁ ନେଇ ଆଜି ବିଶେଷ ସୂତ୍ରରୁ ଖବର ପାଇ ରାୟଗଡ଼ା ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ରେଞ୍ଜ ଅବକାରୀ ଥାନା ନିରୀକ୍ଷକ ସତ୍ୟନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ରାୟଗଡ଼ା ଅବକାରୀ ଥାନା ଅଧିନସ୍ଥ ରାୟଗଡ଼ା ରେଳବାଇ ଷ୍ଟେସନ ଅଞ୍ଚଳରେ ଆଜି ଚଢ଼ଉ କରାଯାଇଥିଲା। ରାୟଗଡ଼ାରୁ ଟ୍ରେନ ଯୋଗେ ବାଙ୍ଗାଲୋରକୁ ଉଭୟ ଅଭିଯୁକ୍ତ ୨୩.୧୪୦କେଜି ଗଞ୍ଜେଇ ଚୋରା ଚାଲାଣ କରିବା ପାଇଁ ରେଳ ଷ୍ଟେସନକୁ ଯାଉଥିବା ସମୟରେ ଅବକାରୀ ପୋଲିସ ପହଞ୍ଚି ସେମାନଙ୍କ ଠାରେ ଥିବା ବ୍ୟାଗକୁ ସନ୍ଦେହ କରି ଯାଞ୍ଚ କରି ସେଥିରୁ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଆଜିର ଏହି ଚଢ଼ଉ ସମୟରେ ରାୟଗଡ଼ା ସଦର ଅବକାରୀ ଥାନା ଓଆଇସି ସଂଜୟ କୁମାର ପ୍ରଧାନ, ଏଏସଆଇ ରାଶି ନାୟକ, କନଷ୍ଟେବଳ ମେଲକା କୁମାରୀ, କିଶୋର ବିଡିକା, ଅମର କୁମାର ଦଳେଇ, ସନ୍ଦୀପ କୁମାର ପାତ୍ର ପ୍ରମୁଖ ସାମିଲ ଥିଲେ।

## ଆସ ସ୍କୁଲ ଯିବା କମିଟି ଗଠନ

ମାଲକାନଗିରି, ୨୦।୮ (ସମିସ) : ମାଲକାନଗିରି ଜିଲ୍ଲା ଶିନ୍ଧ୍ରୀମାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟରେ ଆସ ସ୍କୁଲ ଯିବା କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଏହି ନୂଆ ଯୋଜନାର ଶୁଭାରମ୍ଭ କରାଯାଇଥିବା ବେଳେ ଏହି ଯୋଜନାର ପରିଚାଳନା ପାଇଁ ଆଜି ଏହି କମିଟି ଗଠନ କରଯାଇଥିଲା। ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଆଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି କିପରି ବିଦ୍ୟାଳୟ ମୁହାଁ କରିବା। ଆଜି ଏହି କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ସିଆରସିସି ଚିନ୍ମୟୀ ପଣ୍ଡା ଅଧକ୍ଷତା କରିଥିବା ବେଳେ ସରପଞ୍ଚ ଘଷି ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାନ୍ତି, ଶିକ୍ଷୟତ୍ରୀ ରଶ୍ମିତା ରାଉତ ପ୍ରମୁଖ ଉପସ୍ଥିତ ରହି ନୂତନ କମିଟି ଗଠନ କରିଥିଲେ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର



କାଲିମେଲା,୨୦।୮ (ସମିସ): ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ହନ୍ତସନ୍ତ ହୋଇ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ କାଲିମେଲା ବ୍ଲକରେ ଏହାର ପ୍ରଭାବ ଅଧିକ ଦେଖାଯାଇଛି। କାଲିମେଲା ଏବଂ ପଡ଼ିଆ ବ୍ଲକର ବିଭିନ୍ନ ସ୍ଥାନରେ ପୋଲ ବୁଡ଼ି ଯାତାୟାତ ବାଧାପ୍ରାପ୍ତ ହେଉଥିବା ଦେଖାଯାଇଛି। ସେହିପରି ଲଗାଣ ବର୍ଷା ଯୋଗୁଁ କାଲିମେଲା ବ୍ଲକ ଭେଙ୍କଟାପଲମ୍ ପଞ୍ଚାୟତ ଅନ୍ତର୍ଗତ ଏମ ଭି -୭୪ ଗ୍ରାମର ନଟବର ବିଶ୍ୱାସଙ୍କ ଘର ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସିଛି। ରାତିରେ ଶୋଇଥିବା ବେଳେ ମାଟ ଘର କାନ୍ଥ ଭୁଶୁଡ଼ି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ଲୋକେ। ଏହା ସହ ଘରେ ଥିବା ଆସବାପତ୍ର କ୍ଷୟକ୍ଷତି ଘଟିଥିବା ଦେଖିବାକୁ ମିଳିଛି। ତେବେ ଅଭାବ ଅନାଟନରେ ନିଜ ପରିବାରର ପେଟପୋଷଣ ସହ ଭୁଶୁଡ଼ି ଥିବା ଘର ମରାମତି ନଟବରଙ୍କ ଦ୍ୱାରା ସମ୍ଭବ ହୋଇପାରୁନାହିଁ। ସେପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ମିଳିପାରି ନାହିଁ ବୋଲି ସେ କହିଛନ୍ତି। କାଲିମେଲା ତହସିଲଦାର ଏହି ଘର ଭୁଶୁଡ଼ି ଥିବା ଖବର ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଉକ୍ତ ଗ୍ରାମରେ ପହଞ୍ଚି ନଟବର ବିଶ୍ୱାସଙ୍କୁ ପଲିଥିନ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ନଟବର ବିଶ୍ୱାସଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ରମଦାନ କରି ରାସ୍ତା ମରାମତି କଲେ ପିତାମହଲ ଗ୍ରାମବାସୀ



ଗୁଡାରୀ,୨୦।୮ ପ୍ରତ୍ୟେକ ସହର ଗ୍ରାମ ଭିତ୍ତିଭୂମିକୁ ସଜାଡିବାକୁ ହେଲେ ପ୍ରଥମେ ସଡ଼କ ପଥ ନିର୍ମାଣ ନିତ୍ୟାନ୍ତ ଆବଶ୍ୟକ। ପ୍ରତି ଗ୍ରାମକୁ ରାସ୍ତା ନିର୍ମାଣ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି.। କିନ୍ତୁ ଗ୍ରାମାଞ୍ଚଳ ଗୁଡ଼ିକରେ ସଠିକ ଭାବରେ କାର୍ଯ୍ୟକାରି ନ ହେବା ଫଳରେ ଆଜି ହନ୍ତସନ୍ତ ହେଉଛନ୍ତି ସେଠାକାର ଅଞ୍ଚଳବାସୀ। ଏମିତି ଏକ ଗ୍ରାମ ମଧୁବନ ପଞ୍ଚାୟତର ପିତାମହଲ ଗ୍ରାମ। ପ୍ରାୟ ୩ କିମି ରାସ୍ତାର ଅବସ୍ଥା ଶୋଚନୀୟ। ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହେବା ଫଳରେ ଗ୍ରାମର ଯୁବଗୋଷ୍ଠୀ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ଗୁଡାରି ବ୍ଲକ ମଧୁବନ ଗ୍ରାମପଞ୍ଚାୟତ ପିତାମହଲ ଗ୍ରାମକୁ ରାସ୍ତା ଶୋଚନୀୟ ଅବସ୍ଥା ହୋଇଥିବାରୁ ଲୋକେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବୋଲିଗୁଡା ମୁଖ୍ୟ ରାସ୍ତା ଠାରୁ ପିତାମହଲ ଗ୍ରାମକୁ ମାତ୍ର ୩ କିଲୋମିଟର ରାସ୍ତା । ୨୦୨୨-୨୩ ରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୭ ଲକ୍ଷ ଟଙ୍କାରେ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ବାସ୍ତବରେ ଗାଁକୁ ପକ୍କା ରାସ୍ତା ନିର୍ମାଣ ହେଉ ନ ଥିବା ଏବଂ ବର୍ଷା ଦିନ ହଇରାଣ ହୋଇ ସ୍କୁଲ କଲେଜ, ଗର୍ଭବତୀ ମହିଳା, ରୋଗୀ ନାନା ଅସୁବିଧାରେ ସମ୍ମୁଖୀନ ହେଉଛୁ ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ଜରରୀକାଳୀନ ପରିସ୍ଥିତିରେ ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନି। ତେଣୁ ବାଧ ହୋଇ ଗ୍ରାମର କେତେକ ଯୁବକ ଖାଲଖମାରେ ପଥର ଗୋଡ଼ିବାଲି ପକାଇ ସମତୁଲ କରିଥିଲେ। ଏ ନେଇ ସରପଞ୍ଚ, ବିଧାୟକ, ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଫଳପ୍ରଦ ହୋଇ ନ ଥିବା କହିଛନ୍ତି। ଏହି ବିଷୟ ନେଇ ସରପଞ୍ଚ ବଂଶୀ ଶବରଙ୍କ ସହ ଯୋଗାଯୋଗ କରିଥିବାରୁ ସେ କହିଲେ ସର୍ଭେ କାମ ସରିଛି । ଟେଣ୍ଡର ପ୍ରକ୍ରିୟା ପରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଫୋନ ମାଧ୍ୟମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମୁନା ନାୟକ ସହ ଯୋଗାଯୋଗ କରିଥିଲୁ । କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା। ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ରଶିବଶଙ୍କର ପାତିକା, ଶଙ୍କର କଣ୍ଡାଗୋରି, ମୀନାନନ୍ଦ ବିଡିକା, ଜିତୁ ବିଡିକା, ସମୁନାଥ ହିମିରିକା, ଚିନା ଆରକା, ମାଧବ ପତିକା, ରାଜେଶ ପାତିକା ଓ ପଦ୍ମନ ବିଡିକା ଅଭିଯୋଗ କରିଛନ୍ତି।




ସକାଳ
www.sakalaepaper.com



# ୬ ହଜାର ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କଲା ଆମେରିକା

## ଅପରାଧ ଓ ଆତଙ୍କବାଦରେ ସାମିଲ ଥିଲେ ୪୦୦୦

ୱାସିଂଟନ, ୨୦।୮ (ଏଜେନ୍ସି): ଆମେରିକା ୬, ୦୦୦ ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କରିଦେଇଛି। ଏମାନେ କିଛି ନା କିଛି ଅପରାଧ କରିଛନ୍ତି କିମ୍ବା ଆଇନ୍‌ର ଉଲ୍ଲଂଘନ କରିଛନ୍ତି। ଆଉ କେତେଜଣଙ୍କ ଭିସା ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନେ ଆମେରିକାର ରହୁଥିଲେ। ଅନ୍ୟ କିଛି ଛାତ୍ରଛାତ୍ରୀ ଗମ୍ଭୀର ଅପରାଧରେ ସାମିଲ ରହିଥିଲେ। ରଦ୍ଦ ହୋଇଥିବା ୬୦୦୦ ଭିସାରୁ ୪୦୦୦ ଭିସା ଧାରକ ଅପରାଧରେ ସାମିଲ ଥିଲେ। ଏମାନେ ମାରପିଟ୍, ଚୋରି ଓ ନିଶା ସେବନ କରି ଗାଡି ଚାଳାଉଥିବା ଅଭିଯୋଗ ଲାଗିଛି। କେତେକ ଛାତ୍ରଛାତ୍ରୀ ଆତଙ୍କବାଦରେ ମଧ୍ୟ ସାମିଲ ରହିଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରଣାଳୟ ସୂଚନା ଦେଇଛି। ୨୦୨୩-୨୪ରେ ଆମେରିକାର ବିଭିନ୍ନ କଲେଜରେ ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କେତେକ ଛାତ୍ରଛାତ୍ରୀ ଶିକ୍ଷାଭିତ୍ତିକ ଭିସାର ବେଆଇନ୍ ବ୍ୟବହାର କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଖାସ୍ ଏଥିପାଇଁ ଭିସା ନିୟମକୁ ଯାଞ୍ଚ୍ ଓ କଡ଼ା କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଆମେରିକାର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯ ପ୍ରତିଶତ ଭାରତୀୟ। ଆମେରିକାରେ ମୋଟ୍ ୧୧.୨୬ ଲକ୍ଷ ବିଦେଶୀ ଛାତ୍ରଛାତ୍ରୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୩.୩୧ ଲକ୍ଷ ଛାତ୍ରଛାତ୍ରୀ ଭରାତୀୟ ଅଛନ୍ତି। ୨୦୦ରୁ ୩୦୦ ଭିସା ଧାରକ ଛାତ୍ରଛାତ୍ରୀ ଆତଙ୍କବାଦ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ରହିଛନ୍ତି। ଏହି ଭସାଗୁଡିକୁ ପ୍ରବାସନ ଓ ଜାତୀୟତା ଆକ୍ଟର ଧାରା ଅନୁସାରେ ରଦ୍ଦ କରାଯାଇଛି। ତେବେ ଏହି ମାମଲାରେ ସବିଶେଷ ତଥ୍ୟ ସାର୍ବଜନୀନ କରାଯାଇ ନାହିଁ। ଏହି ଛାତ୍ରଛାତ୍ରୀମାନେ ଆମେରିକା ଆଇନକୁ ଉଲ୍ଲଂଘନ କରିବା ସହ କଲେଜ କ୍ୟାମ୍ପସ ଓ ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିଲେ। ଏହି କାରଣରୁ ଆମେରିକା ବିଦେଶୀ ଛାତ୍ରଛାତ୍ରୀଙ୍କ ଭିସା ପ୍ରକ୍ରିୟାକୁ ଦିନକୁ ଦିନ କଡ଼ା କରିବାରେ ଲାଗିଛି। ଆମେରିକାର ସେପ୍ଟେମ୍ବର ୨ରୁ ଇଣ୍ଟରଭ୍ୟୁ ୱେଭର ପ୍ରୋଗ୍ରାମ୍ (ଆଇଡବ୍ଲ୍ୟୁପି) କୁ ବନ୍ଦ କରିବାକୁ ଘୋଷଣା କରିଛି। ଏବେ ଏଚ୍-୧ବି, ଏଲ୍୧ ଓ ଏଫ୍୧ ଭଳି ଅଣ ପ୍ରବାସୀ ଭିସା ପାଇଁ ଆମେରିକା ଦୂତାବାସକୁ ଯାଇ ସାକ୍ଷାତକାର ଦେବାକୁ ହେବ।

# ଗାଜା ସିଟି ଅକ୍ତିଆର କରିବ ଇସ୍ରାଏଲ



ତେଲ ଅଭିଭ୍, ୨୦।୮ (ଏଜେନ୍ସି): ଗାଜା ସିଟିକୁ ଅକ୍ତିଆର ଯୋଜନାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଜ ମଞ୍ଜୁରି ଦେଇଛନ୍ତି। ସେ ୬୦ ହଜାର ଅତିରିକ୍ତ ସୈନିକ ତଥା ରିଜର୍ଭ ଫୋର୍ସ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ହମାସ ଉପରେ ଚାପ ପ୍ରୟୋଗ କରିବାକୁ ଇସ୍ରାଏଲ ଏହି ନିଷ୍ପତ୍ତି ନେଇଛି। ଗାଜା ସିଟିକୁ ଅକ୍ତିଆର କରିବା ପାଇଁ ଇସ୍ରାଏଲ ମୋଟ ଉପରେ ଏକ ଲକ୍ଷ ୩୦ ହଜାର ସୈନିକଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଡ୍ୟୁଟିରେ ଯୋଗ ଦେବାପାଇଁ ଅତିକମ୍‌ରେ ଦୁଇ ସପ୍ତାହ ପୂର୍ବରୁ ସୈନିକମାନଙ୍କୁ ନୋଟିସ ଦିଆଯିବ ବୋଲି କୁହାଯାଇଛି। ସେପ୍ଟେମ୍ବର ୨ରେ ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଯିବ। ଏହାପରେ ନଭେମ୍ବର- ଡିସେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟରେ ଓ ଫେବୃଆରୀ-ମାର୍ଚ୍ଚରେ ତୃତୀୟ ପର୍ଯ୍ୟାୟରେ ସୈନିକମାନଙ୍କୁ ଡକାଯିବ ବୋଲି କୁହାଯାଇଛି। ଗାଜା ସିଟି ଅକ୍ତିଆର ପ୍ରକ୍ରିୟାକୁ 'ଜିଡେଓନ୍ସ ଚାରଅଟ୍ସ' ନାମ ଦିଆଯାଇଛି। ଏହି ଅବସରରେ ପ୍ରଥମରୁ ସେଠାରେ ନିୟୋଜିତ ଥିବା ହଜାର ହଜାର ସୈନିକଙ୍କ ଡ୍ୟୁଟିକୁ ୩୦-୪୦ ଦିନ ଆହୁରି ବଢ଼ାଇ ଦିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମୋଟ ଉପରେ ସେନାର ୫ଟି ଡିଭିଜନ ସାମିଲ ହେବ। ଉଲ୍ଲେଖଥାଉ କି, ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଏଥିରେ ୧୨ ବ୍ରିଗେଡ଼ ସ୍ତରର ଦଳ ସାମିଲ ରହିବ। ଏଥିରେ ପଦାତିକ ସୈନିକ, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଓ ସପୋର୍ଟ ୟୁନିଟ୍ ସାମିଲ ରହିବ। ଏହାକୁ ବାଦ୍ ଦେଲେ ଗାଜା ଡିଭିଜନର ଉତ୍ତର ଓ ଦକ୍ଷିଣ ବ୍ରିଗେଡ଼ ମଧ୍ୟ ଅଂଶଗ୍ରହଣ କରିବେ। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି।

■ ଏନ୍‌ଏଚଏଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଖରାପ ରାସ୍ତାରୁ ଟୋଲ୍ ଆଦାୟ ହେବନି

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନଏଚଆଇ)କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିଛନ୍ତି। ରାସ୍ତା ଖରାପ ଥିଲେ ଏବଂ ତା' ଉପରେ ଖାଲଖମା ପରିପୂର୍ଣ୍ଣ ଥିଲେ ନାଗରିକଙ୍କୁ ଟୋଲ୍ ଟ୍ୟାକ୍ସ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ଏହା ଲୋକଙ୍କ ପର୍ସ ଏବଂ ଧୈର୍ଯ୍ୟ ଉପରେ ବୋଝ ପାଲଟି ଯାଉଛି। ପୂର୍ବରୁ ଲୋକେ ଗାଡ଼ି ଟ୍ୟାକ୍ସ ମଧ୍ୟ ଦେଇଛନ୍ତି। ଏଭଳି ରାସ୍ତା ପାଇଁ ଲୋକଙ୍କୁ ଦଣ୍ଡ ଭୋଗିବାକୁ ପଡୁଛି। ଏହା ପରିବେଶ ପାଇଁ ମଧ୍ୟ ବିପଜ୍ଜନକ। କାରଣ ଅଧିକ ଇନ୍ଧନ ଅପଚୟ ହେଉଛି ବୋଲି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଏଥିସହିତ କେରଳ ଥ୍ରିସୁର ଜିଲ୍ଲାର ଏନ୍‌ଏଚ୍-୫୪୪ରେ ଟୋଲ ଆଦାୟ ନ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଏନ୍‌ଏଚ୍‌ଆଇ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ ଗତ ସୋମବାର ଏହି ରାୟ ଦେଇଥିବାବେଳେ ବୁଧବାର ଏହା ସାମ୍ନାକୁ ଆସିଛି।

## ଥମୁନି ମୁମ୍ବାଇ ବର୍ଷା; ବଢୁଛି ଯନ୍ତ୍ରଣା

ମୁମ୍ବାଇ, ୨୦।୮ (ଏଜେନ୍ସି): ମୁମ୍ବାଇରେ କ୍ରମାଗତ ତିନି ଦିନ ଧରି ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ୩୦୦ ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ସ୍କୁଲ, କଲେଜ, ସରକାର ଓ ଅର୍ଦ୍ଧ ସରକାରୀ ଅଫିସଗୁଡିକ ବନ୍ଦ ରହିଛି। ୩୪ଟି ଲୋକାଲ ଟ୍ରେନ୍ ବାତିଲ ହୋଇଛି। ୨୫୦ରୁ ଅଧିକ ବିମାନ ଉଡାଣ ପ୍ରଭାବିତ ହୋଇଛି। ସ୍ଥାନୀୟ ମୋନୋରେଲ ନିକଟସ୍ଥ ସ୍ଥାନରେ ୮୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଫରୁଖାବାଦରେ ଗଙ୍ଗାନଦୀ ବିପଦ ସଂକେତ ଉପରେ ବହୁଛି ଓ ଏହାର ପ୍ରଭାବରେ ୧୦୦ରୁ ଊର୍ଦ୍ଧ୍ୱ ଗାଁ ବନ୍ୟା ଘେରରେ ରହିଛି।

## ରାଜନୈତିକ ଦଳ ବନ୍ଦ କରିବେ ମସ୍କ

ୱାସିଂଟନ, ୨୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କ ନିଜ ଦଳ 'ଆମେରିକା ପାର୍ଟି' ବନ୍ଦ କରିବାକୁ ଯାଉଛନ୍ତି। ସେ ନିଜ ସହଯୋଗୀଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ମସ୍କ ୪୫ ଦିନ ତଳେ ଏହି ଦଳ ଗଠନ କରିଥିଲେ। ସୂଚନା ଅନୁଯାୟୀ ମସ୍କ ରାଜନୀତି ବଦଳରେ ନିଜ କମ୍ପାନୀକୁ ଅଧିକ ଧ୍ୟାନ ଦେବାକୁ ଚାହୁଁଛନ୍ତି। ଏହା ବ୍ୟତୀତ ସେ ଆମେରିକା ଉପ-ରାଷ୍ଟ୍ରପତି ପ୍ରାର୍ଥୀ ଜେଡି ଭାନ୍ସଙ୍କ ସହ ନିଜ ସମ୍ପର୍କକୁ ଖରାପ କରିବାକୁ ଚାହୁଁ ନାହାନ୍ତି। ଯଦି ଉପ-ରାଷ୍ଟ୍ରପତି ଭେନ୍ସ ୨୦୨୮ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢିବେ ତେବେ ମସ୍କ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ମଧ୍ୟ ଚାହୁଁଛନ୍ତି।

## ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟାକଲା ୮ମ ଶ୍ରେଣୀ ଛାତ୍ର

ଅହମଦାବାଦ୍, ୨୦।୮ (ଏଜେନ୍ସି): ସ୍ଥାନୀୟ ସେଭେନ୍‌ଥ ଡେ ସ୍କୁଲ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୮ମ ଶ୍ରେଣୀ ଛାତ୍ର ୧୦ମ ଶ୍ରେଣୀର ଜଣେ ଛାତ୍ରଙ୍କୁ ଛୁରି ମାରି ନିର୍ମମ ଭାବେ ହତ୍ୟା କରିଛି। ମଙ୍ଗଳବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ଆହତ ଛାତ୍ରଜଣକ ସନ୍ଧ୍ୟାରେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଉତ୍ୟକ୍ତ ହୋଇ ୨ ହଜାର ଲୋକ ବୁଧବାର ସ୍କୁଲ ଘେରଉ କରିବା ସହ ଭଙ୍ଗାରୁଜା କରିଥିଲେ ଓ ସ୍କୁଲ ଅଧ୍ୟକ୍ଷଙ୍କ ସହ ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମାଡ ମାରିଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚିଥିଲେ ମଧ୍ୟ ଲୋକଙ୍କ ରାଗ ଥମି ନଥିଲା। ଅଭିଯୁକ୍ତ ଓ ମୃତ ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ପୁରୁଣା ଶତ୍ରୁତା ପାଇଁ ଅଭିଯୁକ୍ତ ଲୁଚାଇ ଛୁରି ଆଣିଥିଲା।

## ମାଲେସିଆରେ ନମାଜ ନ କଲେ ଜେଲ୍

କୁଆଲାଲମ୍ପୁର, ୨୦।୮ (ଏଜେନ୍ସି): ମାଲେସିଆର ତେରେଙ୍ଗାନୁ ରାଜ୍ୟରେ ଏବେ ଏକ ନୂଆ ଆଇନ୍ ଲାଗୁ ହେବାକୁ ଯାଉଛି। ଶୁକ୍ରବାର ପ୍ରାର୍ଥନାରେ ଯୋଗ ନ ଦେଲେ ଏହି ରାଜ୍ୟରେ ମୁସଲମାନ ପୁରୁଷଙ୍କୁ ଜରିମାନ ସହ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ। ସେଭଳି କୌଣସି ଠୋସ୍ କାରଣ ବିନା ପ୍ରାର୍ଥନାରେ ଯୋଗ ନଦେଲେ ଜରିମାନା ବାବଦରେ ୩,୦୦୦ ମୋଲସିଆନ୍ ରିଙ୍ଗିତ୍ ଅର୍ଥାତ ୪୨,୦୦୦ ଟଙ୍କା ଜରିମାନା ଆକାରରେ ଦେବାକୁ ହେବ ବୋଲି କୁହାଯାଇଛି। ଶାସକ ପାନ- ମାଲେସିଆନ ଇସ୍‌ଲାମିକ ପାର୍ଟି (ପିଏଏସ୍) ସୋମବାର ଏ ନେଇ ଘୋଷଣା କରିଛି ଓ ଏହି ନୂଆ ଆଇନ୍ ସିରିଆ ଅପରାଧିକ ଅପରାଧ (ତକଜୀର) ଅଧିନିୟମ ଅନୁସାରେ ଲାଗୁ ହେବ ବୋଲି କୁହାଯାଇଛି। ଏହି ନୂଆ ନିୟମ ଚଳିତ ସପ୍ତାହରୁ ଲାଗୁ ହେବ।

# ବିବାଦ ବଢ଼ାଉଛନ୍ତି ଆତ୍ମଘୋଷିତ 'ଶାନ୍ତି ଦୂତ' ଟ୍ରମ୍ପ

## ଭେନେଜୁଏଲା ନିକଟରେ ୩ ଯୁଦ୍ଧ ଜାହାଜ ମୁତୟନ

## ଜବାବରେ ୪୫ ଲକ୍ଷ ଯବାନ ମୁତୟନ କଲା ଭେନେଜୁଏଲା

ୱାସିଂଟନ, ୨୦।୮ (ଏଜେନ୍ସି): ବିଶ୍ୱରେ ନିଜକୁ ଶାନ୍ତିଦୂତ ଭାବେ ଉପସ୍ଥାପନ କରି ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି। ନିଜକୁ ସବୁଠୁ ବଡ଼ ମଧ୍ୟସ୍ଥି କହୁଥିବା ଟ୍ରମ୍ପ ଭେନେଜୁଏଲା ସହ ଉତ୍ତେଜନା ବଢ଼ାଇଛନ୍ତି। ସେ ଏହି ଦେଶର ଉପକୂଳ ନିକଟରେ ତିନି ଯୁଦ୍ଧ ଜାହାଜ ମୁତୟନ କରିଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ପ୍ରଶାସନ ଏହି ପଦକ୍ଷେପକୁ ନିଶା ମାଫିଆଙ୍କ ସହ ମୁକାବିଲା ଭାବେ ଦର୍ଶାଉଛି। ଏ ସମ୍ବନ୍ଧିତ ହିଂସାକୁ ରୋକିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। ଭେନେଜୁଏଲା ସରକାର ନିଶା ଚୋରାଚାଲାଣକୁ ପ୍ରୋତ୍ସାହନ ଦେଉଥିବା ଆମେରିକା ସରକାର ଅଭିଯୋଗ କରିଛନ୍ତି। ତେବେ ଭେନେଜୁଏଲା ପକ୍ଷରୁ ଏଭଳି ଅଭିଯୋଗ ଖାରଜ କରିଦିଆଯାଇଛି। ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକା ଏହି ପଦକ୍ଷେପକୁ ବିରୋଧ କରି ୪୫ ଲକ୍ଷ ସୈନିକ ମୁତୟନ ପାଇଁ ଘୋଷଣା କରିଛନ୍ତି।



ମାଦୁରୋ କହିଛନ୍ତି ଯେ ଆମେରିକା ପାଗଳ ହୋଇଯାଇଛି। ଦେଶର ଶାନ୍ତି ଭାଙ୍ଗିବାକୁ ଏହି ଦେଶ ପ୍ରୟାସ କରୁଛି। ଏଥିପାଇଁ ବାରମ୍ବାର ଧମକ ଦେଇ ଚାଲିଛି। କିନ୍ତୁ ଭେନେଜୁଏଲା ଯେକୌଣସି ସ୍ଥିତିରେ ବି ନିଜର ସୁରକ୍ଷା କରିବ। ସେହିପରି ଭେନଜୁଏଲା ବିଦେଶମନ୍ତ୍ରୀ ଯଭାନ ଗିଲ ମଙ୍ଗଳବାର କହିଥିଲେ ଯେ ଆମେରିକା ପାଖରେ ବିଶ୍ୱସନୀୟତାର ଅଭାବ ରହିଛି। ସେଥିପାଇଁ ଏହି ଦେଶ ନିଶା ଚୋରା ଚାଲାଣର ଅଭିଯୋଗ ଲଗାଇଛି। ଭେନେଜୁଏଲା ଶାନ୍ତି ଏବଂ ସାର୍ବଭୌମ ସହ ଆଗକୁ ବଢୁଛି। ଆମେରିକା ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଦେଶକୁ ନୁଆଁଇ ପାରିବ ନାହିଁ। ବାରମ୍ବାର ଧମକ ଦେଇ ଆମେରିକା ଏହା ସାବ୍ୟସ୍ତ କରିଛି।

ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ଜଣେ ଅଧିକାରୀ କହିଛନ୍ତି ଯେ ୟୁଏସଏସ ଗ୍ରେଭଲି, ୟୁଏସଏସ ଜେସନ ଡନ୍‌ହମ୍ ଏବଂ ୟୁଏସଏସ ସାମ୍ପସନ୍‌ର ତିନି ଏଜିସ ଗାଇଡେଡ-ମିସାଇଲ ଡ୍ରେଷ୍ଟୟର ଯୁଦ୍ଧ ଜାହାଜ ଭେନେଜୁଏଲା ନିକଟରେ ପହଞ୍ଚି ଯାଇଛି। ଏହି ତିନି ଯୁଦ୍ଧ ଜାହାଜ ସ୍ଥଳ, ଜଳ ଏବଂ ଆକାଶ ସୀମାକୁ ସୁରକ୍ଷା ଦେବାରେ ସକ୍ଷମ। ଏହା ସହିତ ୪୦୦୦ ଯବାନ, ପି-୮ଏ ପୋସାଇଡନ ବିମାନ ଏବଂ ଗୋଟିଏ ବିଧ୍ୱଂସକ ବୁଡ଼ାଜାହାଜ ମଧ୍ୟ ସାମିଲ ରହିଛି। ଏହା ଆଗାମୀ କିଛି ମାସ ପର୍ଯ୍ୟନ୍ତ କ୍ଷେତ୍ରରେ ନିଶା ଚୋରାଚାଲାଣ ବିରୋଧୀ ଅଭିଯାନରେ ସାମିଲ ରହିବ। ଟ୍ରମ୍ପ ପ୍ରଶାସନ ଅନୁଯାୟୀ ସବୁଠାରୁ ବଡ଼ ନିଶା ଚୋରାଚାଲାଣକାରୀଙ୍କ ମଧ୍ୟରେ ମାଦୁରୋ ଅନ୍ୟତମ। ସେ ନିଶା ଚୋରାଚାଲାଣକାରୀଙ୍କ ସହ ମିଶି ଆମେରିକାକୁ କୋକେନ ଚାଲାଣ କରୁଛନ୍ତି। ଗତ ୮ ତାରିଖରେ ଆମେରିକା ତାଙ୍କ ବିରୋଧରେ ଲଗାଯାଇଥିବା ପୁରସ୍କାର ରାଶିକୁ ଦୁଇ ଗୁଣା କରି ୪୩୫ କୋଟି ଟଙ୍କା କରିଦେଇଥିଲା। ଏହା ପୂର୍ବରୁ ମାଦୁରୋଙ୍କ ଉପରେ ୨୧୭ କୋଟି ଟଙ୍କା ପୁରସ୍କାର ରଖାଯାଇଥିଲା। ତାଙ୍କର ୬ ହଜାର କୋଟିରୁ ଅଧିକ ସମ୍ପତ୍ତି ମଧ୍ୟ ଆମେରିକା ଜବତ କରିଛି। ୨୦୨୦ରେ ନ୍ୟୁୟର୍କର ଏକ ଅଦାଲତ ମାଦୁରୋଙ୍କୁ ନାର୍କୋ-ଆତଙ୍କବାଦ ଏବଂ କୋକେନ ଚାଲାଣ ଅଭିଯୋଗରେ ମାମଲା ରୁଜୁ କରିଥିଲେ। ଆମେରିକା ଜୋରିମାନା ରାଶିକୁ ନେଇ ଗତ ୧୨ ତାରିଖରେ ମାଦୁରୋ ଆମେରିକାକୁ ଖୋଲା ଆହ୍ୱାନ ଦେଇଥିଲେ। ଯଦି ସାହସ ଅଛି ଗିରଫ କରି ଦେଖାଅ ବୋଲି କହିଥିଲେ।

## ରୁଷ୍-ୟୁକ୍ରେନ ଚୁକ୍ତି ଦ୍ୱାରା ସ୍ୱର୍ଗ ଯିବା ସମ୍ଭାବନା ବଢ଼ିବ: ଟ୍ରମ୍ପ

ୱାସିଂଟନ, ୨୦।୮ (ଏଜେନ୍ସି): ନୋବେଲ ଶାନ୍ତି ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୃତ୍ୟୁପରେ ସ୍ୱର୍ଗ ଯିବାକୁ ଚାହୁଁଛନ୍ତି। ରୁଷ୍-ୟୁକ୍ରେନ ଶାନ୍ତି ଚୁକ୍ତି ଦ୍ୱାରା ତାଙ୍କର ସ୍ୱର୍ଗ ଯିବା ସମ୍ଭାବନା ବୃଦ୍ଧି ପାଇବ। କିନ୍ତୁ ଏବେ ତାଙ୍କର ସ୍ୱର୍ଗ ଯିବାର ସମ୍ଭାବନା ବହୁତ କମ୍ ବୋଲି ଏକ ସାକ୍ଷାତକାର ଅବସରରେ ଟ୍ରମ୍ପ ମଜାଳିଆ ଢଙ୍ଗରେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ ସେ ସ୍ୱର୍ଗ ଯିବା ପାଇଁ ପ୍ରୟାସ କରିବାକୁ ଚାହୁଁଛି। ଲାଗୁଛି ମୋ ସ୍ଥିତି ଭଲ ନାହିଁ। କିନ୍ତୁ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରାଇବା ଦ୍ୱାରା ସ୍ୱର୍ଗ ଯିବାର ମାର୍ଗ ବାହାରିପାରେ। ୟୁକ୍ରେନର ସୁରକ୍ଷାକୁ ନେଇ ମଧ୍ୟ ସେ ଟିପ୍ପଣୀ ଦେଇଛନ୍ତି। ୟୁକ୍ରେନ ବାୟୁସୀମାକୁ ସୁରକ୍ଷା ପ୍ରଦାନ କରିପାରନ୍ତି। ମାତ୍ର ଆମେରିକା ସୈନିକ କେବେ ସେଠାରେ ମୁତୟନ ହେବେ ନାହିଁ। ଆଉ ୟୁକ୍ରେନକୁ ମଧ୍ୟ ନାଟୋରେ ସାମିଲ କରିବା ଅସମ୍ଭବ। ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନ ଭଳି ୟୁରୋପୀୟ ରାଷ୍ଟ୍ର ୟୁକ୍ରେନକୁ ସେନା ପଠାଇବାକୁ ପ୍ରସ୍ତୁତ ଅଛନ୍ତି। ଆମେରିକା ଆକାଶ ମାର୍ଗରେ ସହାୟତା ଦେଇପାରିବ। କାରଣ ଏହି ଜ୍ଞାନକୌଶଳରେ ଦେଶ ସବୁଠୁ ଆଗରେ ରହିଛି। ୟୁରୋପୀୟ ନେତାଙ୍କ ସହ ଟ୍ରମ୍ପ କଥା ହୋଇଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ତାଙ୍କ ୟୁକ୍ରେନ ସମକକ୍ଷ ଭୋଲଡାମିର ଜେଲେଁସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରାଇବାକୁ ପ୍ରୟାସ କରୁଛନ୍ତି। ଯଦି ଏହା ସଫଳ ହୁଏ ତେବେ ତ୍ରିପାକ୍ଷିକ ବୈଠକରେ ଟ୍ରମ୍ପ ସାମିଲ ହେବେ ବୋଲି କହିଛନ୍ତି। ଯଦି ପୁଟିନ ଏହି ବୈଠକରୁ ଓହରି ଯାଆନ୍ତି ତେବେ ସ୍ଥିତି ଅଧିକ ଜଟିଳ ହୋଇଯିବ। ଜେଲେଁସ୍କିଙ୍କୁ ନରମ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ମଧ୍ୟ ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ଡୋନାବାସର ୭୯ ପ୍ରତିଶତ ଅଞ୍ଚଳ ରୁଷ୍ କବ୍‌ଜାରେ ରହିଛି। ଏହି ଅଞ୍ଚଳକୁ ୟୁକ୍ରେନ କେବେ ବି ଫେରେଇ ନେଇପାରିବନି ବୋଲି ମାନିବାକୁ ହେବ। ରୁଷ୍ ଏକ ଶକ୍ତିଶାଳୀ ସାମରିକ ଶକ୍ତି। ଶାନ୍ତି ପାଇଁ ୟୁକ୍ରେନକୁ କିଛି ଅଞ୍ଚଳ ଛାଡ଼ିବାକୁ ପଡ଼ିବ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ବୁଧବାର ସକାଳେ ଆକ୍ରମଣ ହୋଇଛି। ଆକ୍ରମଣକାରୀ ରାଜେଶ ସକରିଆକୁ ଗିରଫ କରାଯାଇଛି। ସେ ଗୁଜରାଟ ରାଜକୋଟର ବାସିନ୍ଦା। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଥିବାବେଳେ ଅଭିଯୁକ୍ତ ତାଙ୍କ ହାତ ଟାଣି ଦେଇଥିଲା ଏବଂ ଟେବୁଲରେ ମୁଣ୍ଡ ମାଡ଼ କରିଦେଇଥିଲା। ଫଳରେ ତାଙ୍କର ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିଲା। ରେଖାଙ୍କୁ ଚାପୁଡ଼ା ମାରିଥିବା ଏବଂ ଚୁଟି ଭିଡ଼ିଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ସନ୍ଧ୍ୟାରେ ଟ୍ୱିଟ କରି ଏହାକୁ ଭୀରୁତାପୂର୍ଣ୍ଣ କାର୍ଯ୍ୟ କହିଛନ୍ତି। ଦିଲ୍ଲୀର ସେବା ଏବଂ ଜନତାଙ୍କ ମଙ୍ଗଳର ସଙ୍କଳ୍ପ ଉପରେ ଏହି ଆକ୍ରମଣ ହୋଇଛି। ଖୁବଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ସେ କହିଛନ୍ତି। ଅଭିଯୁକ୍ତକୁ ପୁଲିସ ଜେରା କରୁଛି। ମାତ୍ର ଏ ପର୍ଯ୍ୟନ୍ତ ଆକ୍ରମଣର ପ୍ରକୃତ କାରଣ ସାମ୍ନାକୁ ଆସିନାହିଁ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏହି ଆକ୍ରମଣ ସୁଚିନ୍ତିତ ଥିଲା। ଆକ୍ରମଣ ପୂର୍ବରୁ ସକରିଆ ମୁଖ୍ୟମନ୍ତ୍ରୀଙ୍କ ପୈତୃକ ବାସଭବନ ରେକି କରୁଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଅନ୍ୟ କିଛି ରିପୋର୍ଟରେ ଜଣେ ସମ୍ପର୍କୀୟଙ୍କୁ ଜେଲ୍‌ରେ ଭର୍ତ୍ତି କରିବା ନେଇ ଅଭିଯୁକ୍ତ ଚିନ୍ତିତ ଥିଲା ବୋଲି କୁହଯାଇଛି। କିନ୍ତୁ



### ଆପ୍‌କୁ ଦାୟୀ କଲା ବିଜେପି

ତାର' ମାଆ କହିଛନ୍ତି ଯେ ପୁଅ କୁକୁରଙ୍କୁ ଭଲ ପାଉଥିଲା। ଦିଲ୍ଲୀ-ଏନ୍‌ସିଆରରୁ କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ନେଇ ସେ ବିଚଳିତ ଥିଲା। ଅନ୍ୟପକ୍ଷରେ ବିଜେପି ବିଧାୟକ ହରିଶ ଖୁରନା ଏହି ଘଟଣା ପାଇଁ ଆମ ଆଦମୀ ପାର୍ଟି (ଆପ୍)କୁ ଦାୟୀ କରିଛନ୍ତି। ଗୁଜରାଟର ଆପ୍ ବିଧାୟକ ଗୋପାଳ ଇଟାଲିଆଙ୍କ ସହ ସେ ଅଭିଯୁକ୍ତର ଫଟୋ ସେୟାର କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲ କଲେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ସେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ। ନାମାଙ୍କନ ଦାଖଲ କରିବା ସହ ଏନ୍‌ଡିଏ ପରୋକ୍ଷରେ ତା'ର ଶକ୍ତି ଓ ଏକତା ପ୍ରଦର୍ଶନ କରିଛି।

ଏହି ଅବସରରେ ମୋଦୀଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ପରିବହନ ମନ୍ତ୍ରୀ ନିତିନ ଗଡ଼କାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୋଦୀ ରାଧାକ୍ରିଷ୍ଣନଙ୍କ ପ୍ରସ୍ତାବକ ହୋଇଥିଲେ। ରାଧାକ୍ରିଷ୍ଣନ ଏବେ ମହାରାଷ୍ଟ୍ରର ରାଜ୍ୟପାଳ ଦାୟିତ୍ୱ ତୁଲାଉଛନ୍ତି। ନାମାଙ୍କନ ଦାଖଲ କରିବା ପୂର୍ବରୁ ରାଧାକ୍ରିଷ୍ଣନ ସଂସଦ ପରିସରରେ ଥିବା ଗାନ୍ଧୀ ମୁର୍ତ୍ତିରେ ଫୁଲ ହାର ପିନ୍ଧାଇଥିଲେ। ଅଗଷ୍ଟ ୧୭ରେ ବିଜେପି ସଂସଦୀୟ ଦଳ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ରାଧାକ୍ରିଷ୍ଣନଙ୍କ ନାମ ସର୍ବସମ୍ମତିକ୍ରମେ ଚୂଡାନ୍ତ କରାଯାଇଥିଲା। ବିଜେପି ଅଧ୍ୟକ୍ଷ ନଡ୍ଡା ସାମ୍ବାଦିକ ସମ୍ମିଳନୀରେ ରାଧାକ୍ରିଷ୍ଣନଙ୍କ ନାମ ଘୋଷଣା କରିଥିଲେ। ରାଧାକ୍ରିଷ୍ଣନ ଏବେ ବିରୋଧୀ ଇଣ୍ଡି ମେଣ୍ଟ ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବି ସୁଦର୍ଶନ ରେଡ୍ଡୀଙ୍କ ସହ ମୁକାବିଲା କରିବେ।

# ୩୨ କୋଟି ଟଙ୍କାର ହୀରା ଚୋରି ପଛରେ ନିଜେ ମାଲିକ

## ବୀମା ଦାବି କରିବାକୁ ରଚିଥିଲେ ଷଡ଼ଯନ୍ତ୍ର

ସୁରତ, ୨୦।୮ (ଏଜେନ୍ସି): ଗୁଜରାଟର ସୁରତରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ୩୨ କୋଟି ଟଙ୍କାର ହୀରା ଚୋରି ମାମଲାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ସେହି କମ୍ପାନୀର ମାଲିକ ଦେବେନ୍ଦ୍ର କୁମାର ଚୌଧୁରୀ। ସେ ବୀମା ଅର୍ଥ ହଡପ କରିବାକୁ ଏହି ଷଡ଼ଯନ୍ତ୍ର ରଚିଥିଲେ। ଏହି ଘଟଣାକୁ ନେଇ ଏବେ ସାରା ସୁରତରେ ଚର୍ଚ୍ଚା ଚାଲିଛି। ଏହି ଷଡ଼ଯନ୍ତ୍ରରେ ଦେବେନ୍ଦ୍ର ନିଜର ଦୁଇ ପୁଅ, ଡ୍ରାଇଭର ଓ ତାଙ୍କ ଦୁଇ ସାଥିଙ୍କୁ ସାମିଲ କରିଥିଲେ। କାପୋଦ୍ରା ପୁଲିସ ଓ ସୁରତ କ୍ରାଇମବ୍ରାଞ୍ଚ୍ ମିଳିତ ଭାବେ ଏହି ଷଡ଼ଯନ୍ତ୍ର ଓ ଠକାମିର ପର୍ଦ୍ଦାଫାସ କରିବାକୁ ସକ୍ଷମ ହୋଇଛନ୍ତି। ଋଣଭାର ବହୁତ ବଢ଼ୁଯିବା କାରଣରୁ ଡିକେ ଆଣ୍ଡ ସନ୍ସ କମ୍ପାନୀ ମାଲିକ ଦେବେନ୍ଦ୍ର ଏହି ଷଡ଼ଯନ୍ତ୍ର ରଚିଥିବା କଥା କହିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ



ଡ୍ରାଇଭର ଓ ତା'ର ଦୁଇ ସାଥିଙ୍କୁ ୧୦ ଲକ୍ଷ ଟଙ୍କା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଆଡଭାନ୍ସ ହିସାବରେ ୫ ଲକ୍ଷ ଟଙ୍କା ଦିଆଯାଇଥିଲା। ଅଗଷ୍ଟ ୧୫ରୁ ୧୭ ତାରିଖ ମଧ୍ୟରେ ଏହି ଚୋରି ହୋଇଥିଲା। ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ରବିବାର ଥିବାରୁ ୩ ଦିନ ବଜାର ଛୁଟିଥିଲା। ଏହାର ଫାଇଦା ଉଠାଇ ଚୋରମାନେ ଚୋରି କରିଥିଲେ ବୋଲି ଦେବେନ୍ଦ୍ର କୋପାଦ୍ରା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ଅବସରରେ ବିଭିନ୍ନ କାରଣର ନେଇ ପୁଲିସର ସନ୍ଦେହ ବଢ଼ିଥିଲା। କିନ୍ତୁ ଦେବେନ୍ଦ୍ର ଅଧିକ ସମୟ ପର୍ଯ୍ୟନ୍ତ ନିଜରେ କରିଥଇବା ଷଡ଼ଯନ୍ତ୍ରକୁ ଛୁପାଇ ପାରି ନ ଥିଲେ। ତାଙ୍କ କମ୍ପାନୀର ବାର୍ଷିକ କାରବାର ୩୦୦ କୋଟି ଟଙ୍କା ଥିଲା। ଦେବେନ୍ଦ୍ରଙ୍କୁ ଗିରଫ କରାଯାଇ ଅଧିକ ଯାଞ୍ଚ୍ ଓ ତଦନ୍ତ କରାଯାଉଛି ବୋଲି ପୁଲିସ କହିଛି।

ସାକ୍ଷାତକାର



# ‘ସଫଳତା ପାଇବାକୁ ସଂଘର୍ଷ ଜାରି ରଖିବା ଉଚିତ’

**ସମ୍ବିତ କୁମାର ରାୟ, ଅଭିନେତା**

**ଆର୍ମି ଚାକିରି କରିବେ, ଦେଶ ସେବା କରିବେ । ଏମିତି ଏକ ଲକ୍ଷ୍ୟ ରଖି ସେ ତାଲିମ ନେଉଥିଲେ । ହେଲେ ତାଙ୍କ ଭାଗ୍ୟରେ ଲେଖାଥିଲା କିଛି ଅଲଗା । ଏକ ଶୋ’ରେ ମଡେଲିଂ କରି ପୁରସ୍କୃତ ହେବା ପରେ ମଡେଲିଂ ପ୍ରତି ଆକର୍ଷଣ ବଢ଼ିବାରେ ଲାଗିଲା । ତେବେ ମଡେଲିଂରେ ଅଧିକ ସଫଳତା ନ ମିଳିବାରୁ ସେ ଅଭିନୟକୁ ଆଦରି ନେଇଥିଲେ । ସେ ହେଉଛନ୍ତି, କଟକ ଜିଲ୍ଲା ନିଆଳି ବ୍ଲକ୍ ଅନ୍ତର୍ଗତ ବଗଲଗଡ଼ର ସମ୍ବିତ କୁମାର ରାୟ । ସେ ମିଷ୍ଟର ଇଣ୍ଡିଆ ୨୦୨୨ ଟାଇଟଲ୍ ହାସଲ କରିଛନ୍ତି । ‘ରାଜଯୋଗ’ ତାଙ୍କର ପ୍ରଥମ ଧାରାବାହିକ । ବର୍ତ୍ତମାନ ସେ ‘ ସାଥି ସାତ ଜନ୍ମର’ ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଲାଇଭ୍ ଷ୍ଟେଜ୍‌ରୁ କ୍ୟାମେରାକୁ ସାମ୍ନା କରି ସମ୍ବିତଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢୁଛି ତାହାକୁ ନେଇ ଏଇ ସ୍ୱତନ୍ତ୍ର ସାକ୍ଷାତକାର ।**

**ମଡେଲିଂରୁ ଅଭିନୟ ପ୍ରତି କିପରି ରୁଚି ଆସିଲା?**

- ଦଶମରୁ ଯୁକ୍ତ ତିନି ପଢ଼ିବା ଯାଏଁ ମୁଁ ଆର୍ମି ଚାକିରି କରିବାକୁ ବହୁତ ପରିଶ୍ରମ କରୁଥିଲି । ହଠାତ୍ ଏକ ମଞ୍ଚରେ ସାଧାରଣ ଯୁବକଙ୍କୁ ମଡେଲ୍ ପରି ଚାଲିବାକୁ ସୁଯୋଗ ମିଳୁଥିଲା । ସେଠାରେ ମୁଁ ଚାଲିଥିଲି । ମୋ ନୀରବତା ଆଉ ମଡେଲ ପରି ଚାଲିକୁ ବହୁତ ପ୍ରଶଂସା ମିଳିଥିଲା । ସମସ୍ତେ ମୁଁ ମଡେଲିଂ ଲାଇନ୍‌ରେ ଯାଏଁ ବୋଲି ଚାହିଁଥିଲେ । ତେଣୁ ସାହିଲ୍ ସାର୍‌ଙ୍କ ମାର୍ଗଦର୍ଶନରେ ମଡେଲିଂକୁ ଆଦରି ନେଇଥିଲି । ଖୁବ୍ ସଂଘର୍ଷ କରିବାକୁ ପଡ଼ିଛି । ମଡେଲିଂ ପାଇଁ ଓଡ଼ିଶାରେ ସେମିତି କିଛି ସୁଯୋଗ ନ ମିଳିବାରୁ ଧାରାବାହିକ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଉଚିତ ମଣିଥିଲି । ଏଥିପାଇଁ ଅଡିସନ୍ ଦେବା ଆରମ୍ଭ କରିଦେଇଥିଲି । ପ୍ରଥମେ ‘ରାଜଯୋଗ’ରେ ଅଭିନୟ କରିବାକୁ ସୁଯୋଗ ପାଇଥିଲି । ପରେ ଦୀପୁ ଭାଇଙ୍କ ଦିଗ୍‌ଦର୍ଶନରେ ‘ସନ୍ଧ୍ୟା ରାଗିଣୀ’ ଧାରାବାହିକରେ ଅଭିନୟ କରିଥିଲି । ଏବେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଦର୍ଶକଙ୍କ ହୃଦୟରେ ରହିବା ପାଇଁ ଭଲ ଅଭିନୟ କରିବାକୁ ପ୍ରାଧାନ୍ୟ ଦେଉଛି ।

**କ୍ୟାମେରା ସାମ୍ନାରେ ପ୍ରଥମ ଦିନ କେମିତି ଥିଲା?**

- ଅଭିନୟ କ’ଣ ମୋତେ ଜଣାନଥିଲା । ପ୍ରଥମ ଧାରାବାହିକ ସୁଟିଂ ପୂର୍ବରୁ କ୍ୟାମେରାକୁ ସାମ୍ନା କରିବା ପାଇଁ ଦର୍ପଣ ଆଗେ ସଂଳାପ ଅଭ୍ୟାସ କରିଥିଲି । ତେବେ ପୂରା ଟିମ୍ କ୍ୟାମେରା ସାମ୍ନାରେ ଭଲ ଅଭିନୟ କରିବାକୁ ଭରପୂର ସାହସ ଓ ଉତ୍ସାହ ଯୋଗାଇ ମୋ ମନୋବଳ ବଢ଼ାଇଥିଲେ । ଫଳରେ ମୁଁ ଖୁବ୍ ସହଜରେ କ୍ୟାମେରାକୁ ସାମ୍ନା କରିଥିଲି ।

**ପ୍ରଥମେ ପଜିଟିଭ ଏବଂ ପରେ ନେଗେଟିଭ୍ ଚରିତ୍ରରେ କାମ କରିବାକୁ ସମସ୍ୟା ହୋଇନଥିଲା?**

- ଜଣେ ଭଲ କଳାକାର ହେବା ମୋର ଉଦ୍ଦେଶ୍ୟ । ମୋତେ ଯେଉଁ ଚରିତ୍ର ମିଳିବ ତାହାକୁ ମୁଁ କରିବି । ତେଣୁ ସମୟ ଓ ସୁଯୋଗକୁ ଉପଯୋଗ କରି ମୋର ପ୍ରତିଭାକୁ ପ୍ରମାଣିତ କରିବାକୁ ଚାହିଁଛି । ନାୟକ କି ଖଳନାୟକ ଉଭୟ ଚରିତ୍ରକୁ ବେଶ୍ ନିଖୁଣ ଭାବେ ଫୁଟାଇବାକୁ ଚେଷ୍ଟା କରିଛି । ଗୋଟିଏ କଥା କହିବି, ଅଭିନୟ ହିଁ ମୋତେ ପରିଚୟ ଦେଇଛି ।

**‘ସାଥି ସାତ ଜନ୍ମର’ରେ ଅଭି ଚରିତ୍ର ସମ୍ପର୍କରେ କ’ଣ କହିବେ?**

- ଏହି ଧାରାବାହିକରେ ମୁଁ ନାୟିକାଙ୍କ ମଝିଆ ଭଉଣୀ ଉପାସନାର ବସ୍ ଅଭିଜିତ୍ ଚରିତ୍ରରେ ଅଭିନୟ କରୁଛି । ଅଫିସ୍‌କୁ ବାଦ୍ ଦେଲେ ଆମ ଭିତର ସମ୍ପର୍କକୁ ନେଇ ତାଙ୍କ ଘରେ ତୁମ୍ବି ତୋଫାନ ହେଉଛି । ତେବେ ବର୍ତ୍ତମାନ ଯାଏଁ ମୋର ଚରିତ୍ର ସକାରାତ୍ମକ ଥିବାବେଳେ ଆଗାମୀ ଦିନରେ କ’ଣ ଟ୍ୱିଷ୍ଟ ଆସିବ ତାହା ଦର୍ଶକ ଜାଣିବେ ।

**ମଡେଲିଂ, ଅଭିନୟକୁ ବାଦ୍ ଦେଲେ, କ’ଣ କରନ୍ତି?**

- କ୍ରିକେଟ ଖେଳିବାକୁ ବହୁତ ଭଲଲାଗେ । ବିଭିନ୍ନ ଶୋ’ର ନୂଆ ନୂଆ ଚରିତ୍ରକୁ ଦେଖି ଅନୁକରଣ କରୁଥାଏ । ଫଟୋସୁଟ୍ କରିଥାଏ ।

**ସୁଟିଂ ନଥିଲେ କ’ଣ କରନ୍ତି?**

- ସୁଟିଂ ପାଇଁ ବହୁତ ସମୟ ଦେବାକୁ ପଡ଼େ । ଏଥିରୁ ଫୁରସତ୍ ମିଳିଲେ ମୁଁ ମୋ ପରିବାର ଓ ବନ୍ଧୁମାନଙ୍କ ସହିତ ସମୟ ଅତିବାହିତ କରିଥାଏ ।

**ଫିଟ୍ ରହିବାର ମୂଳମନ୍ତ୍ର?**

- ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ୧୨ ଘଣ୍ଟା ସୁଟିଂ କରି ସୁସ୍ଥ ରହିବା ଆମ ପାଇଁ ଚ୍ୟାଲେଞ୍ଜିଂ ହୋଇଥାଏ । ତେଣୁ ଶାରୀରିକ ବ୍ୟାୟାମ ସହିତ କମ୍ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇଥାଏ । ଚର୍ମର ମଧ୍ୟ ବିଶେଷ ଦେଖାରଖା କରିବାକୁ ହୋଇଥାଏ ।

**ଧାରାବାହିକରୁ ପ୍ରଶଂସା ପାଇବା ପରେ ସିନେମା ଆଡ଼କୁ ମନ ବଳୁଛି କି?**

- ବର୍ତ୍ତମାନ ମୋ ଚରିତ୍ରରେ ମୁଁ ବୁଡ଼ି ରହିବାକୁ ପ୍ରାଧାନ୍ୟ ଦେଉଛି । କିନ୍ତୁ ହଁ ଆଗାମୀ ଦିନରେ ମୁଁ ନିଶ୍ଚୟ ଫିଲ୍ମ କରିବି ।

**ଆପଣଙ୍କ ଡ୍ରିମ୍ ରୋଲ୍ କ’ଣ?**

- ସ୍ୱାଏ ଟାଇପ୍‌ର ଚରିତ୍ର କରିବାକୁ ଇଚ୍ଛା ରହିଛି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ କ’ଣ କରିବା ଆବଶ୍ୟକ?**

- ଯେଉଁମାନେ ଅଭିନୟ ଜଗତକୁ ଆସୁଛନ୍ତି ସେମାନଙ୍କର ଅସୀମ ଧୈର୍ଯ୍ୟ ଥିବା ଦରକାର । ନାଁ କରିବାକୁ ଆଶା ରଖିଲେ କଠିନ ପରିଶ୍ରମ କରିବାକୁ ହେବ । ଦ୍ୱିତୀୟରେ ବଡ଼ି ଲାଙ୍ଗୁଏଜ୍ ଓ ଅଭିନୟ । ତେଣୁ ସଫଳତା ପାଇବା ପାଇଁ ସଂଘର୍ଷ ଜାରି ରଖିବା ଦ୍ୱାରା ସ୍ୱପ୍ନ ସାକାର ହୋଇଥାଏ ।



# ଡେଲିଭରି ଗାର୍ଲ ଚରିତ୍ରରେ ଅର୍ଚ୍ଚିତା

ଅଗଷ୍ଟ ୨୭ ତାରିଖ ଗଣେଶ ପୂଜାରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ଡେଲିଭରି ବୟ-୨’ । ଏଥିରେ ଡେଲିଭରି ଗାର୍ଲ ଭୂମିକାରେ ନଜର ଆସିବେ ଚୁଲ୍‌ବୁଲି ଅଭିନେତ୍ରୀ ଅର୍ଚ୍ଚିତା । ସେ ନିଜର ବଳିଷ୍ଠ ଅଭିନୟ ସାଙ୍ଗକୁ ନୃତ୍ୟ ପାଇଁ ପ୍ରତିଟି ଓଡ଼ିଆ ଦର୍ଶକଙ୍କ ମନରେ ଘର କରିଛନ୍ତି । ଜ୍ୟୋତି ରଞ୍ଜନ ମହାନ୍ତି ପ୍ରଯୋଜିତ ଏବଂ ଅଶ୍ୱିନ ତ୍ରିପାଠୀ ନିର୍ଦ୍ଦେଶିତ ଏହି ସିନେମାରେ ଅର୍ଚ୍ଚିତାଙ୍କର ବଳିଷ୍ଠ ଅଭିନୟର ଯାଦୁ ଦର୍ଶକ ଦେଖିବାକୁ ପାଇବେ । ଅନେକ ନିଷ୍ଠାର ସହ ନିଜର ନିଖୁଣ ଅଭିନୟର ପରାକାଷ୍ଠା ଦେଖାଇଥିବା ଅନେକ ସାକ୍ଷାତକାରରେ କହିଛନ୍ତି । ମଲ୍ଟି ଷ୍ଟାର୍‌ଙ୍କୁ ନେଇ ନିର୍ମାଣ ହୋଇଥିବା ଡେଲିଭରି ବୟ-୨ ଏକ ସସ୍‌ପେନ୍ସ ତଥା ଥ୍ରୀଲର ଚଳଚ୍ଚିତ୍ର । ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ, କ୍ୟାମେରାରେ ଅଛନ୍ତି ଈଶ୍ୱର ବାରିକ । ପ୍ରଥମଥର ପାଇଁ ଡେଲିଭରି ବୟ ୨ ମାଧ୍ୟମରେ ଶୈଳେନ୍ଦ୍ର, ପ୍ରିୟମ୍ବଦା, ବୁଦ୍ଧାଦିତ୍ୟଙ୍କ ସମେତ ଶ୍ରୀତମ ଦାସ, ପୁପିନ୍ଦର ସିଂ, ସୁଶାନ୍ତ ଦାସ ମହାପାତ୍ର, ସନ୍ତୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ନିକଟରେ ଲୋକାଲ୍ ମାଧୁରୀ ଗୀତ ରିଲିଜ୍ ହୋଇ ରେକର୍ଡ ସୃଷ୍ଟି କରିଛି । ସେଇ ପ୍ରମୋସନାଲ୍ ଗୀତର ନୃତ୍ୟରେ ନାୟିକା ଭୂମିକା ଦାଶ ଯୁବପିଢ଼ିଙ୍କୁ ବେହୋସ କରିସାରିଲେଣି । ସିନେମାଟି ନିଶ୍ଚିତ ଭାବେ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ଏବଂ ବ୍ୟବସାୟିକ ସଫଳତା ଦେବା ଆଶା କରାଯାଉଛି ।

# ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ରେ ହିମାନୀ

ଅଗଷ୍ଟ ୯ ତାରିଖରୁ ଜୀ ସାର୍ଥକରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ’ ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ । ଏହି ଶୋ’ରେ ମୁମ୍ବାଇର ବରିଷ୍ଠ ଅଭିନେତ୍ରୀ ହିମାନୀ ଶିବପୁରୀ ଅତିଥି ବିଚାରକ ଭାବେ ଯୋଗ ଦେଇଥିଲେ । ‘ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ’ ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ । ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ବିଜେତାଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ’ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ଅଛନ୍ତି । ଅନନ୍ୟା ଏବଂ ରଞ୍ଜନ ଶୋ’ ସଂଚାଳନ କରୁଛନ୍ତି ।






# ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ହୁମା କ୍ୟୁରେସି ଫିଲ୍ମ ନିର୍ମାତା ଭାବେ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଛନ୍ତି । ସେ ଓ ତାଙ୍କ ଭାଇ ସାକିବ୍ ସଲିମ୍ ଖୁବ୍‌ଶୀଘ୍ର ନିଜର ପ୍ରଥମ ପ୍ରଡକ୍ସନ୍ ଫିଲ୍ମ ‘ବେବି ଡୁ ଡାଇ ଡୁ’ ରିଲିଜ୍ କରିବେ । ତେବେ ନିର୍ମାତା ହେବା ପଛର କାରଣ ସମ୍ପର୍କରେ ସେ କହିଛନ୍ତି । ହୁମାଙ୍କ ମତରେ ନିର୍ମାତା ହେବା ଦ୍ୱାରା ଭଲ କାହାଣୀ ନିଜେ ବାଛି ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରିବେ । ଅଭିନେତ୍ରୀ ଭାବେ ହୁମାଙ୍କୁ ଅନ୍ୟମାନେ ମନୋନୀତ କରୁଥିବା ଚରିତ୍ରରେ ନିର୍ଭର କରିବାକୁ ପଡ଼ିଥାଏ । ତେଣୁ ଏହାକୁ ନେଇ ତାଙ୍କ ମନରେ ନିରାଶା ରହୁଥିଲା । ସେଥିପାଇଁ ସେ ଓ ସାକିବ ନିଜେ କାହାଣୀ ତିଆରି କରିବା ନିଷ୍ପତ୍ତି ନେଇଛନ୍ତି ।

# ପ୍ୟାଣ୍ଟ ପିନ୍ଧିବାରେ ସମସ୍ୟା ଚିନ୍ତାରେ ଅମିତାଭ



ବଲିଉଡ୍‌ର ବର୍ଷୀୟାନ ଅଭିନେତା ଅମିତାଭ ବଚ୍ଚନ ଏବେ ୮୩ ବର୍ଷ ବୟସ ଦେଇ ଅତିକ୍ରମ କରିବାକୁ ଯାଉଛନ୍ତି । ହେଲେ ବଢୁଥିବା ବୟସକୁ ନେଇ ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡୁଥିବା କହିଛନ୍ତି । ଏପରିକି ନିତିଦିନର କିଛି କାମରେ ତାଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡୁଛି । ଅମିତାଭ ତାଙ୍କ ବ୍ଲଗ୍‌ରେ ପ୍ରଶଂସକଙ୍କ ସହ ନିଜ ମନକଥା ସେୟାର୍ କରିଥାନ୍ତି । ନିକଟରେ ସେ ଏକ ଭାବୁକ ବ୍ଲଗ୍ ସେୟାର୍ କରିଛନ୍ତି । ଏଥିରେ ସାଧାରଣ କାମ କିଭଳି ଆହ୍ୱାନ ସୃଷ୍ଟି କରୁଛି, ସେ କଥା କହିଛନ୍ତି । ପ୍ରତ୍ୟେକ ରବିବାର ସେ ତାଙ୍କ ଘର ଜଲସା ବାହାରେ ନିଜ ପ୍ରଶଂସକଙ୍କୁ ଆଖିରେ ନ ଦେଖିବା ପର୍ଯ୍ୟନ୍ତ ଏତେ ଲୋକ ତାଙ୍କୁ କେବଳ ଦେଖିବା ପାଇଁ ଆସୁଥିବା ବିଶ୍ୱାସ କରି ନ ଥାନ୍ତି । ସେମାନଙ୍କର ଏହି ଚିୟରିଂ ତାଙ୍କୁ ଶକ୍ତି ଯୋଗାଏ । ସେହିପରି ଏବେ ତାଙ୍କ ଦିନଚର୍ଯ୍ୟା ଔଷଧ ଏବଂ ଏକ୍ସରସାଇଜ୍‌ରୁ ସ୍ଥିର ହେଉଛି । ଚଲାବୁଲା କରିବାରେ ଯେଭଳି କୌଣସି ସମସ୍ୟା ନ ହେବ, ନିତିଦିନ ସେ ଜିମ୍‌ରେ ମୋବିଲିଟି ଏକ୍ସରସାଇଜ୍ କରନ୍ତି । କେବଳ ସେତିକି ନୁହେଁ, ବିଗ୍ ବିଙ୍କୁ ଏବେ ପ୍ୟାଣ୍ଟ ପିନ୍ଧିବା, ତଳେ ପଡ଼ିଥିବା କାଗଜକୁ ଉଠାଇବା ଭଳି ସାଧାରଣ କାମରେ ସମସ୍ୟା ହେଉଥିବା କହିଛନ୍ତି । ତେଣୁ ଡାକ୍ତର ତାଙ୍କୁ ବସିକି ପ୍ୟାଣ୍ଟ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି । ଏପରିକି ଛିଡ଼ା ହୋଇ ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ଅମିତାଭଙ୍କ ବାଲାନ୍ସ ବିଗିଡ଼ିବା ନେଇ ଡାକ୍ତର ତାଙ୍କୁ ଚେତାଇ ଦେଇଛନ୍ତି । ଅନ୍ୟପଟେ ଚଲାବୁଲା ସମୟରେ ଯେମିତି ତାଙ୍କୁ ସାହାରା ମିଳିବ, ତାଙ୍କ ଘରର ପ୍ରତି ସ୍ଥାନରେ ସ୍ପୋର୍ଟସ ରୋଲିଂ ଲଗାଯାଇଛି । ଅବଶ୍ୟ ପ୍ରଥମେ ଏହିସବୁ କାମ ତାଙ୍କୁ ସହଜ ଲାଗୁଥିଲା । ହେଲେ ଏବେ ଏହା ବଡ଼ କାମ ବୋଲି ସେ ବୁଝିଥିବା କହିଛନ୍ତି । ତେବେ ତାଙ୍କ ପ୍ରଶଂସକଙ୍କୁ ଏଭଳି ସ୍ଥିତି ସାମ୍ନା ନ କରିବାକୁ ପଡୁ ବୋଲି କହନ୍ତି । ଏହାବାଦ୍ ଏଭଳି ବାସ୍ତବିକତା ପ୍ରତ୍ୟେକ ମଣିଷ ଜୀବନରେ ଆସିଥାଏ ବୋଲି ଅମିତାଭ ନିଜ ପୋଷ୍ଟ ଶେଷରେ କହିଛନ୍ତି ।

**ପରଦା ପଛର କାହାଣୀ**

# ଝୁମ୍ପୁଡ଼ିରେ ନେଉଥିଲେ ମେକ୍‌ଅପ୍

୧୯୭୫ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ ‘ସୋଲେ’ ଏକ କଲ୍ଟ୍ କ୍ଲାସିକ୍ ଫିଲ୍ମ ଭାବେ ଜଣାଯାଏ । ଏହି ଫିଲ୍ମରେ ଧର୍ମେନ୍ଦ୍ର, ହେମାମାଳିନୀ, ଅମିତାଭ ବଚ୍ଚନ, ସଞ୍ଜୀବ କପୁରଙ୍କ ଭଳି ଲୋକପ୍ରିୟ ଅଭିନେତା ଅଭିନେତ୍ରୀ ଚମତ୍କାର ଅଭିନୟ କରିଛନ୍ତି । ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ରମେଶ ସିପି । ନିକଟରେ ଏହି ଫିଲ୍ମକୁ ୫୦ ବର୍ଷ ପୂରିଛି । ଏହାକୁ ଦୃଷ୍ଟିରେ ରଖି ଫିଲ୍ମ ନିର୍ଦ୍ଦେଶକ ସଚିନ ପିଲଗାଁବକର ନିକଟରେ ଫିଲ୍ମ ସୋଲେ ସେଟ୍‌କୁ ନେଇ ଏକ ରୋଚକୀୟ କଥା ଖୁଲାସା କରିଛନ୍ତି । ସେ ସମୟରେ ସେଟ୍‌ରେ ଭାନିଟି ଭ୍ୟାନ ନ ଥିଲା, ତେଣୁ କଳାକାରମାନଙ୍କୁ ଝୁମ୍ପୁଡ଼ିରେ ସୁସଜ୍ଜିତ ଏୟାର୍ କଣ୍ଡିସନ୍‌ରେ ମେକ୍‌ଅପ୍ ଦିଆଯାଇଥିଲା । ସେହିପରି ତାଙ୍କ କହିବାନୁଯାୟୀ ଫିଲ୍ମରେ ଦେଖାଯାଇଥିବା ଗାଁ ରାମନଗରମ୍ ବାସ୍ତବରେ ଅସଲି ଗାଁ ନ ଥିଲା । ଏହା ଏକ ସେଟ୍ ଥିଲା । ଏହା ବାହାରୁ ଝୁମ୍ପୁଡ଼ି ଭଳି ଦିଶୁଥିଲା । କିନ୍ତୁ ଭିତରେ ଆଧୁନିକ ଶୈଳୀରେ ସୁସଜ୍ଜିତ ପରିବେଶ ଅନୁକୂଳ ମେକ୍‌ଅପ୍ ରୁମ୍ ଥିଲା । ଏହି ଝୁମ୍ପୁଡ଼ିରେ ଶୌଚାଳୟ ରହିଥିଲା । ଏଥିସହ ଗୋଟିଏ ପଞ୍ଚତାରକା ହୋଟେଲ ଭଳି ଏଠାରେ ସମସ୍ତ ସୁବିଧା ଥିଲା । ସେଥିମଧ୍ୟରୁ ଗୋଟିଏ ଝୁମ୍ପୁଡ଼ି ମେକ୍‌ଅପ୍ ରୁମ୍ ତାଙ୍କୁ ଅର୍ଥାତ୍ ସଚିନଙ୍କୁ ମିଳିଥିଲା । ଏଥିପାଇଁ ସେ ବେଶ୍ ଖୁସି ଅନୁଭବ କରିଥିଲେ । ସଚିନ୍ ଏହି ଫିଲ୍ମରେ ରହିମ୍ ଚାଚାଙ୍କ ପୁଅର ଚରିତ୍ର ନିର୍ବାହ କରିଥିଲେ । ଏହି ଫିଲ୍ମ ନିଜର ଭବ୍ୟତା , ଅଭିନୟ, କୌଶଳ, ଆକ୍ସନ, ସଂଗୀତ ଆଦି ପାଇଁ ହିନ୍ଦୀ ସିନେମାର ଏକ ଲୋକପ୍ରିୟ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା । ଏହି ଫିଲ୍ମର କାହାଣୀ ସଲୀମ–ଜାବେଦ ଲେଖିଥିଲେ । ଏହା ଭାରତୀୟ ସିନେମାରେ ସବୁଠୁ ଦୀର୍ଘ ସମୟ ଚାଲିଥିବା ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା ।



■ ସର୍ବାଧିକ ଫୁଟବଲ ମ୍ୟାଚ୍

# ଫାବିଓଙ୍କ ବିଶ୍ୱରେକର୍ଡ



ରିଓ ଡି ଜାନେଇରୋ,୨୦।୮ (ଏଜେନ୍ସି): ବ୍ରାଜିଲର ୪୪ ବର୍ଷୀୟ ଗୋଲରକ୍ଷକ ଫାବିଓ ସର୍ବାଧିକ ଫୁଟବଲ ମ୍ୟାଚ୍ ଖେଳିବାର ବିଶ୍ୱରେକର୍ଡ କରିଛନ୍ତି। ମଙ୍ଗଳବାର ମାରାକାନାରେ ଖେଳାଯାଇଥିବା କଲମ୍ବିଆର ଆମେରିକା ଡି କାଲି ବିପକ୍ଷ ମ୍ୟାଚ୍‌ରେ ଫ୍ଲୁମିନେନ୍ସ ପକ୍ଷରୁ ଖେଳି ପ୍ରତିଯୋଗିତାମୂଳକ ଫୁଟବଲ ଖେଳରେ ଏହି ବିଶ୍ୱରେକର୍ଡ କରିଛନ୍ତି। ଫ୍ଲୁମିନେନ୍ସ କ୍ଲବ୍ ପକ୍ଷରୁ ଏହା ଥିଲା ଫାବିଓଙ୍କର ୨୩୫ତମ ତଥା ତାଙ୍କ କ୍ୟାରିୟରର ୧୩୯୧ତମ ମ୍ୟାଚ୍। ଏହି ମ୍ୟାଚ୍‌ରେ ଫ୍ଲୁମିନେନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହା ଫଳରେ ସେ ଇଂଲଣ୍ଡର ଗୋଲରକ୍ଷକ ପିଟର ସିଲଟନଙ୍କ ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ୧୯୯୭ରେ ସିଲଟନ ଅବସର ନେବା ପୂର୍ବରୁ ୧୩୯୦ତମ ମ୍ୟାଚ୍ ଖେଳିଥିଲେ। ବ୍ରାଜିଲୀୟ ଫାବିଓ ୨୦୦୫ରୁ ୨୦୨୨ ମଧ୍ୟରେ କ୍ରୁଜେଇରୋ ପକ୍ଷରୁ ୯୭୬ଟି ମ୍ୟାଚ୍, ଭାସ୍କୋ ଡା ଗାମା ପକ୍ଷରୁ ୧୫୦, ଉନାଇଓ ବାନ୍ଦେରେଟ ପକ୍ଷରୁ ୩୦ଟି ଏବଂ ଫ୍ଲୁମିନେନ୍ସ ପକ୍ଷରୁ ୨୩୫ଟି ମ୍ୟାଚ୍ ଖେଳିଛନ୍ତି।

# ଡୁରାଣ୍ଡ କପ୍: ଇଷ୍ଟ ବେଙ୍ଗଲକୁ ହରାଇ ଫାଇନାଲରେ ଡାଏମଣ୍ଡ ହବର୍

କୋଲକାତା, ୨୦।୮ (ଏଜେନ୍ସି): ପଦାର୍ପଣକାରୀ ଡାଏମଣ୍ଡ ହବର୍ ଦଳ ଚଳିତ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ସେମିଫାଇନାଲରେ ଦୁଇ ଘରୋଇ ଦଳ ଡାଏମଣ୍ଡ ହବର୍ ଓ ଇଷ୍ଟ ବେଙ୍ଗଲ ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ୨-୧ ଗୋଲରେ ହରାଇ ଡାଏମଣ୍ଡ ହବର୍ ଫାଇନାଲରେ ପହଞ୍ଚିଯାଇଛି। ଅଗଷ୍ଟ ୨୩ରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ମ୍ୟାଚ୍ ଖେଳାଯିବ। ପୂର୍ବରୁ ପ୍ରଥମ ସେମିରେ ନର୍ଥଇଷ୍ଟ ୧-୦ ଗୋଲରେ ସିଲଂ ଲାଜଂ ଦଳକୁ ପରାସ୍ତ କରିଥିଲା। ଉଲ୍ଲେଖଯୋଗ୍ୟ, କୋଲକାତାଭିତ୍ତିକ ଦଳ ଡାଏମଣ୍ଡ ହବର୍ ୨୦୨୦ରେ ସ୍ଥାପନ ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ ଏହାର ସଭାପତି ରହିଛନ୍ତି। ଦଳ ପ୍ରଥମଥର ଡୁରାଣ୍ଡ କପ୍‌ରେ ପାଦ ଥାପି ଫାଇନାଲରେ ପହଞ୍ଚିଛି।

# ଭାରତୀୟ ଦଳରେ ଅମିତ୍, ଶିଳାନନ୍ଦ

ଏସିଆ କପ୍ ହକି

ବେଙ୍ଗାଲୁରୁ, ୨୦।୮ (ଏଜେନ୍ସି):

ଆଗାମୀ ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଲାଗି ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡ୍ରାଗଫ୍ଲିକର ହରମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ୍ ରୋହିଦାସ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ସେହିଭଳି ଦୁଇଜଣିଆ ରିଜର୍ଭ ଖେଳାଳି ତାଲିକାରେ ଓଡ଼ିଶାର ନୀଲମ ସଞ୍ଜୀପ ଖେସଙ୍କୁ ମଧ୍ୟ ରଖାଯାଇଛି।

ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଲାଗି ଏକ ଅଭିଜ୍ଞ ଓ ସନ୍ତୁଳିତ ଦଳ ଘୋଷଣା କରିଛନ୍ତି। 'ଆମେ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦଳ ଗଠନ କରିଛୁ। ଯେଉଁମାନେ କି ଚାପର ପରିସ୍ଥିତିରେ କେଉଁଭଳି ପ୍ରଦର୍ଶନ ଆବଶ୍ୟକ ତାହା ଭଲ ଭାବରେ ଜାଣିଛନ୍ତି। ଏସିଆ କପ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା। ୨୦୨୬ ବିଶ୍ୱକପ୍ ଲାଗି ଏଥିରୁ ସିଧାସଳଖ ଯୋଗ୍ୟତା ବ୍ୟବସ୍ଥା ରହିଛି। ତେଣୁ ଏହି ଦଳ ଦୃଢ଼ ଭାବରେ ମୁକାବିଲା କରି ଆମର ମୁଖ୍ୟ ଲକ୍ଷ୍ୟକୁ ହାସଲ କରିବା ନେଇ ଆଶାବାଦୀ ରହିଛି ବୋଲି ଫୁଲଟନ୍ କହିଛନ୍ତି। ଘୋଷିତ ଦଳରେ କିଷନ ବାହାଦୂର ପାଠକ ଓ ସୂରଜ କେରକେରା ଗୋଲ୍‌ରକ୍ଷଣ ଭାର ସମ୍ଭାଳିବେ।

ବିହାରର ରାଜଗିରିରେ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତୀୟ ହକି ଦଳ ପୁଲ୍-ଏ'ରେ ସ୍ଥାନ ପାଇଛି। ଭାରତ ସହ ଜାପାନ, ଚାଇନା ଓ କାଜଖସ୍ତାନ ଏହି ପୁଲ୍‌ରେ ରହିଛନ୍ତି। ଉଦ୍‌ଘାଟନୀ ଦିବସରେ ଚାଇନା ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୩୧ରେ ଜାପାନ ଓ ସେପ୍ଟେମ୍ବର ୧ରେ କାଜାଖସ୍ତାନ ସହ ଶେଷ ପୁଲ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ସର୍ବାଧିକ ୫ଥରର ବିଜେତା କୋରିଆ ସହ ମାଲେସିଆ, ବାଂଲାଦେଶ, ଚାଇନିଜ ତାଇପେଇ ପୁଲ୍-ବି'ରେ ରହିଛନ୍ତି। ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ପରେ ବାଂଲାଦେଶକୁ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏସିଆ କପ୍‌ର ବିଜେତା ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ କୋରିଆ ୫ଥର ଟାଇଟଲ୍ ଜିତି ସବୁଠୁ ଶ୍ରେଷ୍ଠ ଦଳ ରହିଛି। ସେହିଭଳି ଭାରତ ଓ ପାକିସ୍ତାନ ୩ଥର ଲେଖାଏ ଟ୍ରଫି ଜିତିଛନ୍ତି। ଭାରତ ଶେଷଥର ଲାଗି ୨୦୧୭ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।



## ଘୋଷିତ ଭାରତୀୟ ଦଳ

**ଗୋଲ୍‌କିପର:** କିଷନ ବାହାଦୂର ପାଠକ, ସୂରଜ କେରକେରା
**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ
**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ
**ଫରୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ
**ରିଜର୍ଭ ଖେଳାଳି:** ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୨୯।୮ | ମାଲେସିଆ-ବାଂଲାଦେଶ | ସକାଳ ୯ଟା |
| ୨୯।୮ | ଦ. କୋରିଆ-ଚାଇନିଜ ତାଇପେଇ | ପୂର୍ବାହ୍ଣ ୧୧ଟା |
| ୨୯।୮ | ଜାପାନ-କାଜାଖସ୍ତାନ | ଅପରାହ୍ଣ ୧ଟା |
| ୨୯।୮ | ଭାରତ-ଚାଇନା | ଅପରାହ୍ଣ ୩ଟା |
| ୩୦।୮ | ବାଂଲାଦେଶ-ଚାଇନିଜ ତାଇପେଇ | ଅପରାହ୍ଣ ୧ଟା |
| ୩୦।୮ | ଦ.କୋରିଆ-ମାଲେସିଆ | ଅପରାହ୍ଣ ୩ଟା |
| ୩୧।୮ | ଚାଇନା-କାଜାଖସ୍ତାନ | ଅପରାହ୍ଣ ୧ଟା |
| ୩୧।୮ | ଭାରତ-ଜାପାନ | ଅପରାହ୍ଣ ୩ଟା |
| ୧।୯ | ବାଂଲାଦେଶ-ଦ.କୋରିଆ | ଅପରାହ୍ଣ ୧ଟା ୩୦ |
| ୧।୯ | ମାଲେସିଆ-ଚାଇନିଜ ତାଇପେଇ | ଅପରାହ୍ଣ ୩ଟା ୩୦ |
| ୧।୯ | ଚାଇନା-ଜାପାନ | ସନ୍ଧ୍ୟା ୫ଟା ୩୦ |
| ୧।୯ | ଭାରତ-କାଜାଖସ୍ତାନ | ରାତି ୭ଟା ୩୦ |
| ୩।୯ | ସୁପର୍-୪ ପର୍ଯ୍ୟାୟ ଆରମ୍ଭ | |
| ୭।୯ | ଫାଇନାଲ | |

ପୁଲ୍-ଏ: ଭାରତ, ଚାଇନା, ଜାପାନ, କାଜାଖସ୍ତାନ
ପୁଲ୍-ବି: ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ ତାଇପେଇ, ବାଂଲାଦେଶ

# ଜାତୀୟ ଜୁନିଅର ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୦।୮ (ସମିସ): ପଞ୍ଜାବରେ ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ଓଡ଼ିଶା ଦଳ ଏକପାଖିଆ ଭାବେ ୯-୦ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ହାରୁନ ମିଞ୍ଜ, ନୀତେଶ ମିଞ୍ଜ, ଅଭିଷେକ ଟପ୍ପୋ, କରନ ଲାକ୍ରା, ଯୋଜିନ ମିଞ୍ଜ, ଦୀପକ ପ୍ରଧାନ, ବିଲ୍‌କାନ ଓରାମ ଓ ରିତିକ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟ କ୍ୱାର୍ଟରଫାଇନାଲରେ ହରିୟାଣା ୩-୨ରେ କର୍ଣ୍ଣାଟକକୁ, ଉତ୍ତର ପ୍ରଦେଶ ୨-୧ରେ ମଧ୍ୟ ପ୍ରଦେଶକୁ ଓ ପଞ୍ଜାବ ୪-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଗୁରୁବାର ସେମିଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶା ଓ ପଞ୍ଜାବ ସାମ୍ନାସାମ୍ନି ହେବେ।

■ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ବରୋଦାଠୁ ୧୧୩ ରନରେ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ବେଙ୍ଗାଲୁରୁରେ ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ୧୧୩ ରନରେ ବରୋଦାଠାରୁ ପରାସ୍ତ ହୋଇଛି। ୨୮୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁକ୍ରବାର ଭାରତୀୟ ରେଳବାଇ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

ବରୋଦାର ପ୍ରଥମ ପାଳି ୩୮୧ ରନ ଜବାବରେ ଓଡ଼ିଶା ୩୫୨ ରନ ସଂଗ୍ରହ କରିଥିଲା। ୨୯ ରନରେ ଅଗ୍ରଣୀ ସହ ବୁଧବାର ବରୋଦା ଖେଳ ଆରମ୍ଭ କରିଥିଲା। ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ଇନିଂସ୍‌ରେ ବରୋଦା ସମସ୍ତ ୱିକେଟ ହରାଇ ୨୫୬ ରନ କରିଥିଲା। ହର୍ଷ ଦେଶାଇ ୮୧ ରନର ଦ୍ରୁତ ପାଳି ଖେଳିଥିଲେ। ଓପନର ନିତ୍ୟ ପାଣ୍ଡ୍ୟା ୫୪ ଏବଂ ମୋହିତ ମୋଙ୍ଗିଆ ୫୮ ରନ କରିଥିଲେ। ଓଡ଼ିଶା ତରଫରୁ ବାମହାତୀ ସ୍ପିନର ସୁମିତ ଶର୍ମା ୫୫ ରନ ବିନିମୟରେ ୬ଟି ୱିକେଟ ଦଖଲ କରିଥିଲେ। ବାଦଲ ବିଶ୍ୱାଳ ୨ଟି, ଗୋବିନ୍ଦ ପୋଦ୍ଦାର ଏବଂ ସୁନୀଲ ରାଉଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଜବାବରେ ୪୫ ଓଭରରେ ୨୮୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟ ସହ ୧୭୨ ରନରେ ସୀମିତ ରହିଥିଲା। ସମ୍ବିତ ବରାଳ ସର୍ବାଧିକ ୪୬ ରନ କରିଥିଲେ। ସୁନୀଲ ୩୮, ଅଧିନାୟକ ସ୍ୱସ୍ତିକ ସାମଲ ୩୪ ରନର ପାଳି ଖେଳିଥିଲେ। ଅଭିଜ୍ଞ ଶୁଭ୍ରାଂଶୁ ସେନାପତି ୧୦ ଏବଂ ଗୋବିନ୍ଦ ପୋଦ୍ଦାର ମାତ୍ର ୧ ରନରେ ଆଉଟ ହୋଇଥିଲେ। ବରୋଦାର ବାମହାତୀ ଆର୍ଯ୍ୟନ ଚାଭଡାଙ୍କୁ ୫ଟି ଓ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ୪ଟି ୱିକେଟ ଦଖଲ କରିଥିଲେ।

ଦୃଷ୍ଟିହୀନ ମହିଳା ଟି-୨୦

# ପୂର୍ବାଞ୍ଚଳର କ୍ରମାଗତ ବିଜୟ



ଭୁବନେଶ୍ୱର, ୨୦।୮ (ସମିସ): ବେଙ୍ଗାଲୁରୁରେ ଚାଲିଥିବା ଆନ୍ତଃଜୋନାଲ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ପୂର୍ବାଞ୍ଚଳ ଦଳ ୬ ରନରେ ଦକ୍ଷିଣାଞ୍ଚଳକୁ ପରାସ୍ତ କରିଛି। ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ୬ ୱିକେଟରେ ୧୫୨ ରନ କରିଥିଲା। ଦଳ ପକ୍ଷରୁ ପାର୍ବତୀ ମାରାଣ୍ଡି ୪୨, ଫୁଲ ୨୭, ରଚନା ଜେନା ୧୭ ଓ ମେହେକ ଲାକ୍ରା ୧୪ ରନ କରିଥିଲେ। ଜବାବରେ ଦକ୍ଷିଣାଞ୍ଚଳ ୮ ୱିକେଟରେ ୧୪୫ ରନ କରି ପରାସ୍ତ ହୋଇଥିଲା। ଦକ୍ଷିଣାଞ୍ଚଳର ୱିକେଟ୍ ଯାଇଥିବା ସମସ୍ତ ୮ଜଣ ବ୍ୟାଟର୍ ରନଆଉଟ୍ ହୋଇଥିଲେ। ଫୁଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପୂର୍ବାଞ୍ଚଳ ଦଳ ୧୦ ୱିକେଟରେ ଉତ୍ତରାଞ୍ଚଳକୁ ପରାସ୍ତ କରିଥିଲା।

ଜାତୀୟ ସବ୍‌ଜୁନିଅର ବାଳିକା ଫୁଟବଲ୍

# ମହାରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ଆସାମରେ ସବଜୁନିଅର ବାଳିକା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ମହାରାଷ୍ଟ୍ରର ଫରୱାର୍ଡ ସାନଭୀ ଚୌବେ ପ୍ରଥମ ଗୋଲ ଦେଇଥିଲେ। ଏହି ଗୋଲ ସହ ମହାରାଷ୍ଟ୍ର ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମହାରାଷ୍ଟ୍ର ୩ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିଲା। ୫୪ତମ ମିନିଟରେ ସାନଭୀ ଦ୍ୱିତୀୟ ଗୋଲ ଦେଇଥିଲେ। ୭୯ତମ ଓ ୮୪ତମ ମିନିଟରେ ହିମାନୀ ହେମନ୍ତ ରାୱତ ଅବଶିଷ୍ଟ ଦୁଇଟି ଗୋଲ ସ୍କୋର କରିଥିଲେ। ଶୁକ୍ରବାର ପଶ୍ଚିମବଙ୍ଗ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

ଜାତୀୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ

# ଦିବ୍ୟା ଶାନ୍ଦିଲ୍ୟଙ୍କୁ ରୌପ୍ୟ



କଟକ,୨୦।୮ (ସମିସ): ଚେନ୍ନାଇରେ ୬୪ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ୍ ଆଜିଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶାକୁ ଗୋଟିଏ ରୌପ୍ୟ ପଦକ ମିଳିଛି। ମହିଳା ହାମର୍ ଥ୍ରୋ ଇଭେଣ୍ଟରେ ଓଡ଼ିଆ ଆଥଲେଟ ଦିବ୍ୟା ଶାନ୍ଦିଲ୍ୟ ୫୯.୫୮ ମିଟର ସଫଳତା ସହ ରୌପ୍ୟ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ଉତ୍ତରପ୍ରଦେଶର ତାନ୍ୟା ଚୌଧୁରୀ (୬୩.୯୧ ମିଟର) ସ୍ୱର୍ଣ୍ଣ ଏବଂ ରାଜସ୍ଥାନର ମାୟା (୫୭.୫୭ ମିଟର) କାଂସ୍ୟ ପଦକ ଜିତିଛନ୍ତି। ସେହିପରି ପୁରୁଷ ୪୦୦ମିଟର ଦୌଡ଼ରେ ଆସ୍ତିକ ପ୍ରଧାନ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୦୦ମିଟର ଉଭୟ ପୁରୁଷ ଏବଂ ମହିଳା ଇଭେଣ୍ଟରେ ଓଡ଼ିଶା ନିରାଶ ହୋଇଛି। ଶ୍ରାବଣୀ ନନ୍ଦ ୮ମ ସ୍ଥାନରେ ରହି ହିଟ୍ ଶେଷ କରିଥିବା ବେଳେ ଡିଏମ ଜୟରାମ ୬ଷ୍ଠ ଓ ଶରୁଣ ପାୟାସିଂହ ୭ମ ସ୍ଥାନରେ ରହିଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ ୨୩ଜଣ ଆଥଲେଟ ଭାଗ ନେଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୪ଜଣ ପୁରୁଷ ଏବଂ ୯ଜଣ ମହିଳା ଖେଳାଳି ରହିଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

# 'ଆୟର, ସୁନ୍ଦରଙ୍କ ରାସ୍ତା ଶେଷ ହୋଇନାହିଁ'



ମୁମ୍ବଇ,୨୦।୮ (ଏଜେନ୍ସି):

ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଲାଗି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗତକାଲି ବରିଷ୍ଠ ଚୟନ କମିଟି ୧୫ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ କିଛି ତାରକା ଏବଂ ଫର୍ମରେ ଥିବା ଖେଳାଳି ଯଥା ଓପନର ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, ୱାଶିଂଟନ ସୁନ୍ଦର ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ କମିଟିକୁ ବିରୋଧ ଓ ସମାଲୋଚନା କରାଯାଉଛି। ବିଶେଷ କରି ଆଇପିଏଲ୍‌ର ୨୦୨୪ରେ କୋଲକାତାକୁ ଚାମ୍ପିଅନ ଓ ୨୦୨୫ରେ ପଞ୍ଜାବ କିଙ୍ଗ୍‌ସକୁ ରନର୍ସ ଅପ୍ କରାଇଥିବା ଶ୍ରେୟସ ଆୟରଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ ପ୍ରକ୍ରିୟାକୁ ନେଇ ସନ୍ଦେହ ପ୍ରକଟ କରାଯାଇଛି। କେଉଁ ଆଧାରରେ ଆୟରଙ୍କୁ ବାଦ୍ ଦିଆଯିବ ତାହାକୁ ନେଇ ସବୁଆଡେ ଚର୍ଚ୍ଚା। ଫର୍ମ ହେଉ ଅବା ଫିଟ୍‌ନେସ୍, ଟି-୨୦ ହେଉ ଅବା ଡେଜ୍ ଗେମ୍‌ରେ ଆୟର ଗତ କିଛି ଦିନ ଧରି ବେଶ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଆୟର ଏହି ଫର୍ମାଟରେ ସବୁଠାରୁ ଭଲ ଫର୍ମରେ ଅଛନ୍ତି। ଏପରିକି ଦଳରେ ସ୍ଥାନ ପାଇଥିବା ଓପନର ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ତିଳକ ବର୍ମାଙ୍କ ଅପେକ୍ଷା ଆୟର ଆଇପିଏଲ୍‌ରେ ଅଧିକ ରନ୍ କରିଛନ୍ତି ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଏଭଳି ଖେଳୁଥିବା ଜଣେ ଖେଳାଳିଙ୍କୁ ଦଳରେ ସ୍ଥାନ ନ ମିଳିବା, ଏପରିକି ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ସ୍ଥାନ ନ ଦେବା କେବଳ ଆୟର ନୁହେଁ ବରଂ ନିରପେକ୍ଷ ଭାରତୀୟ କ୍ରିକେଟ ସମର୍ଥକଙ୍କୁ ନିରାଶ କରିଛି। ଅନେକ ସମାଲୋଚକ ରିଙ୍କୁ ସିଂଙ୍କ ସାମିଲକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ରିଙ୍କୁଙ୍କ ସ୍ଥାନରେ ଆୟର ଫିଟ୍ ହେବେ ନାହିଁ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକର କହିଛନ୍ତି।

ତୀବ୍ର ଆଲୋଚନା ଓ ସମାଲୋଚନା ପରେ ଅଗରକର ଆଜି ପୁଣିଥରେ ତାଙ୍କ ପୁରୁଣା କଥା ଦୋହରାଇବା ସହ ଏହି ଦଳ କେବଳ ଗୋଟିଏ ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଛି। ଆମର ଲକ୍ଷ୍ୟ ରହିଛି ଘରୋଇ ମାଟିରେ ଖେଳାଯିବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ ଉପରେ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆମକୁ ଶ୍ରେଷ୍ଠ ୨୦ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଆମକୁ ୨୦ରୁ ୨୨ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହେବ। ଦଳର କୋର ଖେଳାଳି ତିଷ୍ଠି ରହିବେ। କିନ୍ତୁ କିଛି ଖେଳାଳି ନିଶ୍ଚିତ ପରିବର୍ତ୍ତିତ ହେବେ। ବିଶ୍ୱକପ୍ ଲାଗି ଆମକୁ ଏହି ଟୁର୍ଣ୍ଣାମେଣ୍ଟରୁ ପ୍ରସ୍ତୁତି ହୋଇଛି। ସମସ୍ତ ଖେଳାଳିଙ୍କୁ ସୁଯୋଗ ମିଳିବ ଓ ସେମାନଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଏହା ବ୍ୟତୀତ ଆହତ ସମସ୍ୟା ମଧ୍ୟ ରହିଛି। ଫର୍ମ ଓ ଇଞ୍ଜୁରୀକୁ ମୁକାବିଲା କରିବା ପରେ ଯେଉଁ ଖେଳାଳିମାନେ ତିଷ୍ଠି ରହିବେ ସେମାନଙ୍କୁ ନିଶ୍ଚିତଭାବେ ଦଳରେ ସ୍ଥାନ ମିଳିବ ବୋଲି ଅଗରକର କହିଛନ୍ତି। ଏବେ ଆମେ ଦଳରେ ୩ଜଣ ଓପନରଙ୍କୁ ସାମିଲ କରିଛୁ। ଏଣୁ ଯଶସ୍ୱୀ ଜୟସ୍ୱାଲଙ୍କୁ ସ୍ଥାନ ଦେଇ ପାରିନୁ। ମିଡିଲ ଅର୍ଡରରେ ଲମ୍ବା ଲାଇନ୍। ଆୟରଙ୍କ ଲାଗି ଏଠାରେ ସ୍ଥାନ ନାହିଁ। ସେହିପରି ଏବେ ଦଳରେ କାମଚଳା ଅଭିଷେକ ଶର୍ମାଙ୍କ ସହ ୪ ଜଣ ସ୍ପିନର ରହିଛନ୍ତି। ଏଣୁ ସୁନ୍ଦରଙ୍କୁ ନେଇପାରିନୁ। ସେ ଯାହା ହେଉ ପ୍ରତିଭାରେ ଭରପୁର ଭାରତୀୟ ଖେଳାଳିମାନଙ୍କୁ ୧୫ଜଣଙ୍କ ମଧ୍ୟରେ ସୀମିତ ରଖିବା କଷ୍ଟକର। ଏହି ଦଳ ନିଶ୍ଚିତ ବଦଳିବ ଓ ସମସ୍ତ ଖେଳାଳି ସୁଯୋଗ ପାଇବେ ବୋଲି ଅଗରକର କହିଛନ୍ତି।

ରାଜ୍ୟ ପୁଲିସ୍ ଫୁଟବଲ ଉଦ୍‌ଘାଟିତ

# ସୁନ୍ଦରଗଡ଼, ଝାରସୁଗୁଡ଼ା, ବ୍ରହ୍ମପୁର ଜିଲ୍ଲା ବିଜୟୀ



ସୁନ୍ଦରଗଡ଼/ରାଉରକେଲା,୨୦।୮ (ସମିସ): ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ବୁଧବାର ୮୦ତମ ରାଜ୍ୟ ପୁଲିସ୍ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଅନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ସେପ୍ଟେମ୍ବର ୩ ତାରିଖଯାଏ ଦୁଇଟି ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍‌ର ୪୭ଟି ଦଳ ଭାଗନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୪ଟି ଦଳ ଅଗଷ୍ଟ ୨୦ରୁ ୨୪ ଯାଏ ଖେଳିବେ। ସେହିପରି ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୩ ତାରିଖଯାଏ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୩ଟି ଦଳ ଭାଗନେବେ।

ବୁଧବାର ଉଦ୍‌ଘାଟନୀ ଦିବସରେ ୫ଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ୍ ୬-୦ ଗୋଲରେ ଭଞ୍ଜନଗରରେ ଥିବା ଅଷ୍ଟମ ସ୍ୱତନ୍ତ୍ର ଆଇଆର୍‌ବିଏନ୍‌କୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡ଼ାର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ୪-୦ ଗୋଲରେ ଶକ୍ତିଶାଳୀ କମିଶନରେଟ ପୁଲିସ୍‌କୁ ହରାଇଛି। ଭବାନୀପୁର ଖେଳପଡ଼ିଆରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ କୋରାପୁଟର ପ୍ରଥମ ଆଇଆର୍‌ବିଏନ୍ ୬-୦ ଗୋଲରେ ଢେଙ୍କାନାଳ ଜିଲ୍ଲା ପୁଲିସ୍‌କୁ ହରାଇଦେଇଛି। ଏଠାରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଝାରସୁଗୁଡା ଜିଲ୍ଲା ପୁଲିସ୍ ୪-୧ ଗୋଲରେ ଦେବଗଡ଼ରେ ଥିବା ଚତୁର୍ଥ ଆଇଆର୍‌ବିଏନ୍‌କୁ ପରାସ୍ତ କରିଛି। ପଞ୍ଚମ ତଥା ପ୍ରଥମ ଦିନ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ବ୍ରହ୍ମପୁର ଜିଲ୍ଲା ପୁଲିସ୍ ୨-୦ ଗୋଲରେ ଗଜପତିରେ ଥିବା ତୃତୀୟ ଏସ୍‌ଏସ୍‌ବିଏନ୍‌କୁ ପରାସ୍ତ କରିଛି।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି କୁଶଲକର ନିତିନ ଦାଗୁଡ୍ର, ରାଉରକେଲା ଏସ୍‌ପି ନିତେଶ ୱାଧାୱାନିଙ୍କ ସମେତ ଅନେକ ବରିଷ୍ଠ ପୁଲିସ୍ ଅଧିକାରୀ, ଖେଳାଳି ଓ ଅଫିସିଆଲ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS